


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-354 • BHUBANESWAR • SUNDAY • 22 JUNE 2025 • PAGE-12 • ₹ 6.00 | PANIKOILI | ବର୍ଷ-୪୨ • ସଂଖ୍ୟା-୩୫୪ • ଭୁବନେଶ୍ୱର • ରବିବାର • ୨୨ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)


# PRAYASH CLASSES

## NEET RESULT 2025

| 600+ MARKS | 550+ MARKS | 515+ MARKS | TOTAL NO. OF GOVT. MBBS | GOVT MBBS FROM INTEGRATED BATCH | TOTAL NO. OF AIIMS / SCB | IN AIR 1000 | IN AIR 10000 |
|---|---|---|---|---|---|---|---|
| 09 STUDENTS | 95 STUDENTS | 200 STUDENTS | 228 EXPECTED | 39 EXPECTED | 82 EXPECTED | 06 STUDENTS | 80 STUDENTS |

| | | | | | | | | | |
|---|---|---|---|---|---|---|---|---|---|
| 634 MARKS, AIR 180, PABITRA | 631 MARKS, AIR 219, ABHISHEK | 620 MARKS, AIR 456, ABHAYA | 611 MARKS, AIR 762, RITISHA | 609 MARKS, AIR 845, JAYJEET | 607 MARKS, AIR 967, ALYSSA | 606 MARKS, AIR 1007, BISHAL | 605 MARKS, AIR 1035, SANDIP | 602 MARKS, AIR 1250, OMKAR | 599 MARKS, AIR 1439, DEEPAK |
| 595 MARKS, AIR 1700, SWETALINA | 594 MARKS, AIR 1785, AYUSHMAN | 592 MARKS, AIR 2002, PREETAM | 591 MARKS, AIR 2070, SAISUDHA | 591 MARKS, AIR 2151, SWAYAMBHU | 590 MARKS, AIR 2276, SWAYAMSU | 589 MARKS, AIR 2295, VANEESHA | 589 MARKS, AIR 2339, ARYAN | 588 MARKS, AIR 2501, BARSHARANI | 585 MARKS, AIR 2769, SAI SARANYA |
| 585 MARKS, AIR 2800, MANOJ | 584 MARKS, AIR 2972, UTTAM | 583 MARKS, AIR 3018, SWAYAM | 583 MARKS, AIR 3076, SWAYANSHREE | 583 MARKS, AIR 3088, SHIBSAGAR | 582 MARKS, AIR 3177, ABHIJIT | 581 MARKS, AIR 3397, BHRUTI | 580 MARKS, AIR 3531, SAAHIL | 580 MARKS, AIR 3526, SWAGATIKA | 579 MARKS, AIR 3606, ANNAPURNA |
| 578 MARKS, AIR 3771, RAJESH | 577 MARKS, AIR 4055, PRIYANSHU | 577 MARKS, AIR 4064, DIPTIREKHA | 575 MARKS, AIR 4384, MIHIR | 575 MARKS, AIR 4468, ASHISH | 574 MARKS, AIR 4611, IPSITA NAYAK | 572 MARKS, AIR 4989, ALIVA | 571 MARKS, AIR 5158, IPSITA KAR | 571 MARKS, AIR 5158, ANSUMAN | 570 MARKS, AIR 5367, KANHEI |
| 569 MARKS, AIR 5596, SUMIT ROUT | 568 MARKS, AIR 5862, TANMAY | 568 MARKS, AIR 5898, A.S ANSHUMAN | 568 MARKS, AIR 5942, P.J.SONALI | 568 MARKS, AIR 6010, KUMAR PRINCE | 567 MARKS, AIR 6018, RUDRA | 567 MARKS, AIR 6078, R.S. AMRUTA | 567 MARKS, AIR 6129, SONALI | 567 MARKS, AIR 6291, SIBASISH | 566 MARKS, AIR 6487, SUNAYANA |
| 565 MARKS, AIR 6577, JASHOBANT | 565 MARKS, AIR 6734, PANKAJ | 565 MARKS, AIR 6831, SMRUTI | 564 MARKS, AIR 7032, ANWESHA | 564 MARKS, AIR 7135, SUBHRANSU | 563 MARKS, AIR 7245, SUCHI | 563 MARKS, AIR 7305, SOUMYASMITA | 563 MARKS, AIR 7335, SRIKRISHNA | 562 MARKS, AIR 7526, MONALISA | 562 MARKS, AIR 7568, ANSUMAN |
| 562 MARKS, AIR 7627, SWABHIMAN | 562 MARKS, AIR 7647, AYUSHMAN | 562 MARKS, AIR 7736, SUMIT | 562 MARKS, AIR 7747, SWARAJ | 561 MARKS, AIR 7959, OM MEHER | 561 MARKS, AIR 8007, SWASTIK | 561 MARKS, AIR 8138, DEEPAK | 560 MARKS, AIR 8386, ARPITA | 560 MARKS, AIR 8430, ASUTOSH | 559 MARKS, AIR 8574, ROJALIN |
| 559 MARKS, AIR 8579, SUSHREE | 559 MARKS, AIR 8725, ABHISHEK | 557 MARKS, AIR 9448, PRIYANKA | 557 MARKS, AIR 9457, ROHIT | 557 MARKS, AIR 9563, PRATIK | 556 MARKS, AIR 9569, ANANTA | 556 MARKS, AIR 9618, SAI SUBHRA | 556 MARKS, AIR 9821, ANINDITA | 556 MARKS, AIR 9835, KISHAN | 556 MARKS, AIR 9868, SMRUTI |
| 554 MARKS, AIR 10506, SIMRAN | 554 MARKS, AIR 10576, HARSHIT | 554 MARKS, AIR 10693, RUDRA | 553 MARKS, AIR 10804, PRAGYAN | 552 MARKS, AIR 11316, NIHARIKA | 552 MARKS, AIR 11343, PRIYANSHU | 552 MARKS, AIR 11409, SHIBASHISH | 552 MARKS, AIR 11570, MRUTUNJAY | 551 MARKS, AIR 11721, MOTILIPSHA | 551 MARKS, AIR 11868, SOUBHAGYA |
| 551 MARKS, AIR 11948, SUNIL | 550 MARKS, AIR 12000, HEMANTA | 550 MARKS, AIR 12067, GOURAB | 550 MARKS, AIR 12229, NIHARIKA | 550 MARKS, AIR 12295, NATASHA | 549 MARKS, AIR 12463, SAIKISHAN | 549 MARKS, AIR 12465, SUBHASISH | 549 MARKS, AIR 12627, ABHISHEK | 549 MARKS, AIR 12713, SIDHARTHA | 549 MARKS, AIR 12720, SWOSTIK |
| 549 MARKS, AIR 12772, MRITYONJAY | 548 MARKS, AIR 12935, AYUSH | 548 MARKS, AIR 13046, KRISHNA | 548 MARKS, AIR 13103, UMASHANKAR | 548 MARKS, AIR 13147, ANWESHA | 548 MARKS, AIR 13282, PRIYANSHU | 548 MARKS, AIR 13361, PRIMESH | 547 MARKS, AIR 13496, PRAJAKTA | 547 MARKS, AIR 13669, SUBHASMITA | 547 MARKS, AIR 13718, OMM JYOTI |
| 546 MARKS, AIR 14008, SNEHASIS | 546 MARKS, AIR 14083, AJITESH | 546 MARKS, AIR 14145, ANIL | 546 MARKS, AIR 14296, BISWESWAR | 546 MARKS, AIR 14301, ULLASH | 545 MARKS, AIR 14562, ROHIT | 545 MARKS, AIR 14563, SANGRAM | 545 MARKS, AIR 14661, ARPITA | 545 MARKS, AIR 14750, SOUMIK | 544 MARKS, AIR 14931, ANKITA |
| 544 MARKS, AIR 15061, SWEET | 543 MARKS, AIR 15778, SWATI | 542 MARKS, AIR 15930, JYOTIRANJAN | 542 MARKS, AIR 16027, SATYASWARUP | 542 MARKS, AIR 16057, MANDEEP | 542 MARKS, AIR 16142, SUBHAM | 542 MARKS, AIR 16754, AAYUSH | 541 MARKS, AIR 16626, SUNITA | 541 MARKS, AIR 16694, PRIYANSHU | 540 MARKS, AIR 17340, MANJULATA |
| 540 MARKS, AIR 17371, YAGNYASENI | 540 MARKS, AIR 17440, HIMANSHU | 539 MARKS, AIR 17787, ASHUTOSH | 538 MARKS, AIR 18239, SWAYAM | 538 MARKS, AIR 18649, SUBHAJIT | 537 MARKS, AIR 19169, ARMAN | 536 MARKS, AIR 19782, ABHINAB | 535 MARKS, AIR 20330, PAYAL | 535 MARKS, AIR 20528, OM TIWARI | 534 MARKS, AIR 20866, NITISH |
| 533 MARKS, AIR 21842, SANJEEV | 533 MARKS, AIR 22030, SASWAT | 532 MARKS, AIR 22305, PRIYANKA | 532 MARKS, AIR 22372, ANSUMAN | 532 MARKS, AIR 22434, SHREYASEE | 531 MARKS, AIR 23225, ANUSKA | 531 MARKS, AIR 23395, BISWAJIT | 531 MARKS, AIR 23437, ADYASHA | 530 MARKS, AIR 23731, OMM PRATIK | 530 MARKS, AIR 23942, SOUBHAGYA |
| 529 MARKS, AIR 24586, JAGRUTI | 528 MARKS, AIR 25583, SUBHASMITA | 527 MARKS, AIR 26034, BARSHA | 527 MARKS, AIR 26145, HARMONY | 527 MARKS, AIR 26309, ASIM | 527 MARKS, AIR 26463, DIBYAJYOTI | 526 MARKS, AIR 26487, AYUSHMAN | 526 MARKS, AIR 26657, SUBHAM | 526 MARKS, AIR 26821, BISHNU | 526 MARKS, AIR 27085, SOBHALIN |
| 525 MARKS, AIR 27601, AADITYA | 525 MARKS, AIR 27640, SASMITA | 525 MARKS, AIR 27702, SPANDITA | 524 MARKS, AIR 28179, ANSHUMAN | 524 MARKS, AIR 28186, ANANYA | 524 MARKS, AIR 28428, RUPASHREE | 524 MARKS, AIR 28476, NIHARIKA | 524 MARKS, AIR 28507, RATNABALI | 524 MARKS, AIR 28543, SWAGAT | 523 MARKS, AIR 29176, SATWIK |
| 523 MARKS, AIR 29466, SUBHAM | 523 MARKS, AIR 29533, ANEESH | 523 MARKS, AIR 29750, DEBAJYOTI | 522 MARKS, AIR 29933, ABHILIPSA | 522 MARKS, AIR 30004, RAJNANDINI | 521 MARKS, AIR 30737, ANWESHA | 521 MARKS, AIR 30887, MONALISHA | 521 MARKS, AIR 31269, SOMYA | 520 MARKS, AIR 31642, REONA | 520 MARKS, AIR 31854, SOURAV |
| 520 MARKS, AIR 31930, DEBASMIT | 519 MARKS, AIR 32449, ARPITA | 519 MARKS, AIR 32958, SURYA | 519 MARKS, AIR 32781, SOUMYA | 518 MARKS, AIR 33495, MOUSUMI | 518 MARKS, AIR 33832, SWATI | 518 MARKS, AIR 33990, OMM | 517 MARKS, AIR 34119, SWAHA | 517 MARKS, AIR 34135, SWAYAM | 517 MARKS, AIR 34273, SWAPNAMOY |
| 517 MARKS, AIR 34604, RITESH | 516 MARKS, AIR 35284, BARSHA | 516 MARKS, AIR 35290, SUDEEP | 516 MARKS, AIR 35340, RUDRANARAYAN | 516 MARKS, AIR 35448, DIBYAJYOTI | 516 MARKS, AIR 35475, SAGARIKA | 516 MARKS, AIR 35674, ARPITA | 516 MARKS, AIR 35890, SUMAN | 515 MARKS, AIR 36000, SAMIKSHYA | 515 MARKS, AIR 36539, SAYAM |

JAJPUR : TANDARA, SANKHACHILA, JAJPUR, 755015, CONTACT US : +91 78538 48170 | BALASORE : GANESWARPUR, JANUGANJ, INFRONT OF TENTULIA THAKURANI, BALASORE , 756019, CONTACT +91 91247 95476

## ଆଜି ନବୀନଙ୍କ ଅସ୍ତ୍ରୋପଚାର

# ଶୁଭ ମନାସି ରାଜ୍ୟବାସୀ ଜାଳିଲେ ଅଖଣ୍ଡ ଦୀପ

■ ଉପବାସ ସହ ମନ୍ଦିରରେ ମା'ମାନଙ୍କ ପୂଜାର୍ଚ୍ଚନା ■ ବିଭିନ୍ନ ମନ୍ଦିର ନିକଟରେ ଗଣ ଦୀପଦାନ


ଚାନ୍ଦବାଲି, ଭଦ୍ରକ


ଯାଜପୁର


ଢେଙ୍କାନାଳ


ରାମମନ୍ଦିର, ଭୁବନେଶ୍ୱର


ସିମୁଳିଆ


ବାଲେଶ୍ୱର

ଭୁବନେଶ୍ୱର,୨୧।୬(ସମିସ): ସାଢ଼େ ୪ କୋଟି ଓଡ଼ିଶାବାସୀ ମୋର୍ ପରିବାର। ଏ କଥା ଥରେ ନୁହେଁ, ବାରମ୍ବାର କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ୨୪ ବର୍ଷ ଧରି ନିଜ ପରିବାରର ଲୋକମାନଙ୍କ ପାଇଁ ବିନା ବାକ୍ୟବ୍ୟୟରେ ସମର୍ପିତ ଭାବରେକାମ କରି ଆସିଛନ୍ତି । ପ୍ରତିଦାନରେ ଓଡ଼ିଶାବାସୀ ମଧ୍ୟ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି ଆଶୀର୍ବାଦ । କ୍ଷମତାରେ ନ ଥିଲେ ମଧ୍ୟ ରାଜ୍ୟର କୋଟିକୋଟି ପରିବାର ତାଙ୍କୁ ନିଜର ମୁଖିଆ ମଣୁଛନ୍ତି । ଆଉ ଏବେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ନବୀନଙ୍କ ପାଇଁ ସାରା ରାଜ୍ୟବାସୀ ଅଜାଡ଼ି ଦେଇଛନ୍ତି ଅସୁମାରୀ ଶ୍ରଦ୍ଧା, ଅୟୁତ ଅୟୁତ ଆଶିଷ । ସାରା ରାଜ୍ୟରେ ଜନସାଧାରଣ ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରି ଦୀପ ଜାଳିଛନ୍ତି । ଉପବାସ ରହି ମା' ମାନେ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା କରିଛନ୍ତି । ଆଜି ସଂଧ୍ୟାରେ ବିଭିନ୍ନ ମନ୍ଦିର ନିକଟରେ ସାଧାରଣ ଲୋକଙ୍କ ସହ ଦଳୀୟ କର୍ମୀ ଓ ନେତାମାନେ ମଧ୍ୟ ଗଣ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ସୂଚନା ଅନୁସାରେ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନି ହସ୍ପିଟାଲରେ ନବୀନ ଆଜି ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇସାରିଛନ୍ତି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡ଼ାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ଡ଼ାକ୍ତର ଦଳ ତାଙ୍କର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ କରୁଛନ୍ତି । ରବିବାର ସକାଳ ୬ଟାରେ ତାଙ୍କର ଅସ୍ତ୍ରୋପଚାର ହେବ। ନିଜ ଅସୁସ୍ଥତା ଓ ଚିକିତ୍ସା ନିମନ୍ତେ ମୁମ୍ବାଇ ଯିବା ସୂଚନା ନବୀନ 'ଏକ୍ସ'ରେ ଦେବା ପରେ ତାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ଓଡ଼ିଆ ଏବେ ବିବ୍ରତ। ଗତକାଲି ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯିବାବେଳେ ତାଙ୍କ ବାସଭବନଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଯେପରି ଲୋକାରଣ୍ୟ ହୋଇଥିଲା ଓ ମହିଳାମାନେ ଲୁହଗଡ଼ାଇ ନବୀନଙ୍କ ଆରୋଗ୍ୟ କାମନା କରୁଥିଲେ ତାହା ଅନେକଙ୍କୁ ଭାବପ୍ରବଣ କରି ଦେଇଥିଲା। ଆଉ ଆଜି ରାଜ୍ୟର କୋଣ ଅନୁକୋଣରେ ପୂଜାର୍ଚ୍ଚନା ଓ ଦୀପଦାନ କରି ତାଙ୍କର ମଙ୍ଗଳ ମନାସୀଛନ୍ତି ରାଜ୍ୟବାସୀ । ଦିଲ୍ଲୀସ୍ଥିତ ଜଗନ୍ନାଥମନ୍ଦିରରେ ଓଡ଼ିଆ ସମାଜର ବହୁ ବ୍ୟକ୍ତିବିଶେଷ ଏକାଠି ହୋଇ ନବୀନଙ୍କ ଉତ୍ତମ ଚିକିତ୍ସା ପାଇଁ ଅଖଣ୍ଡ ଦୀପ ଜଳାଇଛନ୍ତି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ବିଜେଡି ବିଧାୟକ କଳିକେଶ ସିଂହଦେଓଙ୍କ ସହ ଶତାଧିକ ଲୋକ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମନ୍ଦିରରେ ନବୀନଙ୍କ ପାଇଁ ଅଖଣ୍ଡଦୀପ ଜଳାଇଛନ୍ତି। ବାଲେଶ୍ୱର ଜିଲ୍ଲା ବାବା ବକ୍ରେଶ୍ୱର ଶୈବ ପୀଠରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି ଶହଶହ ଲୋକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ଦାନ କରିଛନ୍ତି। ମହିଳାମାନେ ଉପବାସ ରହି ନବୀନଙ୍କ ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି। ସେ ଶୀଘ୍ର ସୁସ୍ଥ ହୋଇ ପୁଣି ଓଡ଼ିଶାକୁ ଆସି ଲୋକଙ୍କ ସେବା ଜାରି ରଖନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଉଦଳାରେ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ଉପଖଣ୍ଡର ବହୁ ଲୋକ ଉଦଳା ହନୁମାନ ମନ୍ଦିରରେ ପହଞ୍ଚି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଛନ୍ତି। ସେହିପରି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନୀଳଗିରିରେ ମଧ୍ୟ ମା' ଭୂଧାରଚଣ୍ଡୀଙ୍କ ନିକଟରେ ଦୀପଦାନ କରାଯାଇଛି। ଯାଜପୁରରେ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ବିରଜା ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ସଫଳ ଅସ୍ତ୍ରୋପଚାର କାମନା କରି ବହୁ ଲୋକ ପୂଜାର୍ଚ୍ଚନା କରିଛନ୍ତି । ପୁରୀରେ ମଧ୍ୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପଦାନ କରି ଲୋକମାନେ ନବୀନଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି । ସେହିପରି ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ବଲାଙ୍ଗିର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଞ୍ଜାମ, କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକମାନେ ଦୀପଦାନ ସହ ପୂଜାର୍ଚ୍ଚନା କରିଛନ୍ତି ।

ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ ଶହ ଶହ ଲୋକ ରାମନ୍ଦିର ନିକଟରେ ଏକତ୍ର ହୋଇ ସନ୍ଧ୍ୟା ଆଳତୀ ସମୟରେ ନବୀନ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଏଥିରେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ବ୍ୟୋମକେଶ ରାୟଙ୍କ ସହିତ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସମେତ ବହୁ ନେତା ଓ ନେତ୍ରୀ ସାମିଲ ହୋଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ବିଜେପିକୁ ଘେରିଲା ବିଜେଡି

# ଡବଲ ଇଞ୍ଜିନ, ଡବଲ ଧୋକା

ଭୁବନେଶ୍ୱର,୨୧।୬(ସମିସ): ଶୁକ୍ରବାର ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି । ଅନ୍ୟ ରାଜ୍ୟଗୁଡ଼ିକର ବିକାଶ ଲକ୍ଷ୍ୟ ୧୫% ରଖାଯାଇଥିବାବେଳେ ଭିଜନ ଡ଼କୁମେଣ୍ଟରେ ଓଡ଼ିଶାର ବିକାଶ ହାର ୯ ପ୍ରତିଶତ ରଖାଯିବାକୁ ନେଇ ବିଜେଡ଼ି କଟାକ୍ଷ କରିଛି । ନବୀନ ସରକାରଙ୍କ ସମୟରେ ଓଡ଼ିଶା ୧୬ ପ୍ରତିଶତ ବିକାଶ ହାର ହାସଲ କରିଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ସରକାରଙ୍କ ଦୂରଦୃଷ୍ଟି ବା ଭିଜନ ଏତେ ସଂକୁଚିତ କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି । ଡ଼ବଲ ଇଞ୍ଜିନ୍ ସରକାରରେ ବିକାଶ ନୁହେଁ, ଧୋକ୍କା ଡ଼ବଲ ମିଳିଛି ବୋଲି ବିଜେଡି କଟାକ୍ଷ କରିଛି ।

ଶନିବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଏବେ ପ୍ରତାରଣା ପାଲଟିଛି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଥିଲେ ଯେ ଶ୍ରୀମନ୍ଦିର ତଥା ତୀର୍ଥକ୍ଷେତ୍ର ପୁରୀର ବିକାଶ ପାଇଁ ନବୀନ ସରକାରଙ୍କ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା ବେଳେ ଗତ ଏକ ବର୍ଷରେ ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଛି। ଗତ ନିର୍ବାଚନ ସମୟରେ ବିଜେପି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଚୋରି ହୋଇଥିବା ଉଲ୍ଲେଖ କରି ପାତାଳରେ ବି ରହିଥିଲେ ମଧ୍ୟ ଆମେ ତାକୁ ଖୋଜି ଆଣିବୁ ବୋଲି ଦମ୍ଭୋକ୍ତି କରିଥିଲେ; କିନ୍ତୁ ସରକାରକୁ ଆସିବା ପରେ ସେମାନେ ସ୍ୱର ବଦଳାଇ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟରେ ସରକାର ଚାବି କଥା



■ ଏକ ବର୍ଷ ଶାସନରେ କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଲା
■ ଶ୍ରୀମନ୍ଦିର ପ୍ରସଙ୍ଗରେ ବିଜେପିର ସମସ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ

ସାର୍ବଜନୀନ କଥା ସାର୍ବଜନୀନ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସେହିପରି ରତ୍ନଭଣ୍ଡାରର ଗଣତି ମଣତି ହେବ ବୋଲି ପ୍ରତିଶ୍ରୁତି ମିଛ ପ୍ରମାଣିତ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ଅବଧି ଶେଷ ହେବାର ୯ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ ହୋଇପାରି ନାହିଁ। ଏପରିକି ଦର୍ଶନ ବ୍ୟବସ୍ଥା ମଧ୍ୟ ଅବ୍ୟବସ୍ଥିତ ହୋଇପଡ଼ିଥିବା ଖୋଦ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ ୧୮.୧୯ ପ୍ରତିଶତ ଅନୁଦାନ କମିବା ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ମହାମିଛ ବୋଲି ପ୍ରମାଣିତ ହୋଇଛି । ଗତ ବଜେଟରେ ଦେଶର ୧୨ଟି ସହରକୁ ଶିଳ୍ପ ସହର ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ ହେଁ ଏଥିରେ ଓଡ଼ିଶାରୁ କୌଣସି ସହର ସ୍ଥାନ ପାଇନାହିଁ।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଗତ ଏକ ବର୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି। ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ମହିଳାମାନଙ୍କ ଉପରେ ନିର୍ଯାତନା ଘଟଣାରେ ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ପ୍ରତିଦିନ ୧୫ଟି ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଦୁଷ୍କର୍ମ ପ୍ରାୟ ୮ ପ୍ରତିଶତ ବୃଦ୍ଧି ପାଇଥିବା ସରକାର ସ୍ୱୀକାର କରିଛନ୍ତି। ଦେଶର ଅପରାଧ ପ୍ରବଣ ରାଜ୍ୟର ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନ ହାସଲ କରିଛି । ସୁଭଦ୍ରା ଯୋଜନାରେ ବିଜେପି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି କୁହା ଯାଇଥିଲା। ମାତ୍ର ଏବେ ବର୍ଷକୁ ପାଞ୍ଚ ପାଞ୍ଚ ହଜାର ଦୁଇ କିସ୍ତିରେ ଦେଇ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଥିବା ମିଛ ପ୍ରଚାର କରାଯାଉଛି। ନବୀନ ସରକାରଙ୍କ ସମୟରେ, ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଏହାକୁ ବର୍ତ୍ତମାନର ସରକାର ବନ୍ଦ କରି ଦେଇଛନ୍ତି।

ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ଗତକାଲି ରାଜ୍ୟ ସରକାର ବିଭ୍ରାନ୍ତ କରିଛନ୍ତି। ଓଡ଼ିଶାର ବାସ୍ତବ ଚିତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଯେଉଁ ଓଡ଼ିଶା ବିକାଶର ମୁଖଶାଳା ହେବ ବୋଲି କହୁଛନ୍ତି, ସେହି ରାଜ୍ୟ ଚାଳିଶ ବର୍ଷର ବ୍ୟବଧାନ ପରେ ଆଜି ମହାମାରୀ କଲେରାରେ ଆକ୍ରାନ୍ତ। ଅଧା ଓଡ଼ିଶାବାସୀ ଆଜି କଲେରା ଓ ଡ଼ାଇରିଆ ରୋଗରେ କଲବଲ ହେଉଛନ୍ତି। ଏପଟେ ରାଜ୍ୟ ସରକାର ଉତ୍ସବରେ ମାତିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ାଇରିଆ ଡ୍ୟାନ୍ସ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଯାହା କଲେରା ଓ ଡ଼ାଇରିଆ ରୋଗରେ ପୀଡିତ ରୋଗୀ ମାନଙ୍କ ପାଇଁ କଟା ଘାଆରେ ଚୂନ ସଦୃଶ୍ୟ ହୋଇଛି ବୋଲି ସେ ମତବ୍ୟକ୍ତ କହିଛନ୍ତି ।

## ଗୋପାଳପୁର ଗଣବଳାତ୍କାର

# ଓଡ଼ିଶାରେ ଏଆଇସିସିର ଚାରିଜଣିଆ ତଥ୍ୟ ଅନୁସନ୍ଧାନ କମିଟି

ଭୁବନେଶ୍ୱର,୨୧।୬(ସମିସ): ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବା ଏକବର୍ଷ ପୂର୍ଣ୍ଣ ହୋଇଛି। ଏହି ଏକ ବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସାରା ରାଜ୍ୟରେ ନାରୀ ନିର୍ଯ୍ୟାତନା, ବାଳିକା ଅପହରଣ ଓ ଗଣଧର୍ଷଣ ଉଦ୍‌ବେଗ ଜନକ ଭାବରେ ବୃଦ୍ଧି ପାଇଛି। ଏହି ସବୁ ଘଟଣାକୁ ଅନୁଧ୍ୟାନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଦୀପା ଦାସମୁନସୀଙ୍କ ଆବାହକତ୍ୱରେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣତି ସିନ୍ଧେ, ସାଂସଦ ଏସ ଯଥୀମଣି ଓ ଶୋଭା ଓଜାଙ୍କୁ ନେଇ ଗଠିତ ଏକ ତଥ୍ୟ ଅନୁସନ୍ଧାନ କମିଟି ଓଡ଼ିଶା ଆସିଛନ୍ତି। କମିଟି ରାଜ୍ୟ ବିଭିନ୍ନ ସ୍ଥାନକୁ ଗସ୍ତ କରିଥିବା ବେଳେ ୨୪ ତାରିଖ ସକାଳ ୧୦ ଟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ମାଗିଛନ୍ତି। ଏଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତଥ୍ୟ ଅନୁଧ୍ୟାନ କମିଟି ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବାପାଇଁ ଚାହୁଁଛନ୍ତି ବୋଲି ଦର୍ଶାଇଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ସମୟ ମାଗିଲେ ପିସିସି ସଭାପତି**

■ ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର

# ଲିଟର ପିଛା ୨ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୨୧।୬(ସମିସ): ଓମ୍‌ଫେଡ୍‌ର କ୍ଷୀର ଦର ବଢିବ କି ନାହିଁ ତାହାକୁ ନେଇ ଯେଉଁ ଆଲୋଚନା ଲାଗି ରହିଥିଲା, ତାହାର ଅନ୍ତ ଘଟିଛି। ଆଜି ଓମ୍‌ଫେଡ୍ କ୍ଷୀର ଦରୁ ବୃଦ୍ଧି ଘୋଷଣା କରାଯାଇଛି। ଖାଉଟିମାନେ ଲିଟର ପିଛା ୫୨ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଶନିବାରଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମ୍‌ଫେଡ଼୍‌ର ନୂଆ ଦର। ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ଟଙ୍କା ବୃଦ୍ଧି ପାଇଛି।

ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ ଓମ୍‌ଫେଡ୍ ଏହାର କ୍ଷୀର ଦର ବଢାଇବ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଉଟିମାନଙ୍କୁ ଝଟକା ଦେଇଥିଲେ। ଦୁଃଗ୍ଧ ଦର ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ନାଳରୁ ଗଳିତ ମୃତଦେହ ଉଦ୍ଧାର

କପ୍ତିପଦା, ୨୧।୬(ସମିସ): ଠାକୁରମୁଣ୍ଡା-ଶରତ ରାସ୍ତା ନୋଟ ଛକ ନିକଟରେ ଥିବା ଏକ ନାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ଶରତ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୌଣସି ବ୍ୟକ୍ତି ନିଖୋଜ ଥିଲେ ସେମାନଙ୍କ ପରିବାର ଶରତ ଥାନା ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଅପରାଧ ଦୁନିଆରେ ବଢୁଛି ନାବାଳକଙ୍କ ଉତ୍ପାତ

ଭୁବନେଶ୍ୱର,୨୧।୬(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ନେଇ ସାରାଦେଶରେ ଓଡ଼ିଶା ଲଜ୍ଜିତ ହୋଇଥିବା ବେଳେ ଏହି ଘଟଣାରେ ନାବାଳକଙ୍କ ସଂପୃକ୍ତି ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ଗଣଦୁଷ୍କର୍ମ ଘଟଣାରେ ୧୦ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ନାବାଳକ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏହାପୂର୍ବରୁ ମଧ୍ୟ ଅନେକ ଦୁଷ୍କର୍ମ ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଗିରଫ କରି ସୁଧାରଗୃହକୁ ପଠାଯାଉଥିଲେ ମଧ୍ୟ ଅପରାଧ ଦୁନିଆରେ ସେମାନଙ୍କର ସଂପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ଖାଲି ଦୁଷ୍କର୍ମ ନୁହେଁ, ହତ୍ୟା ଓ ନିଶା କାରବାରରେ ମଧ୍ୟ ସେମାନେ ସକ୍ରିୟ ହେଉଛନ୍ତି। ତେବେ ଅଧିକାଂଶ ମାମଲାରେ ପେଶାଦାର ଅପରାଧୀ ସେମାନଙ୍କୁ ବ୍ୟବହାର କରୁଥିବାର ମଧ୍ୟ ଦେଖାଯାଉଛି।

ପୁଲିସ ଠାରୁ ମିଳିଥିବା ତଥ୍ୟ ଅନୁସାରେ ଗତ ଜାନଆରୀ ମାସରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୦୦ ପାର୍ କରିଛି ଦୁଷ୍କର୍ମ ମାମଲା। ବିଶେଷ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝି ୨୦୨୪ ଡିସେମ୍ବର ମାସରେ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୫ ମାସରେ ୭୬୯ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୫୦୯ ମହିଳା ଦୁଷ୍କର୍ମ ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧ଜଣ ମହିଳା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ବର୍ତ୍ତମାନ ଏହି ସାଢେ ୫ମାସରେ ଦୁଷ୍କର୍ମ ମାମଲା ୯ଶହ ପାର କଲାଣି। ଯାହାକି ପୁଲିସ ପାଇଁ ଚିନ୍ତାର କାରଣ। ତେବେ ଉଦବେଗର ବିଷୟ ହେଲା ଯେ ଏହି ୯୦୦ ଦୁଷ୍କର୍ମ ମାମଲା ମଧ୍ୟରୁର ୩୦୦ ମାମଲାରେ ନାବାଳକଙ୍କ ସଂପୃକ୍ତି ରହିଛି।

■ ସାଢେ ୫ ମାସରେ ୩୦୦ ଦୁଷ୍କର୍ମ ମାମଲାରେ ନାବାଳକ ସଂପୃକ୍ତ
■ ହତ୍ୟା ଓ ନିଶା କାରବାରରେ ମଧ୍ୟ ଧରାପଡୁଛନ୍ତି
■ ନାବାଳକଙ୍କୁ ଢାଲ କରୁଛନ୍ତି ପେଶାଦାର ଅପରାଧୀ

ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ନାବାଳକ ଅପରାଧରେ ସାମିଲ ହେବା ସଂଖ୍ୟା ବଢିବଢି ଚାଲିଛି। ଗତ ୨୨ ବର୍ଷ ମଧ୍ୟରେ ୨୦ ହଜାର ନାବାଳକଙ୍କୁ ବିଭିନ୍ନ ଅପରାଧ ଘଟଣାରେ ଗିରଫ କରି ସୁଧାରଗୃହକୁ ପଠାଯାଇଛି। ଛୋଟ ଅବସ୍ଥାରୁ ନାବାଳକମାନେ ଅପରାଧରେ ପାଦ ଦେବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ନାବାଳକମାନେ ଅପରାଧୀମାନଙ୍କ ସହ ମିଶିବା ଦ୍ୱାରା ଅପରାଧ ଘଟାଇବା ମନବୃତ୍ତି ଆସୁଛି। ଅନେକ ପେଶାଦାର ଅପରାଧୀମାନେ ନିଜ ସ୍ୱାର୍ଥ ପାଇଁ ନାବାଳକଙ୍କୁ ବ୍ୟବହାର କରୁଛନ୍ତି। ନାବାଳକଙ୍କ ପାଇଁ ଆଇନ୍ କୋହଳ ଥିବାରୁ ସେମାନଙ୍କୁ ଅପରାଧୀମାନେ ବ୍ୟବହାର କରୁଛନ୍ତି। ଅନେକ ଗରିବ ଏବଂ ଅପାଠୁଆ ପିଲା ଏଭଳି ଅପରାଧରେ ସାମିଲ ହେଉଛନ୍ତି। ସେମାନେ ଗିରଫ ହୋଇ ସୁଧାରଗୃହ ଗଲେ ମଧ୍ୟ ସେଠାରେ ସେମାନଙ୍କୁ ବଦଳିବା ପାଇଁ ଉଚିତ ଶିକ୍ଷା ଦିଆଯାଉନଥିବା ଅଭିଯୋଗ ହେଉଛି। ସେଠାରେ ଏକାଧିକ ଅପରାଧିକ ମନବୃତ୍ତି ଥିବା ପିଲାଙ୍କ ସହ ମିଶିବା ଯୋଗୁଁ ସେମାନେ ଆହୁରି ବିଗିଡ଼ି ଯାଉଛନ୍ତି। ସୁଧାରଗୃହରୁ ବାହାରିବା ପରେ ପୁଣି ଅପରାଧରେ ସାମିଲ ହେଉଛନ୍ତି। ଗତ ଏପ୍ରିଲ ୨୨ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଶିଶୁକୁ ଅପହରଣ କରାଯାଇ ମୁଣ୍ଡ ଜାମିନ୍ ମଗା ଯାଇଥିଲା। ଏହି ଅପରାଧରେ ଜଣେ ନାବାଳକ ମଧ୍ୟ ସାମିଲଥିଲା। ସେହିପରି ପଟିଆ ଅଞ୍ଚଳରେ ଥିବା ଏକ ବାରରେ ଗଣ୍ଡଗୋଳରେ ମଧ୍ୟ ନାବାଳଙ୍କ ସଂପୃକ୍ତି ଥିଲା।

ପିଲାମାନଙ୍କ ମଧ୍ୟରେ ଏଭଳି ମନୋବୃତ୍ତିକୁ ନେଇ ଅନେକ ପୁଲିସ ଅଧିକାରୀ ଏବଂ ସାମାଜିକ କର୍ମୀ ଚିନ୍ତା ପ୍ରକଟ କରିଛନ୍ତି। ସୁଧାରଗୃହରେ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବା ସହିତ ଯେଉଁ ଅପରାଧୀ ଏହି ପିଲାମାନଙ୍କୁ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରିବାକୁ ସେମାନେ ଦାବି କରିଛନ୍ତି। ନହେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ସେମାନେ ସତର୍କ କରାଇଛନ୍ତି।



ପନ୍ତଙ୍କ
ରେକର୍ଡ ଶତକ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-354 ♦BHUBANESWAR ♦SUNDAY ♦22 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୪ ♦ଭୁବନେଶ୍ୱର ♦ରବିବାର ♦୨୨ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ନିବେଶ ନିମନ୍ତେ କମ୍ପାନୀଙ୍କୁ ମିଳୁନାହାନ୍ତି ପ୍ରମୋଟର

# ନିବେଶକଙ୍କ ବିଶ୍ୱାସ ହରାଉଛି ଓଡ଼ିଶା

■ ଭୁବନେଶ୍ୱର, ୨୧।୬ (ସମିସ): ସରକାର ଓଡ଼ିଶାରେ ବିପୁଳ ନିବେଶର ସ୍ୱପ୍ନ ଦେଖାଉଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟ ଶିଳ୍ପ ସମୃଦ୍ଧ ହେବ ବୋଲି କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ଶିଳ୍ପ ସ୍ଥାପନ ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଅନେକ କମ୍ପାନୀ ଓ ନିବେଶକଙ୍କୁ ପ୍ରମୋଟର ମିଳୁନାହାନ୍ତି। ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜନୈତିକ ଅସ୍ଥିରତା, ଆଇନଶୃଙ୍ଖଳା ପରିସ୍ଥିତି ଓଡ଼ିଶାରେ ନିବେଶ ନିମନ୍ତେ ନିବେଶକଙ୍କୁ ଅନାଗ୍ରହୀ କରିଛି। ନିବେଶକମାନେ ଓଡ଼ିଶା ଉପରୁ ଆସ୍ଥା ହରାଇବାରେ ଲାଗିଛନ୍ତି। ଗତ ସରକାର ସମୟରେ ଶିଳ୍ପ ସ୍ଥାପନ ନିମନ୍ତେ ବୁଝାମଣା

▶▶ ଆର୍ସେଲର ମିତ୍ତଲ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ରାସ୍ତାରେ ୱାରୀ

▶▶ ଢେଙ୍କାନାଳ ୱାରୀ ପ୍ରକଳ୍ପର ହୋଇଛି ଦୁଇଥର ଶିଳାନ୍ୟାସ

▶▶ ଗୁଜରାଟ ଓ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇପାରେ ପ୍ରକଳ୍ପ

▶▶ ନିଷ୍ପତ୍ତିର ଦିନକ ପରେ କମ୍ପାନୀର ସ୍ପଷ୍ଟୀକରଣ ବଢ଼ାଇଲା ଦ୍ୱନ୍ଦ୍ୱ

କରିଥିବା ଅନେକ ସଂସ୍ଥା ଏଯାଏ ଜମି ଅଧିଗ୍ରହଣ କ୍ଷେତ୍ରରେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ନେତାମାନଙ୍କ ରାଜନୈତିକ ହସ୍ତକ୍ଷେପ ଓ ଆଇନଶୃଙ୍ଖଳା ସ୍ଥିତି ସେମାନଙ୍କୁ ଓଡ଼ିଶାରେ ଶିଳ୍ପ ସ୍ଥାପନ ନିମନ୍ତେ ବୀତସ୍ପୃହ କରିଛି। ପରିଣାମ ସ୍ୱରୂପ କଟକ ଜିଲ୍ଲାର ନରାଜରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଇଭି କାରଖାନା, କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ କାରଖାନା ବିଳମ୍ବିତ ହୋଇ ଚାଲିଛି। ଏହି ଦୁଇ ପ୍ରକଳ୍ପର ଭବିଷ୍ୟତ ଏବେ ବି ଅନିଶ୍ଚିତ। ଏହି ସମୟରେ ସୌର ମଡ୍ୟୁଲ୍ ନିର୍ମାତା ୱାରୀ କମ୍ପାନୀର ଢେଙ୍କାନାଳ ପ୍ରକଳ୍ପ ମଧ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଇଛି।

ଦେଶର ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ୱାରୀ ଢେଙ୍କାନାଳ ପ୍ରକଳ୍ପ ଗୁଜରାଟ, ମହାରାଷ୍ଟ୍ରକୁ ସ୍ଥାନାନ୍ତର କରିବା ନିମନ୍ତେ ବିଏସ୍‌ଇ ଓ ଏନ୍‌ଏସ୍‌ଇକୁ ଅବଗତ କରିଛି। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ଏହି ପ୍ରକଳ୍ପରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ୱାରୀ ପକ୍ଷରୁ ପ୍ରାୟ ୨୫ ହଜାର କୋଟି ଟଙ୍କା ନିବେଶରେ ଢେଙ୍କାନାଳରେ ▶ପୃଷ୍ଠା-୭

## ୨୪ରୁ ପୁଣି ବଢ଼ିବ ବର୍ଷା

■ ଭୁବନେଶ୍ୱର, ୨୧।୬ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇଛି। ମାତ୍ର ରବିବାରଠାରୁ ମୌସୁମୀ ନିମ୍ନ ଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ସାମାନ୍ୟ ବୃଦ୍ଧି ପାଇବ। ତେବେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ଥିବାରୁ ୨୪ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହି ଘୂର୍ଣ୍ଣିବଳୟ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2025
Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ଫୁଲୁଛି ସୁବର୍ଣ୍ଣରେଖା; ବଢୁଛି ବିପଦ

# ବାଲିଆପାଳରେ ସ୍ଥିତି ଗମ୍ଭୀର

### ପାଣିଘେରରେ ୮ ପଞ୍ଚାୟତର ୨୦ହଜାର ଲୋକ

### ସୁଅରେ ଭାସି ଯୁବକ ନିଖୋଜ



■ କାଳିପଦା/ଲଙ୍ଗଳେଶ୍ୱର/ଭୋଗରାଇ, ୨୧।୬ (ସମିସ): ଉପରମୁଣ୍ଡରେ ପ୍ରବଳ ବର୍ଷା ସାଙ୍ଗକୁ ଝାଡ଼ଖଣ୍ଡ ଗାଲୁଡିହି ବ୍ୟାରେଜ୍ ଗେଟ୍ ଖୋଲାଯିବାରୁ ଗତକାଲିଠୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ବ୍ଲକ୍‌ରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ବାଲେଶ୍ୱର ଜିଲ୍ଲା ରାଜଘାଟଠାରେ ସୁବର୍ଣ୍ଣରେଖା ବିପଦ ସଂକେତ (୧୦.୩୬ ମିଟର) ଉପରେ ପ୍ରବାହିତ ହେଉଥିବା ବେଳେ ବାଲିଆପାଳ, ଭୋଗରାଇ, ବସ୍ତା ଓ ଜଳେଶ୍ୱର ବ୍ଲକ୍‌ରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବନ୍ୟା ଯୋଗୁଁ ବାଲିଆପାଳ ▶ପୃଷ୍ଠା-୭

## ନେଦାର ୨ ହଜାର ଲୋକ ସ୍ଥାନାନ୍ତର

■ ସାରସକଣା, ୨୧।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଶୀର୍ଷା ପଞ୍ଚାୟତ ନେଦା ଗ୍ରାମର ତଳିଆ ଅଞ୍ଚଳରେ ନଈବଢ଼ି ପାଣି ପଶିଯିବା ସହ ରାସ୍ତା ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତରେ ବାଧା ଉପୁଜିଛି। ସୁବର୍ଣ୍ଣରେଖାର ଜଳସ୍ତର ବଢୁଥିବାରୁ ନେଦା ଗ୍ରାମରୁ ପ୍ରାୟ ୨୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ମାଗଣା ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ▶ପୃଷ୍ଠା-୭


Join EXCELSIOR to RISE HIGHER

TOP 20-A1 Rankers 2025




Result Analysis AHSE-2025

| PERCENTAGE | MARKS | STRENGTH |
|---|---|---|
| 90% & ABOVE | 540 & ABOVE | 73 |
| 85% & ABOVE | 510 & ABOVE | 133 |
| 500 & ABOVE | | 148 |
| 80% & ABOVE | 480 & ABOVE | 199 |
| 75% & ABOVE | 450 & ABOVE | 239 |
| 70% & ABOVE | 420 & ABOVE | 273 |
| 60% & ABOVE | 360 & ABOVE | 314 |
| TOTAL STUDENTS APPEARED | 314 | % |
| TOTAL STUDENTS PASSED | 314 | 100% |
| TOTAL 1st DIVISION | 314 | 100% |
| HIGHEST INDIVIDUAL SCORE IN AHSE 2025 | | 570 |
| NO. OF STUDENTS WHO EXCEEDED THEIR 10th% | | 221 |
| NO. OF STUDENTS WHO MAINTAINED THEIR 10th% | | 76 |

26 STUDENTS WITH 90% IN 10TH HAD JOINED WITH US.
73 STUDENTS HAVE SECURED 90% IN A.H.S.E. EXAM.

IMPROVEMENT ANALYSIS

| 10TH DATA | PERCENTAGE | 12TH RESULT DATA |
|---|---|---|
| 26 STUDENTS | ABOVE 90% | 73 STUDENTS |
| 53 STUDENTS | ABOVE 85% | 60 STUDENTS |
| 84 STUDENTS | ABOVE 80% | 66 STUDENTS |
| 103 STUDENTS | ABOVE 75% | 40 STUDENTS |
| 33 STUDENTS | ABOVE 70% | 34 STUDENTS |
| 15 STUDENTS | ABOVE 60% | 41 STUDENTS |

OUR BEST ACADEMIC ACHIEVEMENT IN A.H.S.E. 2025 - PRANAKRUSHNA MAHANTA, WHO HAD SECURED 72% IN MATRIC SECURED 92% IN A.H.S.E. EXAM.

ଉତ୍ତିଷ୍ଠତ ଜାଗ୍ରତ

Excelsior Science Residential Higher Secondary School (CHSE)
Permanently Recognized by Govt. of Odisha
Chhotraypur, Jajpur Road, Jajpur

For Admission please Contact:

| | |
|---|---|
| CHSE - | 9437189122, 9437064112, 8457022795, 9437071103, 7978075324, 8328948954. |
| CBSE - | 7008136699, 8249205993, 8596846553. |

## ସୁବର୍ଣ୍ଣରେଖା ନଦୀରେ ବନ୍ୟା

# ଭୋକ ଉପାସରେ ବନ୍ୟା ବିପନ୍ନ

ବାଲେଶ୍ୱର(ଉତ୍ତର)/ ଭୋଗରାଇ,୨୧।୬(ସମିସ)







- ପ୍ରଶାସନର ପୂର୍ବ ପ୍ରସ୍ତୁତି ଫେଲ, ତଳିଆ ଅଞ୍ଚଳ ବୁଡୁଛି
- ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ଝାଡ଼ଖଣ୍ଡ ରାଜ୍ୟର ଗାଲଡିହ ବ୍ୟାରେଜରୁ ଗତ ଶୁକ୍ରବାରଠାରୁ ବନ୍ୟା ଜଳ ଛଡ଼ାଯିବା ପରେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉତ୍ତର ବାଲେଶ୍ୱରର ବସ୍ତା, ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକରେ ଶୁକ୍ରବାର ନଦୀର ରାଜଘଟ ଠାରେ ବିପଦ ସଂକେତ ଡେଇଁ ବନ୍ୟାଜଳ ପ୍ରବାହିତ ହେଉଥିଲା ବେଳେ ଶନିବାର ସାମାନ୍ୟ ହ୍ରାସ ପାଇଛି। ହେଲେ ତଳିଆ ଅଞ୍ଚଳରେ ଥିବା ଗାଁ ଗୁଡ଼ିକରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ୪ଟି ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଗାଁ ଜଳବନ୍ଦୀ ହୋଇଥିଲା ବେଳେ ନଦୀ ପଠାରେ ହୋଇଥିବା ଏକର ଏକର ପରିବା ଫସଲ ଉପରେ ବନ୍ୟପାଣି ଲହଡ଼ି ଭାଙ୍ଗୁଛି। ସବୁଠାରୁ ଅଧିକ ଭୋଗରାଇ ବ୍ଲକର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗାଁ ଏବେ ବନ୍ୟା ପାଣିରେ ବୁଡ଼ି ରହିଛି। ଏହିସବୁ ଗାଁର ରାସ୍ତା ଉପରେ ପାଣିର ସୁଅ ଛୁଟୁଛି। ତେବେ ସ୍ଥାନୀୟ ଅଞ୍ଚଳରେ ବର୍ଷା ନ ଥାଇ ଏଭଳି ଅକସ୍ମାତ ବନ୍ୟା ଆସିବା ଏବଂ ଏନେଇ ପ୍ରଶାସନ ପକ୍ଷରୁ ବନ୍ୟା ପୂର୍ବରୁ ପୂର୍ବସୂଚନା ଦିଆନଯିବା ଘଟଣା ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶୁକ୍ରବାର ସନ୍ଧ୍ୟାଠାରୁ ଗାଁ ଗୁଡ଼ିକରେ ବନ୍ୟା ଜଳ ପ୍ରବେଶ କରୁଥିବାବେଳେ ଜିଲ୍ଲା ପ୍ରଶାସନ ତଥା ସ୍ଥାନୀୟ ପ୍ରଶାସନର କୌଣସି ଅଧିକାରୀ ଗ୍ରାଉଣ୍ଡଜିରୋରେ ପହଞ୍ଚି ନାହାନ୍ତି। କୌଣସି ପ୍ରସ୍ତୁତି ନାହିଁ। ପୂର୍ବରୁ ଯେତେଥର ବନ୍ୟା ହୋଇଛି ତଳିଆ ଅଞ୍ଚଳର ଲୋକଙ୍କୁ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରା ଯାଉଥିଲାବେଳେ ଏବର୍ଷ କୌଣସି ବ୍ୟବସ୍ଥା ନାହିଁ। ଯେଉଁ ଲୋକମାନେ ଘର ଛାଡ଼ି ଆସିଛନ୍ତି ସେମାନଙ୍କ ପାଇଁ କୌଣସି ଖାଦ୍ୟର ବ୍ୟବସ୍ଥା ନାହିଁ। ଗତ କାଲି ଠାରୁ ଲୋକେ ପାଣି ଘେରରେ ରହିଛନ୍ତି, ନଳକୂପ କିମ୍ବା ପାନୀୟ ଜଳ ଉତ୍ସ ଗୁଡ଼ିକ ପାଣିରେ ବୁଡ଼ି ରହିଛି, ସେମାନଙ୍କୁ ମୁନ୍ଦେ ପାନୀୟ ଜଳ ମଧ୍ୟ ବ୍ୟବସ୍ଥା କରାଯାଇପାରି ନାହିଁ। ବନ୍ୟାପାଣିରେ ଘର ବୁଡ଼ିଯାଇଥିବା ଲୋକେ ଘରଦ୍ୱାର ଛାଡି ଭୟରେ ଭୁଆବନ୍ଧ ଉପରେ ପଲିଥିନ ପକାଇ ଆଶ୍ରୟ ନେଇଛନ୍ତି। ସହସ୍ରାଧିକ ବିପନ୍ନ ଛୁଆ ପିଲା ଧରି ବଡ଼ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବନ୍ୟାବିପନ୍ନ ଙ୍କ ଚୁଡା, ଗୁଡ, ବିସ୍କିଟ ଶୁଖିଲା ଖାଦ୍ୟ ପ୍ରଶାସନ ପହଞ୍ଚାଇ ପାରି ନାହିଁ। ଅନ୍ୟପକ୍ଷରେ ଆଜି ପ୍ରବଳ ବନ୍ୟା ସୁଅରେ ଜଣେ ଯୁବକ ଭାସି ଯାଇଥିଲାବେଳେ ତାକୁ ଉଦ୍ଧାର ପାଇଁ କୌଣସି ବ୍ୟବସ୍ଥା ନାହିଁ। ଗତ କାଲିଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଠାରେ ଓଡ୍ରାଫ ଟିମ ମୁତୟନ ହେବା କଥା କିନ୍ତୁ ନାହିଁ। ଫଳରେ ଯୁବକର ମୃତ୍ୟୁ ହୋଇଛି। ତେଣୁ ଏହି ସାମାନ୍ୟ ବନ୍ୟାରେ ସରକାରଙ୍କ ଶୁନ୍ୟ ମୃତ୍ୟୁ ନାରା ଫେଲ ମାରିଥିବା ଆଲୋଚନା ହେଉଛି। ଅପରପକ୍ଷରେ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବନ୍ୟାଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗତକାଲି କୁମ୍ଭୀରଗଡ଼ି ପଞ୍ଚାୟତ ର ଅଡ଼ଙ୍ଗ ପନ୍ତେଇ,ବାଉଁଶଖଣା,କୁହ୍ଲା, ଖଳା ବାଡ଼ିଆ ଗାଁ ସହିତ ଆଜି ମନୁ ନଗର, ଆରୁହାବୃତ୍ତି -୧,ଖରିଦପିପଳ,ଦହମୁଣ୍ଡା ଇତ୍ୟାଦି ଗାଁକୁ ଯାଇ ବନ୍ୟା ବିପନ୍ନଙ୍କୁ ଭେଟିଥିବା ଜଣାପଡିଛି।ବିଧାୟକ ଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ବନ୍ୟା ପ୍ରପୀଡ଼ିତ ଗାଁର ସ୍ଥାନୀୟ ଜନପ୍ରତିନିଧିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

## ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ଦାନ

ବାଲେଶ୍ୱର,୨୧।୬(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇଛନ୍ତି। ତାଙ୍କ ଆଶୁ ଆରୋଗ୍ୟ କାମନା କରି ସାରା ରାଜ୍ୟରେ ପୂଜାର୍ଚ୍ଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକା ଅଧୀନ ୨୪ ନମ୍ବର ୱାର୍ଡର ମହିଳାମାନେ ୧୦୮ ଦୀପ ପ୍ରଜ୍ୱଳନ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି। କାଉନସିଲର ମିନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ସନ୍ଧ୍ୟାରେ ବାଲିଘାଟ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବହୁ ମହିଳା ଏକତ୍ରିତ ହୋଇ ନବୀନ ବାବୁଙ୍କ ନିରାମୟ ଜୀବନ ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ସେ ଶୀଘ୍ର ସୁସ୍ଥ ହୋଇ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ସହ ପୁଣିଥରେ ଲୋକମାନଙ୍କ ସେବା ଜାରି ରଖିବେ ବୋଲି ମହିଳା ମାନେ କାମନା କରି ଭଗବାନଙ୍କ ଠାରେ ପ୍ରାର୍ଥନା କହିଥିବା ଦେଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଧୁସ୍ମିତା ମହାରଣା, ସଂଘମିତ୍ରା ବେହେରା, ଜୋସ୍ନା ଜେନା, ମିନତୀ ମାଝୀ, ଦୀପାଳି କର, କକିଳା କର, କଳ୍ପନା ରଣା, କଳ୍ପନା ମିସ୍ତ୍ରୀ, ସ୍ୱାତୀ କର, ସନ୍ଧ୍ୟା ମାଝୀ, ସିବାନୀ ପାଲ, ନିରୂପମା ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଯାଇ ଥିଲେ।

## ପାଞ୍ଚଟି ମନ୍ଦିରରୁ ସିରିଜ ଚୋରି

ସୋର, ୨୧।୬(ସମିସ): ସୋର ଥାନା ମୁଳିସିଂ ପଞ୍ଚାୟତ ଉଲ୍ଲାସଖଡ଼ଗପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ୫ଟି ମନ୍ଦିରରୁ ଚୋରି ହୋଇଥିବା ଜଣାପଡିଛି। ଆଜି ସକାଳେ ପୂଜକ ପୂଜା କରିବା ପାଇଁ ଆସିବା ପରେ ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରର ଦୁଇଟି ରୂପା ମୁକୁଟ ସମେତ ଦାନବକ୍ସ ଚୋରି ହୋଇଥିବା ଜାଣି ପାରି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ପରେ ଗ୍ରାମର ଦୁଇଟି ଲକ୍ଷ୍ମୀନାରାୟଣ ମନ୍ଦିର,ହରଚଣ୍ଡୀ ମନ୍ଦିର ଓ ମା ମଙ୍ଗଳା ମନ୍ଦିରର ଦାନବାକ୍ସ ସମେତ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରୀ ହୋଇଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏ ବାବଦରେ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।କିଛିଦିନର ବ୍ୟବଧାନରେ ପୁଣିଥରେ ଗ୍ରାମାଞ୍ଚଳରେ ଚୋର ମାନେ ମାତିଥିବା ବେଳେ ଲୋକମାନଙ୍କ ମନରେ ଚୋର ଭୟ ଦେଖିବାକୁ ମିଳିଛି। ସୋର ପୁଲିସର ନିଷ୍କ୍ରିୟତା ପାଇଁ ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ଦକ୍ଷ ପୁଲିସ ଅଧିକାରୀଙ୍କୁ ସୋରରେ ନିଯୁକ୍ତି ଦେବା ସହିତ ପେଟ୍ରୋଲିଂକୁ କଡାକଡ଼ି କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଦେଭୋଗ ପ୍ରାଥମିକ ବିଦ୍ୟାଳୟରେ ପଶିଲା ପାଣି

ରାଜଘାଟ,୨୧।୬( ସମିସ): ସୁବର୍ଣ୍ଣରେଖା ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ବିପଦ ସଂକେତ ଉପରେ (୧୦.୬୦)ମିଟର ଉପରେ ପାଣି ପ୍ରବାହିତ ହେଉଛି। ତେଣୁ ସମସ୍ୟା ବଢ଼ିବାରେ ଲାଗିଛି।



ବସ୍ତା ବ୍ଲକ କାଦରାୟାଁ ପଞ୍ଚାୟତର ଦେଭୋଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବନ୍ୟା ପାଣି ପଶିବା ଯୋଗୁଁ ଆଜି ବିଶ୍ୱଯୋଗ ଦିବସରେ ମଧ୍ୟ ବିଦ୍ୟାଳୟ ହୋଇ ପାରି ନ ଥିଲା। ବିପଦ ଥିବା ଯୋଗୁଁ ବସ୍ତା ତହସିଲଦାରଙ୍କ ହସ୍ତକ୍ଷେପ ଯୋଗୁଁ ବିଦ୍ୟାଳୟକୁ ୧୭ ୯ ପିଲାଙ୍କୁ ଆସିବା ପାଇଁ ଅଭିଭାବକଙ୍କୁ ମନା କରାଯାଇଥିଲା।

## ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ ପ୍ରସ୍ତୁତି

ବାଲେଶ୍ୱର,୨୧।୬( ସମିସ): ସଦର ବ୍ଲକ୍ ଗେଙ୍ଗୁଟି ପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ନବଗଠିତ ଏବଂ ସରକାରୀ ସ୍ତରରେ ପଞ୍ଜିକୃତ ଛାତ୍ର/ଛାତ୍ରୀ ସଂସଦ ପୁରାତନ ବିଦ୍ୟାର୍ଥୀ ପରିଷଦ ,ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ , ସାଉଁ



ବିଦ୍ୟାଳୟର ପ୍ରଥମଥର ପାଇଁ ପ୍ରତିଷ୍ଠା ଦିବସ ଆସନ୍ତା ୭ ତାରିଖ ପାଳନ ହେବ। ଏହି ଅବସରରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜି ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଜଳଧର ସାମଲ,ସଂପାଦକ ସୁଧାକର ସେଠୀ, ଉପଦେଷ୍ଟା ବିରୁପାକ୍ଷ୍ୟ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଅନୀଲ କୁମାର ଜେନା, ଭବେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଷ୍ଠା ଦିବସ ଓ ବନମହୋତ୍ସବ ପାଳନକୁ ଆଖିଆଗରେ ରଖି ଆସନ୍ତା ୨୮ ତାରିଖ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ସାମଲ ଜଣାଇଛନ୍ତି। ପ୍ରତିଷ୍ଠା ଦିବସ ପାଳନ ଓ ବନମହୋତ୍ସବ ପକ୍ଷ ହେତୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚାରା ପ୍ରଦାନ ଓ ବିଶେଷ ଅତିଥିମାନଙ୍କ ଉପସ୍ଥିତିରେ ଚାରାରୋପଣ ପାଇଁ ସ୍ଥାନ ସମ୍ପାଦକ ଶ୍ରୀ ସେଠୀ ଏବଂ ବିଦ୍ୟାଳୟ କର୍ମକର୍ତ୍ତାଙ୍କ ଦ୍ୱାରା ଯୁଗ୍ମ ଭାବେ ଚିହ୍ନଟ କରାଯାଇଥିଲା। ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ। ଆଞ୍ଚଳିକ ସ୍ତରରେ ସବୁଜ ବଳୟ ବୃଦ୍ଧି ନିମନ୍ତେ ଉପରଲିଖିତ ଚାରା ବଣ୍ଟନ "ରୋପଣମ୍' କ୍ୟାମ୍ପେନିଂ ଅଧୀନ ଏକ ଅନ୍ୟତମ ପ୍ରୟାସ ଏବଂ ନିକଟ ଭବିଷ୍ୟତରେ ୫୦,୦୦୦ ଚାରା ରୋପଣ ପରିଷଦର ଲକ୍ଷ୍ୟ ବୋଲି ପରିଷଦର ଉପଦେଷ୍ଟା ଶ୍ରୀ ମହାପାତ୍ର କହିଥିଲେ।

## ଗୋମାଂସ ଚାଲାଣ ସନ୍ଦେହରେ ପିକ୍ଅପ୍ ଭ୍ୟାନ ଜବତ

ଚନ୍ଦନେଶ୍ୱର,୨୧।୬ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅଧୀନ ବାରବାଟିଆ ଛକ ଠାରେ ଶନିବାର ଅପରାହ୍ନରେ ଗୋମାଂସ ଚାଲାଣ ସନ୍ଦେହରେ ସ୍ଥାନୀୟ ଯୁବକମାନେ କଟକରୁ ପଶ୍ଚିମବଙ୍ଗକୁ ଯାଉଥିବା ଏକ ଦୁର୍ଗନ୍ଧ ଯୁକ୍ତ ପିକଅପ ଭ୍ୟାନକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଖବରପାଇ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ଓ ଭୋଗରାଇ ଥାନା ତରଫରୁ ମିଳିତ ଭାବେ ଉକ୍ତ କୁକୁଡ଼ା ଛାଟ ଭ୍ୟାନକୁ ଜବତ କରିବା ସହିତ ଉକ୍ତ ଗାଡିର ଡ୍ରାଇଭର ସେକ୍ ରିଆଜକୁ ଅଟକ ରଖି ପଚରାଉଚରା କରାଯାଉଛି। ଅଟକ ଭ୍ୟାନର ଡ୍ରାଇଭର ସେକ ରିଆଜ କହିଛନ୍ତି କଟକ ନିକଟବର୍ତ୍ତୀ ଜବ୍ରାଆ ନିକଟ ନିକଟରୁ ଉକ୍ତ କୁକୁଡ଼ା ଛାଟ ବୋଝେଇ ଭ୍ୟାନଟି ପଶ୍ଚିମବଙ୍ଗର ଶଙ୍କରପୁର ନିକଟକୁ ଯାଉଥିଲା। ଏହି କୁକୁଡ଼ା ଛାଟ ଗୁଡ଼ିକ ହାଇବ୍ରିଟ ମାଗୁର ମାଛର ଖାଦ୍ୟ ରୂପରେ ବ୍ୟବହୃତ ହୋଇଥାଏ ବୋଲି ପ୍ରକାଶ କରିଛି। ଦୁର୍ଗନ୍ଧ ଯୁକ୍ତ କୁକୁଡ଼ା ଛାଟ ଗୁଡିକୁ ତାଳସାରୀ ବେଳାଭୂମି ନିକଟସ୍ଥ ଜଙ୍ଗଲ ମଧ୍ୟରେ ପୋତି ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ବିଭିନ୍ନ ବଜାରରେ ଚଢ଼ଉ, ୭୮ ହଜାର ଜରିମାନା ଆଦାୟ

ସିମୁଳିଆ,୨୧।୬( ସମିସ): ରାଜ୍ୟରେ କଟକ, କେନ୍ଦ୍ରାପଡା. ଯାଜପୁର. ଭଦ୍ରକ. ବାଲେଶ୍ୱର ଜିଲ୍ଲାର ଝାଡ଼ାବାନ୍ତି ଅଣଆୟତ ଥିବାରୁ ୧୬ ନମ୍ବର .ଜାତୟ ରାଜପଥ ପାର୍ଶରେ ଥିବା ହୋଟେଲ ଓ ମାର୍କୋଣା ବଜାରରେ ଥିବା ମିଠା ଦୋକାନ ଉପରେ ଫୁଟ ଇନ୍ସପେକ୍ଟର ଅଚାନକ ଚଢ଼ଉ କରି ସିମୁଳିଆ ବ୍ଲକ୍‌ର ବିଭିନ୍ନ ଦୋକାନୀଙ୍କ ଠାରୁ ୭୮ ହଜାର ଟଙ୍କାର ଜରିମାନା ଆଦାୟ କରିଛନ୍ତି। ବାଲେଶ୍ୱର ଖାଦ୍ୟ ନିରୀକ୍ଷକ ଅଧିକାରିଣୀ ଅନୁଶ୍ରୀ ଖଟୁଆ, ଖାଦ୍ୟ ନିରାପତ୍ତା ଅଧିକାରୀ ଶଶୀକାନ୍ତ ବେହେରା, ସାନିଟାରୀ ଇନିସ୍ପେକ୍ଟର ଗଦାଧର ବେହେରା ଓ ନିତ୍ୟାନନ୍ଦ ପତି ମାର୍କୋଣା ବଜାର, ଜାମୁଝଡି ଓ୧୬ ନମ୍ବର ଜାତୀୟ ରାଜପଥ ରେ ଥିବା ବିଭିନ୍ନ ମିଠା ଦୋକାନ, ହୋଟେଲ ଓ ପୁଚୁକା ଦୋକାନ ରେ ଖାଦ୍ୟ ର ଗୁଣାତ୍ମକ ମାନ ପରୀକ୍ଷା କରି ଅନିୟମିତତା ପାଇବାରୁ ସେମାନଙ୍କୁ ଏକାହଜାର ରୁ ଫାଇନ ଆଦାୟ କରିଥିଲେ, ମୋଟ ୨୦ ଟି ଦୋକାନ ଓ ହୋଟେଲ ରୁ ୭୮ ୫୦୦ ଆଦାୟ କରିଥିଲେ।

## ବର୍ଷା ଛାଡ଼ିଲା, ନଦୀ କୂଳିଆଙ୍କ ଦୁର୍ଦ୍ଦଶା ବଢ଼ିଲା



ଜଳେଶ୍ୱର ବ୍ଲକ,୨୧।୬( ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଗାଲୁଡ଼ିହି ବ୍ୟାରେଜ୍ ୨ ଲକ୍ଷ୍ୟ ୪୨ ହଜାର କ୍ୟୁସେକ ପାଣି ନିଷ୍କାସନ ଯୋଗୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଯାହାଦ୍ୱାରା ଜଳେଶ୍ୱର ଅଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ଗମ୍ଭୀର ହୋଇଛି। ବନ୍ୟା ଦ୍ୱାରା ଜଳେଶ୍ୱର ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଲୋକ ଜଳ ବନ୍ଦିରେ ରହୁଛନ୍ତି ଏବଂ ଏହା ଦ୍ୱାରା ପନିପରିବା ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ରାଇବଣିଆ ଅଞ୍ଚଳର ଓଲମରା, ମାକିଡିଆ, କୁଅଁରପୁର, ଗୋପାଳପ୍ରସାଦ, ତୋଟାପଡା, କେଏମସାହି ଆଦି ଅଞ୍ଚଳର ଚାଷୀ ଶ୍ରୀକାନ୍ତ ପଲେଇ , ସନ୍ତୋଷ ଦଣ୍ଡପାଟ, ସୁଧୀର ଦଣ୍ଡପାଟ, ପ୍ରହ୍ଲାଦ ଦଣ୍ଡପାଟ ପ୍ରମୁଖ ପନିପରିବା ଚାଷଙ୍କ ଚାଷ କ୍ଷେତରେ ବନ୍ୟା ଜଳ ପଶିବା ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏ ନେଇ ସରପଞ୍ଚ ଚଞ୍ଚଳା ସେଠୀ, ନ୍ୟାବ ସରପଞ୍ଚ ଖୀତିଶ ଚନ୍ଦ୍ର ଦେ, ପୂର୍ବତନ ସରପଞ୍ଚ ସତ୍ୟ ଶୋଭନ ମିଶ୍ର, ବିପ୍ଳବ ପ୍ରଧାନ ପ୍ରମୁଖ ନେତୃବୃନ୍ଦମାନେ ପଞ୍ଚାୟତର ପିଇଓଙ୍କୁ ସ୍ଥିତି ଦେଖାଇବା ସହିତ କୃଷି ବିଭାଗ ଓ ଉଦ୍ୟାନ ବିଭାଗର କର୍ମଚାରୀ ଫୋନ ଜରିଆରେ ଅବଗତି କରାଇ ଥିଲେ। ବନ୍ୟା ବିପନ୍ନଙ୍କ ପାଖରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବ୍ରଜ ମୋହନ ପ୍ରଧାନଙ୍କ ସହିତ ଆଜି ବାଇଗଣବାଡ଼ିଆ, ଝାଡପିପଲ୍, ପଶ୍ଚିମବାର୍ଡ଼ ଗ୍ରାମପଞ୍ଚାୟତ ଯାଇ ଜଳ ବନ୍ଦିରେ ଥିବା ଲୋକଙ୍କ ସହିତ ଭେଟି ତାଙ୍କର ସମସ୍ୟା ବୁଝିବା ସହିତ ବନ୍ୟା ଦ୍ୱାରା ପନିପରିବା ଚାଷର ବ୍ୟାପକ କ୍ଷୟକ୍ଷତି ବାବଦରେ ଉଦ୍ୟାନ ବିଭାଗର ଅଧିକାରୀ ଡ଼ାକି ତାଙ୍କ ସହିତ ଆଲୋଚନା କରିଥିଲେ।

## ସମର୍ପଣ ଦ୍ୱାରା ବିଶ୍ୱ ସଙ୍ଗୀତ ଦିବସ ପାଳିତ



ବାଲେଶ୍ୱର,୨୧।୬(ସମିସ): ବିଶ୍ୱ ସଙ୍ଗୀତ ଦିବସ ଅବସରରେ ସଙ୍ଗୀତ ଅନୁଷ୍ଠାନ 'ସମର୍ପଣ' ଓ ନୋସି କଲ୍‌ଚୁରାଲ ଏକାଡେମୀ ସହଯୋଗରେ ଉତ୍କଳା ମୁକ୍ତ ମଞ୍ଚରେ ପ୍ରଥମଥର ପାଇଁ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଅନୁଷ୍ଠାନର ସଭାପତି ଡ ଭାଗବତ ପ୍ରସାଦ ଦସ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷାବିତ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥି ଭାବରେ ଡ ରତ୍ନାକର ସିଂହ, କମଳାକାନ୍ତ ଦାସ, କାଦମ୍ବିନୀ ପାକଳ ଯୋଗ ଦେଇ ସଙ୍ଗୀତ ଓ ଜୀବନ ବିଷୟରେ ଆଲୋକପାତ କରିଥିଲେ। ଶିଳ୍ପୀ କେଶୁଦାସ ଓ କଣ୍ଠଶିଳ୍ପୀ ବିକର୍ତ୍ତନ ନାୟକଙ୍କୁ ସମର୍ପଣ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ ମିଶ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗାୟକ ହୀରାଲାଲ ପାକଳ ଅନୁଷ୍ଠାନ ବିଷୟରେ ବିବରଣୀ ପ୍ରଦାନ କରିଥିବା ବେଳେ ରାଧା ରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। କୁନି ଓଡ଼ିଶୀ ନୃତ୍ୟ ଶିଳ୍ପୀ ସ୍ମିତା ପ୍ରଭା ବ୍ରହ୍ମା, ନିକିତା ବିନ୍ଧାଣି ଓ ସାଗରିକା ପଣ୍ଡା ସୁନ୍ଦର ମଙ୍ଗଳାଚରଣ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଗୁରୁ ଗୟାଧର ଦାସ, କୁମାର ସୋମୁ, ହୀରାଲାଲ ପାକଳ, ବିକର୍ତ୍ତନ ନାୟକ, ଅସୀତ ମଙ୍ଗରାଜ, ସତ୍ୟଭାମା ମୁଦୁଲି, ପ୍ରଭାକର ସାହୁ ସୁନ୍ଦର ସୁନ୍ଦର ସଙ୍ଗୀତ ପରିବେଷଣ ସମସ୍ତଙ୍କ ମନ ହରିଥିଲେ। ହାରମୋନିୟମର ଗୁରୁ ଗୟାଧର ଦାସ ଓ ତବଲାରେ ବିକ୍ରମ ପାଣିଗ୍ରାହୀ ସହଯୋଗ କରିଥିଲେ। ଉତ୍କଳାର ନିୟମିତ କଣ୍ଠଶିଳ୍ପୀ କୁମାର ଜୀବନ, ରଶ୍ମୀରେଖା ମହାପାତ୍ର, ନନ୍ଦିନୀ ନାୟକ, ଏକାଦଶୀ ବର୍ମନ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କେଶବ ଦାସ, ମଧୁସୂଦନ ମାଝୀ, ଦେବୀପ୍ରସାଦ ପାଣିଗ୍ରାହୀ, ଜୟଶ୍ରୀ ମିଶ୍ର ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇ ସଙ୍ଗୀତ ଉପଭୋଗ କରିଥିଲେ।

## ଜଳେଶ୍ୱର ପୌରପାଳିକା ପକ୍ଷରୁ ଚାରାରୋପଣ



ଜଳେଶ୍ୱର ବ୍ଲକ,୨୧।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ କ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଚାଲୁଛି। ଏହି କାର୍ଯ୍ୟକ୍ରମ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଖାଲି ଥିବା ସ୍ଥାନରେ ଚାରାରୋପଣ କରି ପୃଥିବୀକୁ ସବୁଜିମାରେ ପରିପୂର୍ଣ୍ଣ କରି ପରିବେଶ ସୁରକ୍ଷିତ ରଖିବା ଓ ଜଳବାୟୁ ପରିବର୍ତ୍ତନର ଏକ ଶାଖା ଟିଏ ହୋଇ ସମାଜକୁ ଓ ପୃଥିବୀ ମା ଏବଂ ଜନ୍ମ ଦାଦା ମା ପାଇଁ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଜଳେଶ୍ୱର ପୌରପାଳିକା ପକ୍ଷରୁ ହୋଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ବାଲେଶ୍ୱର ଏଡିଏମ୍ ହେମନ୍ତ କୁମାର ସିଂ, ସେଖ ସୈଫୁଦ୍ଦିନ, କାଉନସିଲର ଶିବ ନାରାୟଣ ମହାପାତ୍ର, ବାପି ଖଟୁଆ, ସ୍ୱଚ୍ଛ ସାଥୀ, ସମେତ ପୌରପାଳିକାର ସମସ୍ତ କର୍ମଚାରୀ ବୃନ୍ଦ ମିଶି ୧୦୦ ଟି ଚାରାରୋପଣ କରିଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର୨୧।୬(ସମିସ): ଦିନକୁ ଦିନ ସାଧାରଣ ବ୍ୟକ୍ତି ସାଇବର ଠକେଇ ଶିକାର ହେଉଛନ୍ତି। କେତେବେଳେ ଲଟେରି ମିଳିଛି ତ କେତେବେଳେ ଏଟିଏମ କାର୍ଡ ବନ୍ଦ ହୋଇଛି କହି ସାଇବର ଅପରାଧୀ ମାନେ ସାଧାରଣ ବ୍ୟକ୍ତିଙ୍କୁ ପ୍ରଲୋଭିତ କରି



ଠକୁଛନ୍ତି। ସାଇବର ଅପରାଧୀଙ୍କ ଜାଲରେ ଅଶିକ୍ଷିତ, ଶିକ୍ଷିତ ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପଡୁଥିବା ଦେଖିବାକୁ ମିଳୁଛି। ତେବେ ସାଧାରଣ ବ୍ୟକ୍ତିଙ୍କୁ ସାଇବର ଅପରାଧୀଙ୍କ ଠାରୁ ବର୍ତ୍ତିବା ପାଇଁ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ରଙ୍କ ପ୍ରୟାସରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅଧୀନ ଲଙ୍ଗଳେଶ୍ୱର ବଜାରରେ ଥିବା ଆରକେ ଇନ୍ଫୋ ଏକାଡେମୀ ପରିସରରେ ଏକ 'ସାଇବର ସୁରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମାନବସମ୍ବଳ ହେବ ସ୍ଥାନାନ୍ତର

ବାଲେଶ୍ୱର,୨୧।୬( ସମିସ)

**ରେମୁଣା ଏଫ୍‌ଏମ୍‌ଏମ୍‌ସିଏଚ୍‌କୁ ଚିଠି**

**ଉତ୍ତମ ଚିକିତ୍ସା ନେଇ ଚିନ୍ତାରେ ବାଲେଶ୍ୱରବାସୀ**

**ବାଲେଶ୍ୱର ବନ୍ଦଡାକରା ନେଇ ଉଠୁଛି ଦାବି**

ବର୍ତ୍ତମାନ ସମୟରେ କୁହାଯାଉଛି ଯନ୍ତ୍ରଣାର ଅନ୍ୟନାମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ପୂର୍ବରୁ ଯାହା ଯେମିତି ଅସୁବିଧା ଓ ସମସ୍ୟା ଲାଗିଥିଲା ମାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ବିଭାଗ ରେମୁଣା ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ କ୍ୟାମ୍ପସକୁ ସ୍ଥାନାନ୍ତର ପରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲ କଲେଜ ଗଲେ ସେଠାରେ ସ୍ୱାସ୍ଥ୍ୟସେବାର ସବୁ ବ୍ୟବସ୍ଥା ନ ଥିବାବେଳେ ଏପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ ରୋଗୀ ହନ୍ତସନ୍ତ ହେବା ବ୍ୟତୀତ କିଛି ଉପାୟ ନାହିଁ। ଏହି ପରିସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯାହା ବାକି ଥିଲା ସେସବୁକୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର ପାଇଁ ମେଡିକାଲ କଲେଜ ସୁପରିଟେଣ୍ଡେଣ୍ଟ ଚିଠି ଦେଇଛନ୍ତି। ରେମୁଣା ଏଫ୍‌ଏମ୍‌ଏମ୍‌ସିଏଚ୍‌କୁ ମାନବସମ୍ବଳ ସ୍ଥାନାନ୍ତର ସମ୍ବନ୍ଧରେ ଏହି ଚିଠିରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ଏହି ଚିଠି ପାଇବା ପରେ ବାଲେଶ୍ୱରବାସୀ ତଥା ସଚେତନ ନାଗରିକ ଚିନ୍ତାରେ ପଡ଼ିଛନ୍ତି। କାରଣ ମୁଖ୍ୟ ଚିକିତ୍ସାଳୟରୁ ସବୁକିଛି ତଥା ମାନବସମ୍ବଳ ସ୍ଥାନାନ୍ତର ପରେ କେମିତି ଚାଲିବ ତାହା ନେଇ ଚର୍ଚ୍ଚା ଜୋରଦାର ଚାଲିଛି। ଏପରି ସମୟରେ କେହି ମୁଖ୍ୟ ଚିକିତ୍ସାଳୟକୁ ଆସିଲେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ନାହିଁ ବୋଲି ସମସ୍ତେ ଆଶଙ୍କା କରିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସମସ୍ତ କ୍ଲିନିକାଲ୍ ବିଭାଗଗୁଡ଼ିକୁ ଶିକ୍ଷାଦାନ ହସ୍ପିଟାଲ କ୍ୟାମ୍ପସ, ଏଫ୍‌ଏମ୍‌ଏମ୍‌ସିଏଚ୍, ରେମୁଣାରେ ପୂର୍ବରୁ ସ୍ଥାନାନ୍ତରିତ ହୋଇସାରିଛି ଏବଂ କାର୍ଯ୍ୟକ୍ଷମ କରାଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ସମୟରେ ବର୍ତ୍ତମାନ ଥିବା ମାନବ ସମ୍ବଳର ୫୦ ପ୍ରତିଶତ ଶିକ୍ଷାଦାନ ହସ୍ପିଟାଲ କ୍ୟାମ୍ପସକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଅନ୍ୟ ୫୦ ପ୍ରତିଶତ ଡିଏଚଏଚ କ୍ୟାମ୍ପସରେ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟାୟକ୍ରମେ ମାନବସମ୍ବଳ ସ୍ଥାନାନ୍ତର ପରେ ଜୁନ୍ ୩୦ ସୁଦ୍ଧା ଇଚ୍ଛୁକ କର୍ମଚାରୀମାନଙ୍କୁ ଶିକ୍ଷାଦାନ ହସ୍ପିଟାଲ କ୍ୟାମ୍ପସକୁ ସ୍ଥାନାନ୍ତରିତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଷ୍ଟ୍ରେଚର ବୟରର୍ସ ଏବଂ ଇସିଜି ଟେକ୍ନିସିଆନମାନେ, ଯେହେତୁ ସେମାନେ ଏମସିଏଚ ପାଇଁ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ନୁହଁନ୍ତି। ଯଦି ସେମାନେ ବହୁ-କୁଶଳୀ ଆଟେଣ୍ଡାଣ୍ଟ (ଅର୍ଦ୍ଧ-କୁଶଳୀ) ଭାବରେ କାମ କରିବାକୁ ଇଚ୍ଛୁକ ଏବଂ ଏଫଏମଏମସିଏଚ, ବାଲେଶ୍ୱର ପାଇଁ ଉପଯୁକ୍ତ ସେମାନଙ୍କୁ ଏଫ୍ ଏମ୍ ଏମ୍ ସି ଏଚ୍, ବାଲେଶ୍ୱରରେ ଅନୁମୋଦିତ ଆଟେଣ୍ଡାଣ୍ଟ ପଦ ବିରୁଦ୍ଧରେ ବିଚାର କରାଯାଇପାରେ। ଏହାବ୍ୟତୀତ ଭବିଷ୍ୟତରେ କୌଣସି ଜଟିଳତାକୁ ଏଡାଇବା ପାଇଁ ଅନିଚ୍ଛୁକ ଏବଂ ଅନୁପଯୁକ୍ତ କର୍ମଚାରୀମାନଙ୍କୁ ୩୦ ତାରିଖ ସୁଦ୍ଧା ମେଡିକାଲ କଲେଜରୁ ବହିଷ୍କାର କରାଯିବ ବୋଲି ଉଲ୍ଲେଖ ରହିଛି। ତେବେ ଏହି ଚିଠି ସିକ୍ୟୁରିଟି, ସଫେଇ କମ୍ପାନୀକୁ କରାଯାଇଛି ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଛି। ଏହି ଚିଠି ପାଇବା ପରେ ବାଲେଶ୍ୱରବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସେବାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଏଥିସହିତ ବାଲେଶ୍ୱର ବନ୍ଦ ପାଇଁ ଡାକରା ନହେଲେ ହସ୍ପିଟାଲ ସମ୍ମୁଖରେ ଗଣଧାରଣା ପାଇଁ ସାମାଜିକ ଗଣମାଧ୍ୟମରେ ମତପ୍ରକାଶ କରୁଛନ୍ତି।

### ଅର୍ନ୍ତଜାତୀୟ ଯୋଗ ଦିବସ ପାଳିତ

# ‘ଯୋଗ ହିଁ ବ୍ୟକ୍ତି ମାନସିକତାରେ ସ୍ୱଚ୍ଛତା ଆଣିବାର ସହାୟକ ହୋଇପାରିବ’






ବାଲେଶ୍ୱର,୨୧।୬(ସମିସ)

ସମଗ୍ର ବିଶ୍ୱରେ ଏକାଦଶ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେଉଥିବା ବେଳେ ଏନେଇ ବାଲେଶ୍ୱର ସହରର ଆଇଟିଆଇ ଛକ ସ୍ଥିତ ଇନ୍‌ଡୋର ଷ୍ଟାଡିଆମ ପରିସରରେ ବିଶାଳ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଭାବେ ଉଦ୍‌ଘାଟନ କରିଥିଲେ। ବ୍ୟକ୍ତି ମାନସିକତାରେ ସ୍ୱଚ୍ଛତା ଆଣିବାରେ ଯୋଗ ହିଁ ଉଚିତ ମାଧ୍ୟମ ହୋଇପାରିବ ବୋଲି ସେ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। କେବଳ ଗୋଟିଏ ଦିନ ପରିବର୍ତ୍ତେ ଦୈନିକ ଅଭ୍ୟାସରେ ଯୋଗ ଓ ପ୍ରାଣାୟମ ଜାରି ରଖିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଅବକାରୀ ସୁପରଟେଣ୍ଡେଣ୍ଟ ମନୋଜ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗ ବିଜ୍ଞାନକୁ ଆପଣେଇ ପାରିଲେ ଆନ୍ତରିକ ସୁଦ୍ଧତା ଆସିବା ସହ ସମଗ୍ର ବିଶ୍ୱ ଗୋଟିଏ ପରିବାର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ତେବେ ଚଳିତ ବର୍ଷ ଯୋଗ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ’ର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବାଲେଶ୍ୱର ସହର ତଥା ଆଖପାଖ ଅଞ୍ଚଳରୁ ବହୁ ଲୋକ ଏଥିରେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।




## ହେଲଦି ଲାଇଫ ପକ୍ଷରୁ ଯୋଗଦିବସ

**ବାଲେଶ୍ୱର :** ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଓ ମୋରାରଜୀ ଦେଶାଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଯୋଗ ସହଯୋଗରେ ବାଲେଶ୍ୱରର ହେଲ୍‌ଦି ଲାଇଫ ଯୋଗ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଏକାଦଶ ବିଶ୍ୱ ଯୋଗଦିବସ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୋଗଶିକ୍ଷାର ପ୍ରଚାର ପ୍ରସାରରେ ହେଲଦି ଲାଇଫର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ପୂର୍ବାଞ୍ଚଳ ଜୋନ୍ ପୁଲିସ ଡିଆଇଜି ଡାକ୍ତର ସତ୍ୟଜିତ ନାୟକ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ନିରୋଗ ଶରୀର ଗଠନ, ଉତମ ସ୍ୱାସ୍ଥ୍ୟରକ୍ଷା ଓ ମାନସିକ ଭାରସାମ୍ୟ ରକ୍ଷାରେ ଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ। ପୌରାଧ୍ୟକ୍ଷା ସବିତା ସାହୁ, ସମାଜସେବୀ ଅଞ୍ଜଳି ପଣ୍ଡା, କବି ପ୍ରଶାନ୍ତ ଦାସ, ସାମ୍ବାଦିକ ସମ୍ପାଦକ ସୃଷ୍ଟିଧର ପରିଡା, ଏଆର ଇଣ୍ଡିଆ ଏକ୍ସପ୍ରେସର ପାଇଲଟ ଅଙ୍କିତ କୋଟେଚା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଭାରତୀୟ ଗୁରୁକୁଳ ଶିକ୍ଷାବ୍ୟବସ୍ଥାରେ ଯୋଗ ଓ ପ୍ରାଣାୟମକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଦୈନିକ ଜୀବନଚର୍ଯ୍ୟା ମଧ୍ୟରେ ଯୋଗ ଓ ପ୍ରାଣାୟମ ଅଭ୍ୟାସ ନିମନ୍ତେ କିଛିଟା ସମୟ ଦେବାକୁ ଆହ୍ୱାନ ଦେଇଥିଲେ। ଯୋଗ ପ୍ରଶିକ୍ଷଣ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିୟର ଆଣ୍ଡ ଯୌଗିକ ସାଇନ୍ସ ଏବଂ ହେଲ୍‌ଦି ଲାଇଫ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମକୁ ପୌରୋହିତ୍ୟ କରିବା ସହିତ ଅନୁଷ୍ଠାନର କାର୍ଯ୍ୟଧାରା, ଯୋଗ ଓ ପ୍ରାକୃତିକ ଚିକିତ୍ସା ଶିକ୍ଷା ପ୍ରଦାନ କ୍ଷେତ୍ରରେ ହେଲଦି ଲାଇ ଯୋଗ ମହାବିଦ୍ୟାଳୟର ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ହେଲ୍‌ଦି ଲାଇଫ ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ‘ମା’ ପାଇଁ ବୃକ୍ଷଟିଏ ଆହ୍ୱାନ’ କ୍ରମେ ହରିତ ଯୋଗ ଅଭିଯାନ ଅନ୍ତର୍ଗତ ବୃକ୍ଷଚାରା ବଂଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀଙ୍କ ସହ ବାଲେଶ୍ୱର ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗାଭ୍ୟାସ କରିଥିଲେ। ଅଧ୍ୟାପିକା ଅନିତା ମିଶ୍ର ଓ ଅଧ୍ୟାପକ ଅଭିଷେକ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା। କାନ୍ତୀକ୍ରିଷ୍ଣା ପାଣିଗ୍ରାହୀ, ସବିତାରାଣୀ ଦାସ, ମନ୍ଦାକିନୀ ଜେନା, ସୁରଜିତ ସିଂଙ୍କ ସମେତ ସୁଭଦ୍ରା ସାହୁ, ଦେବସ୍ମିତା ବେହେରା, ଚାରୁଯଜ୍ଞ ସ୍ୱାଇଁ, ସୁକାନ୍ତି ମହାନ୍ତ, କରନ ବେହେରା, ଏକତା ମହାନ୍ତି, ଚନ୍ଦ୍ରକାନ୍ତି ଦାସ ପ୍ରମୁଖ ସହଯୋଗ କରିଥିଲେ।

## ହୋଟେଲ ଆସୋସିଏସନ୍

**ବାଲେଶ୍ୱର :** ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିବା ବେଳେ ବାଲେଶ୍ୱର ହୋଟେଲ ଆସୋସିଏସନ ଆନୁକୂଲ୍ୟରେ ହୋଟେଲ ହରିପ୍ଲାଜା ପରିସରରେ ପାଳିତ ହୋଇଯାଇଛି। ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ସହଯୋଗରେ ବରିଷ୍ଠ ଯୋଗ ପ୍ରଶିକ୍ଷକ ସୁଜିତ କୁମାର ଜେନା ହୋଟେଲ ଆସୋସିଏସନର କର୍ମକର୍ତ୍ତାଙ୍କ ସହ ଉପସ୍ଥିତ ବ୍ୟକ୍ତିଙ୍କୁ ଯୋଗାଭ୍ୟାସ କରାଇବା ସହ ବିଭିନ୍ନ ରୋଗ ପାଇଁ ଆବଶ୍ୟକୀୟ ଯୋଗ ଓ ପ୍ରାଣାୟମ କରିବା ସମ୍ପର୍କରେ ବୁଝାଇଥିଲେ। ରୋଗର ନିଦାନ ପାଇଁ କେବଳ ଔଷଧ ସେବନ ପରିବର୍ତ୍ତେ ପ୍ରତ୍ୟେହ ସୁଷମ ଖାଦ୍ୟ ଗ୍ରହଣ ଏବଂ ଶାରୀରିକ ପରିଶ୍ରମ ସହିତ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ସକାଳେ ଉଭୟ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ଓ ବାଲେଶ୍ୱର ହୋଟେଲ ଆସୋସିଏସନର କର୍ମକର୍ତାମାନେ ଯୋଗାଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରାର ସହର ପରିକ୍ରମା କରିଥିଲେ। ହୋଲିଷ୍ଟିକର ସଭାନେତ୍ରୀ ଜୟସ୍ମିତା ନାୟକ, ସମ୍ପାଦକ ରଞ୍ଜନ କୁମାର ସାହୁ, ବାଲେଶ୍ୱର ହୋଟେଲ ଆସୋସିଏସନର ସଭାପତି ସରୋଶ ବୋଧନୱାଲା, ସମ୍ପାଦକ ଆଦର୍ଶ ଭଟ୍ଟର, କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ ଓ ସଂଗ୍ରାମ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ପାଣିପାଗ କାର୍ଯ୍ୟାଳୟ

**ବାଲେଶ୍ୱର :** ଯୋଗ ଦିବସ ଉପଲକ୍ଷେ ସକାଳ ୬ ଟା ସମୟରେ ବାଲେଶ୍ୱର ପାଣିପାଗ କାର୍ଯ୍ୟାଳୟରେ ଏକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟର ମୁଖ୍ୟ ମଦନମୋହନ ଦାସଙ୍କ ତତ୍ୱାବଧାନରେ ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଯୋଗଗୁରୁ ଭବାନୀଶଙ୍କର ଦାଶ ବିଭିନ୍ନ ଯୋଗଶିକ୍ଷା ପ୍ରଦାନ କରିଥିବାବେଳେ ବୈଜ୍ଞାନିକ ନବଜ୍ୟୋତି ବାରିକ ଯୋଗର ଉପାଦେୟତା ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟାଳୟର କର୍ମଚାରୀ ସୁଶାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାଣୀପାଟଣା ବିଦ୍ୟାଳୟ

**ବାଲେଶ୍ୱର :** ରାଣୀପାଟଣା ଦୃଷ୍ଟିହୀନ ଓ ସିପି ନିମନ୍ତେ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଅଛି। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଅଭ୍ୟାସ କରିଥିଲେ। ନିର୍ଦ୍ଦେଶକ ଦିବାକର ସ ଯୋଗ ଦ୍ୱାରା କିପରି ମଣିଷ ସୁସ୍ଥ ରୁହେ ଓ କଷ୍ଟସାଧ ରୋଗରୁ ମୁକ୍ତ ହୁଏ ଏ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଯୋଗ ପ୍ରଶିକ୍ଷକ ଗୌରାଙ୍ଗ ପ୍ରଧାନ ଓ କ୍ରୀଡ଼ା ଶିକ୍ଷକ ପ୍ୟାରୀମୋହନ ଭୂୟାଁ ଯୋଗର କୌଶଳ ବିଷୟରେ ଅବଗତ କରାଇବା ସହ ଯୋଗ ଅଭ୍ୟାସ କରାଇଥିଲେ।

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

**ବାଲେଶ୍ୱର:** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଉତ୍ତରାୟଣ ମଞ୍ଚରେ ସକାଳ ୭ଟାରୁ ୭.୪୫ଟା ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ୧୫୦ ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ଘୋଷ, ଛାତ୍ରଛାତ୍ରୀ, ଏନଏସଏସ୍, ୱାଇଆରସି ସ୍ୱେଚ୍ଛାସେବୀ, ଏନସିସି କ୍ୟାଡେଟ୍, ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଦ ହୋଲିଷ୍ଟିକ୍ ହିଲିଂ ଯୋଗ ସେଣ୍ଟରର ଅଭିଜ୍ଞ କାର୍ଯ୍ୟକର୍ତ୍ତା ଓ ମହାବିଦ୍ୟାଳୟର ଶାରୀରିକ ଶିକ୍ଷକ ସଞ୍ଜୀବ ତାଲ ଯୋଗର ବିଭିନ୍ନ ଆସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ସମୀର କୁମାର ସାହୁ ଓ ଡ. ସାସ୍ୱତୀ ଜେନା ସଫଳ ଭାବେ ସମନ୍ୱୟ କରିଥିଲେ।

## ପ୍ରଭାତ ଫେରି, ଯଜ୍ଞ ଓ ଚାରାରୋପଣ

**ବାଲେଶ୍ୱର :** ସଦର ବ୍ଲକ୍ ଅଧୀନ ପିଞ୍ଚାବଣିଆର ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ ଆନୁକୂଲ୍ୟରେ ପିଞ୍ଚାବଣିଆ ସରକାରୀ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଯୋଗ ଓ ପରିବେଶ ସଂକ୍ରାନ୍ତୀୟ ଏକ ପ୍ରଭାତ ଫେରି ସହ ଯୋଗ ଚାରାରୋପଣ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଅନନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନୀଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆର ସମ୍ପାଦକ ଆଚାର୍ଯ୍ୟ ବିଜୟ ଜି ଏବଂ ରୂପସା ଥାନାର ଭାରପ୍ରାପ୍ତ ଅଧିକାରିଣୀ ମୌସୁମୀ ମହାନ୍ତି, ରୂପସା ସାମିଲ୍ ହସନପୁର ପଞ୍ଚାୟତ ସରପଞ୍ଚ ମାଳତୀ ପ୍ରଧାନ, ୨୮ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ସଞ୍ଜୟ କୁମାର ସେଠି, ବରିଷ୍ଠ ସମାଜ ସେବୀ ଅକ୍ଷୟ କୁମାର ମିଶ୍ର, ଲମ୍ବୋଦର ସେଠୀ, ପିଞ୍ଚାବଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନେପାଳୀ କୁମାର ମହାନ୍ତି, ବୈଦିକ ବିଦ୍ୱାନ ପଣ୍ଡିତ ସୁଧାକର ଶାସ୍ତ୍ରୀ, କସିପଦା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ପ୍ରଧାନ, ହଳଦୀପଦା ପଞ୍ଚାୟତର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଜେନା, ମନୁଡିଆରୁ ବନମାଳୀ ସାର୍ ଓ ବାଖରାବାଦ ୟୁଥ୍ କ୍ଲବ୍ ସଦସ୍ୟ ଯୋଗ ଦେଇଥିଲେ। ଶିକ୍ଷାଶ୍ରମର ଅଧ୍ୟକ୍ଷ ଗଣେଶ ପାଢ଼ୀଙ୍କ ସମେତ ଗୁରୁଜୀ ଦେବେନ୍ଦ୍ର ଗିରି, ଗୁରୁମା କ୍ଷଣପ୍ରଭା ନାୟକ, ଗୁରୁମା ପ୍ରତିମା ବେହେରା, ଗୁରୁମା ମିନତି ରାଣୀ ସିଂ, ଗୁରୁମା ଶୁଭଲକ୍ଷ୍ମୀ ସାହୁ, ଗୁରୁମା ସୁଶ୍ରୀ ସୋନାଲିକା ସିଂହ ପ୍ରମୁଖଙ୍କ ପ୍ରଚେଷ୍ଟାରେ ସଫଳ ରୂପେ ସମାପନ ହୋଇଯାଇଛି। ହରିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ଅବକାରୀ ପୁଲିସ ପକ୍ଷରୁ ଭିନ୍ନଭିନ୍ନ ସ୍ଥାନରେ ଚଢ଼ଉ

# ୪୪ କେଜି ଗଞ୍ଜେଇ ଜବତ; ମହିଳା ସମେତ ୫ ଗିରଫ



ବାଲେଶ୍ୱର,୨୧।୬(ସମିସ): ବାଲେଶ୍ୱର ଜିଲ୍ଲା ଅବକାରୀ ଉପ- ଆୟୁକ୍ତ ତଥା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବାଲେଶ୍ୱର ଅବକାରୀ ପୁଲିସ ପକ୍ଷରୁ ସହଦେବଖୁଣ୍ଟା ବସଷ୍ଟାଣ୍ଡ, ଶେରଗଡ଼ ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ, ବସ୍ତାସ୍ଥିତ ୬୦ ନମ୍ବର ଜାତୀୟ ରାଜପଥ ଉପରେ ଚଢ଼ଉ କରାଯାଇ ୪୪କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଚଢ଼ଉବେଳେ ଜଣେ ମହିଳା ସମେତ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲଣ କରାଯାଇଛି। ଏହି ଚଢ଼ଉରେ ଦିପ୍ତିମୟୀ ସାହୁ ଅବକାରୀ ନିରୀକ୍ଷକ, କେଶବ ଦାସ ଅବକାରୀ ନିରୀକ୍ଷକ ନୀଳଗିରି, ହରିହର ସିଂ ଅବକାରୀ ନିରୀକ୍ଷକ, ଗଙ୍ଗୋମାଣି ହେମ୍ବ୍ରମ ଉପନିରକ୍ଷୀକା, ଭକ୍ତ ଚରଣ ସ୍ୱାଇଁ ଉପନିରୀକ୍ଷକ, ପ୍ରଜ୍ଞାପ୍ରିୟା ନାୟକ ଉପନିରକ୍ଷୀକା, ଭବେଶ ଦାସ ଉପନିରୀକ୍ଷକ, ଚନ୍ଦନ ନାୟକ ଉପନିରୀକ୍ଷକ ଓ ଜଗନ୍ନାଥ ବେହେରା ଉପନିରୀକ୍ଷକ ପ୍ରମୁଖ ସାମିଲ ଥିଲେ।

### ଗର୍ଭବତୀ ମହିଳାଙ୍କୁ ଭୁଲ ଆଲଟ୍ରାସାଉଣ୍ଡ ରିପୋର୍ଟ ଦେବା ଅଭିଯୋଗ

# ଲକ୍ଷ୍ମୀକାନ୍ତ ହେଲ୍‌ଥ କେୟାର୍ କ୍ଲିନିକ୍ ସିଲ୍ କଲା ପ୍ରଶାସନ

ବାଲେଶ୍ୱର,୨୧।୬(ସମିସ)



ବାଲେଶ୍ୱର ସହରର ଆଇଟିଆଇ ଛକ ନିକଟରେ ଥିବା ଲକ୍ଷ୍ମୀକାନ୍ତ ହେଲ୍ଥ କେୟାର ନାମକ ଏକ ଘରୋଇ ଡାକ୍ତରଖାନା ପକ୍ଷରୁ ଜଣେ ଗର୍ଭବତୀ ମହିଳାଙ୍କୁ ଭୁଲ ଅଲଟ୍ରାସାଉଣ୍ଡ ରିପୋର୍ଟ ଦିଆଯାଇ ଥିବା ଅଭିଯୋଗ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ପୂର୍ବକ ଶନିବାର ଦିନ ପୂର୍ବାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଲିସ ସହାୟତାରେ ସମ୍ପୃକ୍ତ ଘରୋଇ ଡାକ୍ତରଖାନାର ଅଲଟ୍ରାସାଉଣ୍ଡ ୟୁନିଟକୁ ସିଲ୍ କରାଯାଇଛି। ବାଲେଶ୍ୱର ସହରସ୍ଥ ଆଇଟିଆଇ ଛକସ୍ଥିତ ଲକ୍ଷ୍ମୀକାନ୍ତ କେୟାର ନାମକ ଏକ ଘୋରେଇ ଡାକ୍ତରଖାନାରେ ଜଳେଶ୍ୱର ରାଇବଣିଆ ଅଞ୍ଚଳର ସୋନାଲି ବିନ୍ଦୁ ପାତ୍ର ନାମକ ଗର୍ଭବତୀ ମହିଳା ଅଲ୍‌ଟ୍ରାସାଉଣ୍ଡ କରାଇ ଥିଲେ। ମାତ୍ର ସମ୍ପୃକ୍ତ ଘରୋଇ ଡାକ୍ତରଖାନା ସୋନାଲିଙ୍କ ଗର୍ଭରେ ଯାଆଁଳା ଶିଶୁ ଅଛି ବୋଲି ରିପୋର୍ଟରେ ଦର୍ଶାଇ ଥିଲେ। ତେବେ ଗତ ମେ’ ମାସ ୧୪ତାରିଖରେ ଜିଲ୍ଲା ମୁଖ୍ୟ ଡାକ୍ତଖାନାରେ ସୋନାଲିଙ୍କ ପ୍ରସବ ହେଲାପରେ ଗୋଟାଏ ପିଲା ଜନ୍ମ ନେଇଥିଲା। ଏଥିରେ ସୋନାଲିଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ଘରୋଇ ଡାକ୍ତରଖାନାର ଅଲଟ୍ରାସାଉଣ୍ଡ ରିପୋର୍ଟ ଦେଖାଇ ଥିଲେ। ହେଲେ ଘାରୋଇ ଡାକ୍ତରଖାନା ଭୁଲ ରିପୋର୍ଟ ଦେଇଛି ବୋଲି ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର କହିବା ପୂର୍ବକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରେ ଅଭିଯୋଗ କରିଥଲେ। ଲକ୍ଷ୍ମୀକାନ୍ତ କେୟାର ଘରୋଇ ଡାକ୍ତରଖାନା ଲିଙ୍ଗ ନିରୁପଣ ଓ ଅନିଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ କରି ଭୁଲ ରିପୋର୍ଟ ଦେଉଥିବା ଅଭିଯୋଗରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପକ୍ଷରୁ ତଦନ୍ତ କରାଯାଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ଥିଲା। ମାତ୍ର ଲକ୍ଷ୍ମୀକାନ୍ତ ଘରୋଇ ହସ୍ପିଟାଲର କର୍ତ୍ତୃପକ୍ଷ ଅଲଟ୍ରାସାଉଣ୍ଡ ରିପୋର୍ଟକୁ ନେଇ ଭୁଲ ସ୍ୱୀକାର କରିବା ପରେ ଜିଲ୍ଲାପାଳ ଏହି ଘରୋଇ ଡାକ୍ତରଖାନାର ଅଲଟ୍ରାସାଉଣ୍ଡ ୟୁନିଟକୁ ସିଲ୍ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟଙ୍କ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ, ଏଫଡବ୍ଲୁ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଏଡିପିଏଚ ଲେପ୍ରୋସି ଡାକ୍ତର ସଞ୍ଜୀବ କୁମାର ପ୍ରଧାନ, ଏଏମଏଲଏ ମାନସ କୁମାର ସାମନ୍ତ ଏବଂ ଟାଉନ ଥାନା ଅଧିକାରୀ ବିଜୟ ଦାସ ପ୍ରମୁଖ ଲକ୍ଷ୍ମୀକାନ୍ତ ହେଲ୍ଥ କେୟାର ହସ୍‌ପିଟାଲକୁ ଯାଇ ସେଠାରେ ଥିବା ଅଲ୍‌ଟ୍ରାସାଉଣ୍ଡ ୟୁନିଟକୁ ସିଲ୍ କରି ଦେଇଛନ୍ତି। ତେବେ ଏହିଭଳି ବାଲେଶ୍ୱର ସହର ଓ ରେମୁଣା ବିଜ୍ଞାପିତ ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ଘରୋଇ ଡାକ୍ତରଖାନା ସରକାରଙ୍କ ବିନା ଅନୁମତିରେ ଚାଲିଛି। ଏହି ସବୁ ଘରୋଇ ଡାକ୍ତରଖାନା ଗୁଡ଼ିକରେ କେବଳ ଅଲ୍‌ଟ୍ରାସାଉଣ୍ଡ ରିପୋର୍ଟ୍ ନୁହଁ, ଅନ୍ୟ ମେଡିକାଲ ରିପୋର୍ଟ ମଧ ରୋଗୀ ମାନଙ୍କୁ ଭୁଲ ଦେଉଥିବାର ବାରମ୍ବାର ଅଭିଯୋଗ ହୋଇଛି। ତେଣୁ ସରକାରୀ ଅନୁମତି ନନେଇ ଯେଉଁ ସବୁ ଘରୋଇ ଡାକ୍ତରଖାନା ଗୁଡ଼ିକ ଚାଲିଛି, ସେହି ସବୁ ଡ଼ାକ୍ତରଖାନା ଗୁଡିକ ବିରୁଦ୍ଧରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ପୂର୍ବକ ପଦକ୍ଷେପ ନେବା ପାଇଁ ସଚେତନ ମହଲରୁ ଦାବି ହେଉଛି।




ସୃଜନିକା
ସକାଳ THE SAKALA
www.sakalaepaper.com

# ପୁସ୍ତକ ଓ ପତ୍ରିକା ପରିଚୟ

## ବାପାଙ୍କ ସହ ଶେଷ ଜହ୍ନରାତି

ବିପ୍ଳବ




ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୩୯ ଟଙ୍କା

ପ୍ରତିଟି ସନ୍ତାନଙ୍କ ପାଇଁ ବାପା ଜଣେ ମାର୍ଗଦର୍ଶକ, ଶୁଭଚିନ୍ତକ, ପ୍ରେରଣାଦାତା । ବାପାଙ୍କ ଉପସ୍ଥିତିରେ ଜହ୍ନରାତି ବି ଅଧିକ ଆକର୍ଷଣୀୟ ଲାଗିଥାଏ । ପୁଣି ସେ ନ ଥିଲେ ସବୁଠି ଖେଳି ଯାଏ ନିରବତା, କରୁଣର ସ୍ୱର । ଗାଳ୍ପିକ ବିପ୍ଳବଙ୍କ 'ବାପାଙ୍କ ସହ ଶେଷ ଜହ୍ନରାତି' ପୁସ୍ତକର ଗପଗୁଡ଼ିକ ଏହାର ଏକ  ଏକ ଜ୍ୱଳନ୍ତ ଉଦାହରଣ । ଏହି ପୁସ୍ତକର ଅଧିକାଂଶ ଗପରେ ବାପାଙ୍କ ସହିତ ନିବିଡ଼ ସଂପର୍କର ଚିତ୍ର ପ୍ରତିଫଳିତ ହୋଇଛି । ବୁଢ଼ା ବୟସରେ ରୋଗୀଣା ବାପାଙ୍କୁ କୌଣସି ଔଷଧ ସୁସ୍ଥ କରି ପାରେନା, ବରଂ ଟିକିଏ ଭଲ ପାଇବା, ଦି' ପଦ କଥା, ଟିକେ ହସଖୁସି, ଆଉ କିଛି ସମୟର ଆବଶ୍ୟକତା ଥାଏ । ଏହା ପ୍ରମାଣିତ ହୋଇଛି 'ବାପା' ଗପରେ । ପୁଅର ଟିକିଏ ଆତ୍ମୀୟପୂର୍ଣ୍ଣ କଥାବାର୍ତ୍ତା କିଭଳି ଜଣେ ଅସୁସ୍ଥ ବୁଢ଼ା ବାପାକୁ ବିଛଣାରୁ ଉଠାଇ ଦେଉଛି, ତାହା ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଏହି ଗପରେ । ଏହି ପୁସ୍ତକରେ ସଂକଳିତ 'ବାପା ନଥିବା ପୃଥିବୀ', 'ଶେଷ ମାଣବସା', 'ବିଜୟ ଉତ୍ସବ', 'ବାପାଙ୍କ ସହ ଶେଷ ଜହ୍ନରାତି', 'ଘାସଫୁଲ', 'ଅମଣିଷ', 'ପିତା ଓ ପୁତ୍ର', 'ବାପା', 'ମୁଖା', 'ଧୋବେଇ କୋରଟିଆ', 'ଭାଇଭାଗ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । କାହାଣୀରେ ନୂତନତ୍ୱ, ସରଳ ଭାଷା, କଥନୀୟ ଶୈଳୀ ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ରେବତୀ

ସଂପାଦିକା : ସୁବାସିନୀ ଜେନା





ଓଟି ରୋଡ୍
ବାଲେଶ୍ୱର -୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦିତ 'ରେବତୀ'ର ୨୦୨୫ ଜୁନ୍ ସଂଖ୍ୟାର ସାହିତ୍ୟଠାରୁ ରୋଷେଇଶାଳ ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମୁକ୍ତିକାମୀ ସାହିତ୍ୟର ମୁଖବନ୍ଧ'ରେ ଫକୀରମୋହନଙ୍କ କଥା ସାହିତ୍ୟ ସଂପର୍କରେ ଏକ ତଥ୍ୟଭିତ୍ତିକ ଉଚ୍ଚକୋଟୀର ଆଲୋଚନା ପ୍ରକାଶ ପାଇଛି । ସେହିପରି ସ୍ୱାଗତିକା ସେଠୀଙ୍କ 'ତନ୍ତର ତନୁମନ'ରେ  ଓଡ଼ିଶା ବାନ୍ଧକଳାର ସୂକ୍ଷ୍ମ କାରୁକାର୍ଯ୍ୟ ଉପରେ ମାର୍ମିକ ଉପସ୍ଥାପନା କରାଯାଇଛି । ସେଭଳି ସୁରଚିତା ବେହେରାଙ୍କ 'ଚିନାମାଟିର ଚମକ'ରେ ଉତ୍ତର ପ୍ରଦେଶର ଖୁର୍ଜା ସହରରେ ଚିନାମାଟିର ସାମଗ୍ରୀ ପ୍ରସ୍ତୁତି, ବ୍ୟବସାୟ ଆଦି ସଂପର୍କରେ ମନଛୁଆଁ ବର୍ଣ୍ଣନା କରାଯାଇଛି । ସେହିପରି ସବିତା ବାରିକଙ୍କ 'କରୋନା କବିତା କାରୁଣ୍ୟର ଗାଥା',  ଐତିହାସିକ ସତ୍ୟବାଦୀ ବଳିଆସିଂହଙ୍କ 'ମଣିନାଗଙ୍କ ମହିମା',  ଲଳିତ ମୋହନ ମିଶ୍ରଙ୍କ 'ମହେନ୍ଦ୍ରଗିରିର ମୋହ', ପାରମିତା ଷଡ଼ଙ୍ଗୀଙ୍କ 'ମଥାନର ମାୟା' ଆଦି ପ୍ରବନ୍ଧ ଓ ଫିଚରଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ବାସୁଦେବ ସୁନାନୀ, ରତ୍ନାକର ରାଉତ, ମୋହିତ ଚକ୍ରବର୍ତ୍ତୀ, ପ୍ରଭାତ ନଳିନୀ ମହାପାତ୍ର, ଡକ୍ଟର ସିନ୍ଧୁ ସେନ୍, ଲିପିକା ଦାସ ପ୍ରମୁଖଙ୍କ କବିତାରେ ଜୀବନ, ଦର୍ଶନ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବିଜୟ ନାୟକ, ବିରଜା ରାଉତରାୟ, ସିଗ୍ମା ନାୟକଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ରେବତୀ'ର ନିୟମିତ ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ସୁଖପାଠ୍ୟ ହୋଇଛି । 'ରେବତୀ'ର ଜୁନ୍ ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ ।

## ପଲ୍ଲୀପୁଷ୍ପ

ସଂପାଦକ : ସତ୍ୟବ୍ରତ ସାହୁ




ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ
ପଲ୍ଲାସାହି, ଯାଜପୁର- ୭୫୫୦୩୬
ମୂଲ୍ୟ: ୧୦୦ ଟଙ୍କା

ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶିତ ତୃତୀୟ ବାର୍ଷିକ ମୁଖପତ୍ର ୨୦୨୫ 'ପଲ୍ଲୀପୁଷ୍ପ' ଆମର ହସ୍ତଗତ ହୋଇଛି । ଓଡ଼ିଶାର  ଅନେକ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗପ, ପ୍ରବନ୍ଧ ଆଲୋଚନା, ଅନୁବାଦ, ଏକାଙ୍କିକା ଆଦିରେ ଏହି ପତ୍ରିକାଟି ସମୃଦ୍ଧଶାଳୀ ହୋଇଛି । କବିତା ବିଭାଗରେ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ଡକ୍ଟର ଶ୍ରୀହରି ଧଳ, ଡକ୍ଟର ସତ୍ୟ ନାୟକ, ଡକ୍ଟର ସୁମନ କଲ୍ୟାଣ ବେହେରା, ଡ. କଳ୍ପନା ମଞ୍ଜରୀ ବେଉରିଆ, ହେମନ୍ତ ନାୟକ, ବନ୍ଦନା ସାହୁ ପ୍ରମୁଖଙ୍କ କବିତାରେ ମାନବୀୟ ଭାବାବେଗ,  ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ଅଧ୍ୟାପକ ଅଶୋକ କୁମାର  ନାୟକଙ୍କ 'ଫକୀରମୋହନ ସାହିତ୍ୟରେ ବ୍ୟଞ୍ଜନା', ଡକ୍ଟର କବିତା ମହାନ୍ତିଙ୍କ 'ଭାରତର ଆଲୋକ ସ୍ୱାମୀ ବିବେକାନନ୍ଦ', ମଧୁସୂଦନ ମହାପାତ୍ରଙ୍କ 'ଯାଜପୁରର ଯୁଗାନ୍ତକାରୀ ନାରୀକବି 'ରେବା ରାଏ', ଡକ୍ଟର ରଶ୍ମିତା ତ୍ରିପାଠୀଙ୍କ 'ଜାତୀୟତାର ବାର୍ତ୍ତାବହ ଗୋପବନ୍ଧୁ ଦାସ' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚକୋଟୀର ଓ ଗବେଷଣାଧର୍ମୀ ହୋଇଛି । ସେଭଳି ରାମଚନ୍ଦ୍ର ଦାଶଙ୍କ 'ଭୋକର ପୃଥିବୀ', ସ୍ନେହଲତା ଧୀରଙ୍କ 'ପାହାନ୍ତି ସ୍ୱପ୍ନ', ଭାଗିରଥୀ ପାଣିଗ୍ରାହୀଙ୍କ 'ପୁଅ ପାଇଥିଲି ଦିଅଁକୁ ପୂଜି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ଗୀତି କବିତା, ଶିଶୁ କବିତା, ଏକାଙ୍କିକା, ଅନୁବାଦ ଆଦି ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । 'ପଲ୍ଲୀପୁଷ୍ପ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

# ପ୍ରାର୍ଥନା



ଛନ୍ଦା ମିଶ୍ର



ନୂଆବର୍ଷର ପ୍ରଥମ ଦିନରେ ଏପରି ଘଟଣାଟିଏ ଦେଖିବ ବୋଲି ବିଲ୍‌କୁଲ ବି ଭାବି ନଥିଲା ଅବନୀ । ସେ ଭାବିଥିଲା, ଆଉ ଯାହା ହେଉ କି ନହେଉ ଏଥର ନୂଆବର୍ଷରୁ ସେ ନିଜ ଶରୀରର ଠିକ୍ ଭାବେ ଯତ୍ନ ନେବ, ନହେଲେ ଯେମିତି ତା'ର ସାଙ୍ଗ ଦୁଇ ଜଣଙ୍କୁ ଡାଇବେଟିସ୍ ହେଲାଣି ନା... । ହେଲେ ଭୋର୍‌ରେ ମର୍ଣ୍ଣିଂ ୱାକ୍ ସମୟରେ ଏ ଅଭାବନୀୟ ଦୃଶ୍ୟଟି, ହୃଦୟକୁ ତା'ର କୋରି ପକାଇଲା । ମନ ତା'ର ବିକଳ ହୋଇ ଉଠିଲା । ଏଡେ ସୁନ୍ଦର କଅଁଳିଆ ଶିଶୁଟିକୁ କିଏ ଏତେ ନିଷ୍ଠୁର ଯେ, ଏମିତି କପଡ଼ା ଗୁଡ଼େଇ ରାସ୍ତା କଡ଼ ଆମ୍ବ ଗଛ ତଳେ ଛାଡ଼ି ଦେଇ ଯାଇଛି !

କଳା ମଚମଚ ଗୋଛାଏ ବାଳ ମୁଣ୍ଡରେ, ଗୋରା ତକତକ ଚେହେରା, ନିଦରେ ଶୋଇ ବି ଶିଶୁଟି ଗୋଲାପି ଓଠରେ ମୁରୁକି ମୁରୁକି ହସି ଦେଉଥିଲା । ଅବନୀ ଦେଖିବା ପୂର୍ବରୁ ଆଉ ଚାରି ପାଞ୍ଚ ଜଣ ସେଠାରେ ପହଞ୍ଚି ଯାଇଥିଲେ । ଗଛ ଉପରେ ଥାଇ ଆଠ ଦଶଟି ମାଙ୍କଡ଼ ବି ଚାହିଁ ରହିଥିଲେ ତଳକୁ । ଭାଗ୍ୟକୁ ବୁଲା କୁକୁରଙ୍କ ଆଖିରେ ପଡ଼ିନି, ନହେଲେ... । ଓଃ ଆଉ ଆଗକୁ ଭାବି ପାରୁନଥିଲା ଅବନୀ । ଲୋକେ ବି ସେଇ କଥା କହୁଥିଲେ, "କୁକୁର ଝୁଣି ଖାଇ ଯାଇଥାନ୍ତେ ଛୁଆଟିକୁ, କେମିତି ହେଇଥିବ ସେ ମାଆଟି କେଜାଣି, ନିଜ ଗର୍ଭରୁ ଜନ୍ମ ଦେଇ କେହି କ'ଣ ଏମିତି ଫୋପାଡ଼ି ଦେଇ ପାରେ !"

ଧୀରେ ଧୀରେ ଭିଡ଼ ବଢୁଥିଲା । କିଏ କହୁଥିଲା, "କାହାର ପାପର ଫଳ ହେଇଥିବ... ଆଉ କିଏ କହୁଥିଲା, ବୋଧେ ପୁଅ ଭାବିଥିଲା, ଝିଅ ଜନ୍ମ ହେଲା, ତେଣୁ... ।" ତେବେ ସମସ୍ତେ କଳିକାଳକୁ ଦୋଷ ଦେଉଥିଲେ, ସତେ ଯେମିତି ଆଗରୁ କେବେ ଏମିତି ହୋଇ ନଥିଲା, ଏଇ ପ୍ରଥମ କରି ଏପରି ଘଟଣା ଘଟିଛି! କେହି କିନ୍ତୁ ଛୁଆଟିକୁ ଛୁଉଁ ନଥିଲେ । କି ଜାତି ନେଇ କି ଜାତି ହେଇଥିବ, କହି । ଅବନୀ ଭାବୁଥିଲା, ଯଦି ସମ୍ଭବ ହେଇଥାନ୍ତା, ତେବେ ସେ ନିଶ୍ଚୟ ଛୁଆଟିକୁ କୋଳେଇ ନେଇଥାନ୍ତା । କିନ୍ତୁ ସେ ତ ନିଜେ ଅବିବାହିତ, ବେକାର...ନିଜ ରକ୍ଷଣ ଯେଉଁଠି ଅସମ୍ଭବ... । ଜଣେ ସ୍ଥାନୀୟ ପୋଲିସ୍‌କୁ ଫୋନ୍ କରିଥିଲେ ।

"ପୋଲିସ୍ ଆସି କ'ଣ କରିବ କରୁ, କାଇଁ କାଦୁଅକୁ ଯିବା ଗୋଡ଼ ଧୋଇବା ।" ମନ୍ତବ୍ୟ ଦେଇଥିଲେ, ସବ୍‌ଜାନତା ପରି ଅଣ୍ଟାରେ ହାତ ଦେଇ ଛିଡ଼ା ହୋଇଥିବା ବୃଦ୍ଧ ଜଣେ ।

ଏଇ ସମୟରେ ଘଟିଗଲା ଆଉ ଗୋଟିଏ ଅଘଟଣ । ମା' ମାଙ୍କଡ଼ଟିଏ ଗଛ ଉପରୁ ନିଜ ଛୁଆ ସହିତ ପାଖ ଗଛକୁ ଡେଇଁଲା ବେଳକୁ ତାକୁ ଜାବୁଡ଼ି ଧରିଥିବା ଛୁଆଟି ଖସି ପଡ଼ିଥିଲା ତଳକୁ । ଆଉ ଠିକ୍ ଏଇ ସମୟରେ ଦ୍ରୁତ ଗତିରେ ଆସୁଥିବା ବାଇକ୍‌ଟିଏ ତାକୁ ଧକ୍କା ଦେଇ ଚାଲିଗଲା । ଛୁଆଟି ସେଇଠି କୁଁ କୁଁ ହୋଇ ପ୍ରାଣ ତ୍ୟାଗୀ ଦେଲା ପରି ମନେ ହେଲା । ଲୋକମାନେ  ଆହାଃ ଚୁ ଚୁ କରୁଥିଲେ ବି ମାଙ୍କଡ଼ ପଲ ଗଛ ଉପରେ ଥିବାରୁ ଛୁଆଟି ପାଖକୁ ଆସିବାକୁ କେହି ସାହସ କଲେ ନାହିଁ । କିନ୍ତୁ ଦୁଇଟି ବୁଲା କୁକୁର ନୂଆ ବର୍ଷରେ ଭଲ ଆହାରଟିଏ ମିଳିଲା ଭାବି ତାକୁ ଟାଣି ନେବାକୁ ଧାଇଁ ଆସିଲେ ।

ହେଲେ ମାଆ, ଯେତେ ଯା' ହେଲେ ମାଆ ନା...

ଦୁର୍ବଳିଆ ମାଆ ମାଙ୍କଡ଼ଟି ଖିଁ ଖିଁ କରି ଖିଙ୍କାରି ହୋଇ ଦୌଡ଼ି ଆସିଲା, ଆଉ ବୁଲା କୁକୁରମାନେ ନେବା ପୂର୍ବରୁ ମଲା ଛୁଆଟିକୁ ନିଜ ଛାତିରେ ଜାକି ଚଢ଼ିଗଲା ଗଛ ଉପରକୁ । ଛୁଆଟିର ମୁହଁକୁ ବିକଳ ହୋଇ ଆଉଁସି ପକାଇଲା । ବାରମ୍ବାର ତା' ମୁହଁକୁ ଏପଟ ସେପଟ କରି ଦେଖୁଥିଲା । ସେଠାରୁ ଆଖି ଫେରେଇ ଆଣିଲା ଅବନୀ । ପେଟ ଭିତରଟା ତା'ର ଘାଣ୍ଟି ହେଇଗଲା ।

ଏବେ ସମସ୍ତଙ୍କ ଧ୍ୟାନ ପୁଣି ଫେରି ଆସିଲା ମଣିଷ ଶିଶୁ ନିକଟକୁ । ପୋଲିସ୍ ଆସି ସାରିଥିଲା । କ'ଣ କ'ଣ ଲେଖା ପଢ଼ା କରି ଦୁଇ ଚାରି ଜଣଙ୍କ ଦସ୍ତଖତ ନେଇ ଛୁଆଟିକୁ ନେଇ ପୋଲିସ୍ ଗାଡ଼ି ଚାଲିଗଲା । ପୋଲିସ୍ ନେଲା ବେଳେ ଜଣାପଡ଼ିଲା, ଶିଶୁଟି ପୁଅ ବୋଲି । ତାହେଲେ ନିଶ୍ଚେ ଅବୈଧ ହେଇଥିବ ବୋଲି ସବ୍‌ଜାନତା ଜଣକ ନିଜ ମତ ଦେଇ, "ଦେଖୁଛ ମୁଁ କେତେ କଥା ଜାଣିଛି!" ଏଇ ଭଙ୍ଗୀରେ ସମସ୍ତଙ୍କ ଉପରେ ନିଜର ଆଖି ବୁଲେଇ ଆଣିଲେ । ଭିଡ଼ ଭାଙ୍ଗିଲା ।

ଉଦାସ ମନ ନେଇ, ଆଉ ଆଜି ଚାଲିବାକୁ ଯିବନି ଭାବି, ଅବନୀ ଫେରିଲା ତା' ମେସ୍‌କୁ । ନୂଆବର୍ଷରେ ଚାଲିବା ନହେଲା ନାହିଁ, ଆଜି ଟିକେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବ ଭାବି ଗାଧୋଇ ସାରି ମନ୍ଦିରରେ ପହଞ୍ଚିଲା । ଭାବିଥିଲା, ତା'ର ଚାକିରି ଓ ଆର୍ଥିକ ଅନାଟନ ବିଷୟରେ କହି ଠାକୁରଙ୍କୁ କିଛି ମାଗୁଣି କରିବ । ହେଲେ ଠାକୁରଙ୍କ ଆଖିରେ ତା' ଆଖି ମିଶିଗଲା ଯେମିତି, ଆଖିରେ ତା'ର ଲୁହ ଭରି ଗଲା । ଆଖି ଆଗରେ ନାଚି ଉଠିଲା ମଲା ଛୁଆକୁ ଧରି ବିକଳ ହେଉଥିବା ମା' ମାଙ୍କଡ଼ର ମୁହଁଟି, ମନେ ପଡ଼ିଗଲା, କପଡ଼ାରେ ଗୁଡ଼େଇ ହୋଇ ଶୋଇଥିବା ନିଷ୍ପାପ ମଣିଷ ଶିଶୁଟି । ଥାକ ଥାକ କରି ରଖିଥିବା ନିଜର ସବୁ ଅଳି ଅର୍ଦ୍ଦଳିକୁ ପାଶୋରି ଦେଇ ତା' ହୃଦୟ ବ୍ୟାକୁଳ ହୋଇ କହି ଉଠିଲା, ଠାକୁରେ, ପୁନର୍ବାର ଯଦି ଜନ୍ମ ଦେବ, ତେବେ ମତେ ମଣିଷପଣିଆ ଥିବା ମାଙ୍କଡ଼ଟିଏ ପଛେ କରିବ, ହୃଦୟହୀନ ମଣିଷଟିଏ ନୁହେଁ... ।

ମୋ: ୯୪୩୭୪୫୩୬୧୦

# ପୂର୍ବପୁରୁଷ

ଭଗବାନ ଜୟସିଂହ



ସେମାନେ ଆଉ ନାହାଁନ୍ତି । ଏକ ଏକ
ହୋଇ ଚାଲିଗଲେଣି କେଉଁକାଳୁ ।
ସେମାନଙ୍କ
ଫେରିବା ରାସ୍ତାର ଆଲୁଅ ଲିଭିଗଲାଣି
ଯିବା ପରେ ପରେ ।

ସେମାନଙ୍କୁ ଭୁଲିଯିବାର ମୁରୁଜ
ଲିପି ହେଇଗଲାଣି ଆକାଶ ସାରା
ସେମାନଙ୍କ ପୂରାପୂରି ଶୁଖିଯାଇଥିବା କ୍ଷତରେ
କ୍ଷୟ ହୋଇଗଲାଣି ରାତି
ଚନ୍ଦ୍ରର ପାଦ ଛନ୍ଦି ହୋଇଗଲାଣି
ଛନ୍ଦହୀନ ପବନ ଫାଶରେ ।

ଯେଉଁମାନେ ଗଲେଣି ମାନେ
ଗଲେଣି, ଭୟରେ ହେଉକି ଭ୍ରାନ୍ତିରେ
ସେମାନଙ୍କର ଆଉ ଫେରିବାର ନାହିଁ
ଆଉ ଲେଉଟିବାର ନାହିଁ ନଦୀଙ୍କର
ସମୁଦ୍ର ଆଁ-ରୁ ।

ସେମାନେ ଏବେ କେଉଁଠି କେଜାଣି
ହସହୀନ ପୃଥିବୀର
ଏପାଖେ ନା ସେପାଖେ
ନା ନୀରବି ଯାଇଥିବା ବୀଭତ୍ସ ଝଡ଼ରେ
ଯଦିଓ ସେମାନଙ୍କ ଚାଲିଯିବାର ଚିତ୍ର
ଲିଭି ଯାଇଛି ଅସ୍ତାଚଳରୁ ।

ଆଜି ସେମାନେ ନାହାନ୍ତି
ତଥାପି ସେମାନଙ୍କୁ ନିଘା କରି ପାଣି
ଫାଟିଗଲାଣି ରକ୍ତ
ରକ୍ତର ପ୍ରତିଟି କୋଷରେ ଜମାଟ
ବାନ୍ଧି ଗଲାଣି ମେଘ
ଏବେ କିନ୍ତୁ ସୂର୍ଯ୍ୟ ଉଇଁବାର ନାହିଁ ।

ଆଜି ଏତେ ବର୍ଷ ପରେ
ଆଉ ଖୋଜନା ସେମାନଙ୍କୁ
ସେମାନେ କେବେଠୁଁ ମିଳେଇ ଗଲେଣି ପବନରେ
ଫିକା ଅନ୍ଦାଜରେ ଫିକା ଦିଶିଲାଣି ଫଟୋଫ୍ରେମ
ଆଜି, ଏତେ ବେଶୀ ଆଲୁଅରେ
ମତେ ଆଉ ଡାକନା ଥରକୁ ଥର

ମୋର ଏବେ ଯିବାର ନାହିଁ ।

ସେଣ୍ଟ୍ରାଲ ସ୍କୁଲ ରୋଡ୍
ତାଳବଣିଆ
ପୁରୀ, ୭୫୨୦୦୨
ମୋ: ୯୫୫୬୭୬୨୩୦୦

# ଉତ୍ସବ

ଗଜାନନ ମିଶ୍ର



କୋଉଥିପାଇଁ?
କୋଉଥିପାଇଁ ଉତ୍ସବ?

ମାଆଠୁ ଦୂରରେ,
ମାଆଙ୍କ ଭାଷାକୁ ଅନାଦର,
ମାତୃଭୂମି ଖଣ୍ଡିତ, କ୍ଷତାକ୍ତ,
ଲୁଣ୍ଠିତ, ଅବହେଳିତ
ଆଉ ଆମେ ପରଧନରେ
ମନାଉଛେ ଖୁସି ଆଉ
ଆନନ୍ଦ, ମଦନମସ୍ତ!

କିଏ ଏ ରାଜ୍ୟର ମାଲିକ?
କିଆଁ ପାଟି ବନ୍ଦ ଏମାନଙ୍କର?
ଭୃତ୍ୟର ଭୟାନକ ଷଡ଼ଯନ୍ତ୍ର!
ଚାଲିଛି ହରିଲୁଟ ପ୍ରତିମୁହୂର୍ତ୍ତ ।

ମାଟିକୁ ମାଟିରେ ମାପି
ଆକାଶରେ ଖଞ୍ଜିବା
ଆମର ଭାଗ୍ୟ ।
ଆକାଶରେ ଆକାଶରେ
ପବନ ହେବା ଲେଖା ।

ଓଜନିଆ ଆଉ ହାଲୁକା
ପବନ ଆଉ ପାଣି
ବସିଲାବେଳେ ନିଆଁ ସହ
ମିତ୍ର ଦେଖି ପରଖି ସମୟକୁ
ଚିହ୍ନି ହୁଏ କିଏ କାହାର!

ତପୋବନ, ଟିଟିଲାଗଡ଼-୭୬୭୦୩୩



# ଓଡ଼ିଶାରେ ନାଥ ସାହିତ୍ୟର ପରମ୍ପରା

ଡକ୍ଟର ସତ୍ୟଜିତ ଦାସ



ଅନେକ ଧର୍ମାବଲମ୍ବୀ ଓଡ଼ିଶାରେ ସୃଷ୍ଟି ହୋଇ ସର୍ବଧର୍ମର ସମନ୍ୱୟର ବାର୍ତ୍ତା ଦେଇଛନ୍ତି । ଓଡ଼ିଶାରେ ନାଥଧର୍ମ ଅତିପ୍ରାଚୀନ । ଅନୁସନ୍ଧାନରୁ ଜଣାଯାଏ, ଦ୍ୱାଦଶ ଶତାବ୍ଦୀରୁ ନାଥଧର୍ମର ବିକାଶ ଘଟିଛି । ୮୪ ସିଦ୍ଧାଚାର୍ଯ୍ୟଙ୍କର ବିବରଣୀ ଅତି ପ୍ରାଚୀନ ଓଡ଼ିଆ ଗ୍ରନ୍ଥଗୁଡ଼ିକରେ ନାଥ ଧର୍ମର ଉଲ୍ଲେଖ ରହିଛି । ନାଥ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ 'ନ'-କାର ଦ୍ୱାରା ପରମ ତତ୍ତ୍ୱଙ୍କର ଅନାଦି ରୂପ ଓ 'ଥ'-କାର ଦ୍ୱାରା ତ୍ରିଭୁବନର ସ୍ଥିତିର ସୂଚନା ଦେଇଥାଏ । ସେହିପରି ଅନ୍ୟ ଏକ ଅର୍ଥ 'ନା' ଅର୍ଥ ନାଥବ୍ରହ୍ମ (ଯିଏ ମୋକ୍ଷଦାୟକ) 'ଥ' ଅର୍ଥ ଯିଏ ଅଜ୍ଞାନକୁ ଦୂର କରେ । ନାଥ ଧର୍ମ ସାଧାରଣତଃ ଏକ ଯୋଗଭିତ୍ତିକ ଧର୍ମ । ଏହାର ପ୍ରବର୍ତ୍ତକ ଓ ମୁଖ୍ୟ ପ୍ରଚାରକଗଣ 'ନାଥ' ଉପାଧି ବା ସଂଜ୍ଞା ଗ୍ରହଣ କରିଥାନ୍ତି । ନାଥ ଶବ୍ଦ ହେଉଛି ଗୋରେଖପନ୍ଥୀ ଯୋଗୀମାନଙ୍କର ଏକ ଉପାଧି ଏବଂ ଓଡ଼ିଶାରେ ନାଥ ଶବ୍ଦଟି ସାଧାରଣତଃ ଯୋଗୀ ବା ଯୋଗୀ ଜାତିକୁ ବୁଝାଇଥାଏ ।

ନାଥ ଧର୍ମର ପ୍ରାଚୀନତା ସମ୍ପର୍କରେ ଅନେକ ମତ ଦେଖିବାକୁ ମିଳିଥାଏ । ବୈଦିକ ସମୟରୁ ଏହି ଧର୍ମ ପ୍ରଚଳିତ ଥିଲା ଏବଂ କାଳକ୍ରମେ ବୌଦ୍ଧ, ଜୈନ ଓ ହିନ୍ଦୁ ଧର୍ମର ସଂସ୍ପର୍ଶରେ ଆସି ଏହାର ନୀତି ନିୟମ ସାଧନ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି । ମେଘାସ୍ଥିନିସ୍‌ଙ୍କ ଭ୍ରମଣ ବୃତ୍ତାନ୍ତରେ ନାଥ ସମ୍ପ୍ରଦାୟ ବିଷୟରେ ଉଲ୍ଲେଖ ରହିଛି । ବୈଦିକ ଯୁଗରେ ନାଥମାନେ 'ବ୍ରାତ୍ୟ' ନାମରେ ଅଭିହିତ ହେଉଥିଲେ ପରବର୍ତ୍ତୀ ସମୟରେ ନାଥ ଓ ଯୋଗୀ ପ୍ରଭୃତି ନାମରେ ପରିଚିତ ହେଲେ । ଏହି ଧର୍ମ, ବ୍ରାତ୍ୟଭୂମି ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ ଆଦି ସ୍ଥାନରେ ଲୋକପ୍ରିୟ ହୋଇଥିଲା । ଅଥର୍ବ  ବେଦର ବ୍ରାତ୍ୟ କାଣ୍ଡରେ ନାଥ ଯୋଗୀ ପ୍ରସଙ୍ଗ ବର୍ଣ୍ଣିତ ରହିଛି । 'ମନୁସ୍ମୃତି'ରେ ବ୍ରାହ୍ମଣ ବଟୁର ଷୋଳବର୍ଷ ମଧ୍ୟରେ ଉପନୟନ ସଂସ୍କାର ନ ହେଲେ ବ୍ରାତ୍ୟ ନାମରେ ଅଭିହିତ ହୋଇଥାନ୍ତି । ବୈଦିକ ଯୁଗରେ ଏଇ ବ୍ରାତ୍ୟ ଶୈବମାନେ ପୁରାଣରେ ନାଥ ଓ ଉପନିଷଦରେ ଯୋଗୀ ନାମରେ ପରିଚିତ ହେଲେ । 'ବ୍ରହ୍ମ ବୈବର୍ତ୍ତ ପୁରାଣ'ରେ ମହାଦେବଙ୍କ କ୍ରୋଧାଗ୍ନିରୁ ଏକାଦଶ ରୁଦ୍ର ଓ ତାଙ୍କ ପତ୍ନୀମାନଙ୍କର ଜନ୍ମ ହୋଇଥିଲା । ସେମାନଙ୍କଠାରୁ ଶିବ ପାର୍ଷଦଙ୍କ ଜନ୍ମ । 'ସ୍କନ୍ଦ ପୁରାଣ', 'ବ୍ରହ୍ମାଣ୍ଡ ପୁରାଣ', 'ଶିବ ପୁରାଣ', 'ନାରଦ ପରିବ୍ରାଜକ' ଉପନିଷଦରେ ଗୋରକ୍ଷନାଥ ପ୍ରଭୃତି ନାଥ ଧର୍ମ ଆଚାର୍ଯ୍ୟଙ୍କ ନାମ ଉଲ୍ଲେଖ ରହିଅଛି । ପୁରାଣ ଓ ଉପନିଷଦ ସମୟରୁ ଏମାନେ ଯୋଗୀ ଭାବେ ଖ୍ୟାତ ଥିଲେ । ନାଥପନ୍ଥୀମାନଙ୍କର ଆରାଧ୍ୟ ଦେବ ହେଉଛନ୍ତି ଆଦିନାଥ ଶିବ । ସୁତରାଂ ଶୈବ ଧର୍ମର ଏକ ଶାଖା ରୂପେ ନାଥଧର୍ମକୁ ଗ୍ରହଣ କରାଯାଇଥାଏ । 'ଗୋରେଖ ସଂହିତା' ଅନୁସାରେ ଗୋରେଖନାଥ ହେଉଛନ୍ତି ନାଥଧର୍ମର ପ୍ରବର୍ତ୍ତକ ଏବଂ  ଯୋଗୀ ଜାତି ତାଙ୍କଠାରୁ ସୃଷ୍ଟି ହୋଇଛି । ଭଗବାନଙ୍କର ଏକାଦଶ ଅବତାର ମଧ୍ୟରେ ମହାଯୋଗୀ ଅବତାର ପ୍ରଧାନ । ବିନ୍ଦୁନାଥ, ମୀନନାଥ, ଗୋରେଖନାଥ, ଛାୟାନାଥ, ସତ୍ୟନାଥ ପ୍ରଭୃତି ନାଥ ମତବାଦର ବିଶିଷ୍ଟ ମହାତ୍ମାଗଣ ମହାଯୋଗୀଙ୍କଠାରୁ ଜନ୍ମ ଲାଭ କରିଥିଲେ । ସିଦ୍ଧାଚାର୍ଯ୍ୟ ମୀନନାଥ ଓ ଗୋରେଖନାଥଙ୍କ ଦ୍ୱାରା ଖ୍ରୀ ୧୦ମ-୧୧ମ ଶତାବ୍ଦୀରେ ସମଗ୍ର ଭାରତରେ ନାଥ ଧର୍ମକୁ ଲୋକପ୍ରିୟ ଧର୍ମରେ ପରିଣତ କରିଥିଲେ । କେବଳ ଭାରତ ବର୍ଷରେ ନୁହେଁ, ବେଲୁଚିସ୍ତାନ, ନେପାଳ, ତିବ୍ବତ ଆଦି ଦେଶଗୁଡ଼ିକରେ ଏହି ଧର୍ମାବଲମ୍ବୀମାନେ ବସବାସ କରୁଥିଲେ ।

ଓଡ଼ିଶାର ନାଥ ଧର୍ମ ଇତିହାସରୁ ଜଣାଯାଏ ଗଙ୍ଗ ବଂଶ ରାଜା ଗଜପତି ଭାନୁଦେବଙ୍କ ପୁତ୍ର ଶୈଳେନ୍ଦ୍ର ଦେବ ଯୋଗ ସାଧନାରେ ସିଦ୍ଧିପ୍ରାପ୍ତ ହୋଇ ଶୈଳନାଥ ନାମରେ ପରିଚିତ ହେଲେ । ସେ ରାଜନଗରରେ ଏକ ମଠ ସ୍ଥାପନ କରିବା ସହିତ ଉମାକାନ୍ତେଶ୍ୱର ଓ ମତ୍ସ୍ୟେନ୍ଦ୍ରନାଥଙ୍କ ପଦ୍ମପାଣି ମୂର୍ତ୍ତି ସ୍ଥାପନ କରିଥିଲେ । ନାଥଧର୍ମର ବାରଟି ସମ୍ପ୍ରଦାୟ ମଧ୍ୟରୁ ସତ୍ୟନାଥୀ ଶାଖାର ପୀଠ ଭୁବନେଶ୍ୱର ଓ ପୁରୀଠାରେ ରହିଛି । ଓଡ଼ିଶାରେ ଥିବା ନାଥଧର୍ମ ପୀଠଗୁଡ଼ିକ ମଧ୍ୟରେ କପିଳାସ, ଆଳି, ମାଣତିରି, ଶିମୁଳିଆ, ତିର୍ତ୍ତୋଲର ଛପଡ଼ା ଗ୍ରାମର ଗୋରେଖ ଗାଦି, ଜଗତସିଂହପୁରର ହରିନାଥ ଗାଦି, କୁଲଣଗିରି (ରତ୍ନଗିରି ନିକଟରେ), କେୟାରବାଙ୍କ, କେନ୍ଦ୍ରାପଡ଼ାର ବିର୍ସ୍ୱତୀ, ଭୁବନେଶ୍ୱରର କପାଳି ମଠ, ପଦ୍ମପୁରର କାଳ ଭୈରବ ମଠ ଆଦି ଅନ୍ୟତମ । ନାଥପନ୍ଥୀ ଯୋଗୀମାନେ ଭିକ୍ଷାବୃତ୍ତି ସହିତ ବୈଦ୍ୟବୃତ୍ତି ମଧ୍ୟ କରିଥାନ୍ତି । ସବୁ ସମ୍ପ୍ରଦାୟର ନାଥ ଯୋଗୀମାନେ ଦୀକ୍ଷାଗ୍ରହଣ କରିଥାନ୍ତି । ଯେକୌଣସି ଜାତିର ଲୋକ ଦୀକ୍ଷା ଗ୍ରହଣ କରିପାରନ୍ତି । କର୍ଣ୍ଣରେ କୁଣ୍ଡଳ, ଶିଖା ଛେଦନ, ଦେହରେ ପାଉଁଶ ବୋଳି ନାଥ ଧର୍ମ ଗ୍ରହଣ କରିଥାନ୍ତି । ଅନେକ ଯୋଗୀ ଗୃହସ୍ଥାଶ୍ରମରେ ଜୀବନ ଧାରଣ କରିଥାନ୍ତି । ଗୃହସ୍ଥମାନଙ୍କର ଉପନୟନ, ବିବାହ ଓ ଅଶୌଚାଦି କର୍ମ ସାମବେଦ ମତରେ ପାଳିତ ହୋଇଥାଏ । ଏହି ଧର୍ମର ଉପାସ୍ୟ ନାଥ ସ୍ୱରୂପ ସଗୁଣ ଓ ନିର୍ଗୁଣତାର ଊର୍ଦ୍ଧ୍ୱରେ । ଯୋଗମାର୍ଗରେ ହିଁ ନାଥସ୍ୱରୂପଙ୍କର ଉପଲବ୍ଧି କରିହୁଏ । ନାଥପନ୍ଥୀ ଶୂନ୍ୟତତ୍ତ୍ୱ ବା ଶୂନ୍ୟ ସାଧନାକୁ ଗୁରୁତ୍ୱ ଦେବା ଫଳରେ ଯୋଗର ବିଭିନ୍ନ ସ୍ୱରୂପ ମଧ୍ୟରେ ହଠଯୋଗ ସହିତ ସପ୍ତାଙ୍ଗ, ଅଷ୍ଟାଙ୍ଗ ଯୋଗର ଗୁରୁତ୍ୱ ବଢ଼ିଲା । ଫଳରେ ଏହା ନାଥ ସାହିତ୍ୟର ପ୍ରମୁଖ ଅଂଶ ପାଲଟିଗଲା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଘଟ, ପରଚେ, ନିସ୍ପତି ଯୋଗର ସାଧନା, କାୟାକଳ୍ପ ପ୍ରଭୃତି ଯୋଗତତ୍ତ୍ୱ ଏହି ଧର୍ମର ଆଧାର ପାଲଟିଗଲା । କବି ସଦାନନ୍ଦ ବ୍ରହ୍ମା 'ଲଳିତ ଲୋଚନା' କାବ୍ୟରେ ନାଥଯୋଗୀଙ୍କର କଠିନ ସାଧନାର ଚିତ୍ର ଦେଖିବାକୁ ମିଳିଥାଏ । ଏହି କଠୋର ସାଧନା ଦ୍ୱାରା ଚିତ୍ତ ସ୍ଥିର ହୁଏ ଓ ବୈରାଗ୍ୟଭାବ ଜାତ ହୋଇ ନାଥ ଯୋଗୀ କେନ୍ଦରାରେ ଝଙ୍କାର ତୋଳି ଗାଇଥାଏ:-

" ଭଜୁ କିନା ରାମ ନାମରେ ରାଜନ ଭଜୁ କିନା ରାମ ନାମ ।
ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମ ॥
ସେହି କାଳ ଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ ।
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ॥"

ନାଥ ଧର୍ମ ସଂପର୍କିତ ଅନେକ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ରହିଛି । 'ଶିଶୁ ବେଦ', 'ଅମରକୋଷ ଗୀତା', 'ଗୋରେକ୍ଷ ଗୀତା', 'ସପ୍ତାଙ୍ଗ ଯୋଗ','ଟୀକା ଗୋବିନ୍ଦ ଚନ୍ଦ୍ର', 'ରୁଦ୍ର ସୁଧାନିଧି' ପ୍ରଭୃତି ଗ୍ରନ୍ଥ ଅନ୍ୟତମ । ସେହିପରି ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା', ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଓ ଦ୍ୱାରିକା ଦାସଙ୍କ 'ପରଚେ ଗୀତା' ଗ୍ରନ୍ଥଗୁଡ଼ିକ ନାଥ ଧର୍ମ ଓ ଦର୍ଶନ ସମ୍ବଳିତ ।

ଓଡ଼ିଶାର ଧର୍ମ ଓ ସାହିତ୍ୟରେ ନାଥ ଧର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅଧ୍ୟାପକ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ନାଥ ଧର୍ମ ଉପରେ ଗବେଷଣା କରିଛନ୍ତି । ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ, ଡକ୍ଟର ବଂଶୀଧର ମହାନ୍ତି ପ୍ରମୁଖ ନାଥ ଧର୍ମ ବିଷୟରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସମାଜ ସଂସ୍କାର ଓ ସଦାଚାର ପ୍ରତିଷ୍ଠା ଉଦ୍ଦେଶ୍ୟରେ ନାଥ ଧର୍ମ ସୃଷ୍ଟି ହୋଇଥିଲା । ଆଜି ମଧ୍ୟ ଅଲାବୁ ପାତ୍ର ଓ କେନ୍ଦରାର ସ୍ୱରରେ ଗାଁ ଦାଣ୍ଡରେ ଏହି ଧର୍ମର ଜୟଗାନ ଦେଖିବାକୁ ମିଳେ ।

ବେଗୁନିଆ ମହାବିଦ୍ୟାଳୟ
ବେଗୁନିଆ, ଖୋର୍ଦ୍ଧା
ମୋ: ୯୪୩୯୦୪୦୯୮୨

### ପରକୀୟା ପ୍ରୀତି ନେଲା ଜୀବନ

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା!

ଜଳେଶ୍ୱର ବ୍ଲକ୍, ୨୧।୬(ସମିସ): ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା କରିବା ଭଳି ଏକ ଘଟଣା ଜଳେଶ୍ୱର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ରମାକାନ୍ତ ଘୋଷ (୩୮)। ପୁଲିସ୍ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକ ଡିପିପୁର ଗ୍ରାମର ମାନସ ଘୋଷଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନାନୁଯାୟୀ, ରମାକାନ୍ତ ୧୦ ବର୍ଷ ତଳେ ଭୋଗରାଇ ବ୍ଲକ୍ ଜୟରାମାପୁର ଗ୍ରାମର ଜାହ୍ନବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଅଗ୍ରୱାଲ ଛକ ନିକଟରେ ଏକ ଚା' ଦୋକାନ କରିଥିବା ବେଳେ ରମାକାନ୍ତ ରାଜ୍ୟ ବାହାରେ କାମ କରୁଥିଲେ। କିଛି ଦିନ ତଳେ ରମାକାନ୍ତ ଗାଁକୁ ଆସିଥିଲେ। ଏହି ସମୟରେ ମାନସଙ୍କ ସହ ଜାହ୍ନବୀଙ୍କର ଅତ୍ୟଧିକ ମିଳାମିଶା ଦେଖି ସେ ସନ୍ଦେହ କରିଥିଲେ। ଏ ସଂପର୍କରେ ସେ ଜାହ୍ନବୀଙ୍କୁ ପ୍ରଶ୍ନ କରିବା ସହ ବିରୋଧ ମଧ୍ୟ କରିଥିଲେ। ଏଥିରେ ରାଗିଯାଇ ରମାକାନ୍ତଙ୍କୁ ସବୁଦିନ ପାଇଁ ବାଟରୁ ହଟାଇଦେବାକୁ ଜାହ୍ନବୀ ଯୋଜନା କରିଥିଲେ। ଏଥିରେ ପ୍ରେମିକ ମାନସ ତାଙ୍କୁ ସହାୟତା କରିଥିଲା। ଗତକାଲି ବିଳମ୍ବିତ ରାତିରେ ଉଭୟ ମାନସଙ୍କୁ ହତ୍ୟା କରିବା ପରେ ତାହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା କରିଥିଲେ। ରମାକାନ୍ତଙ୍କ ବେକରେ ଲୁଗା ଦେଇ ତାଙ୍କୁ ଘର ଭିତରେ ଟାଙ୍ଗି ଦେଇଥିଲେ। ତେବେ କୌଣସି ସୂତ୍ରରୁ ସେମାନଙ୍କର ଏ ଷଡ଼ଯନ୍ତ୍ର ସଂପର୍କରେ ଗ୍ରାମବାସୀମାନେ ଜାଣିବା ପରେ ସକାଳୁ ଆଜି ଦୁହିଁଙ୍କୁ ଅଟକ ରଖିଥିଲେ। ଅଲଗା ଅଲଗା ପଚରାଉଚରା କରିବାରୁ ଦୁହିଁଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ଗ୍ରାମବାସୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା ଏବଂ ଏ ସଂପର୍କରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଅଭିଯୁକ୍ତ ମାନସଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା।

# ମା' ଛେଉଣ୍ଡ ଦୁଇ ଶିଶୁଙ୍କୁ ନିର୍ଯାତନା

ଭୁବନେଶ୍ୱର,୨୧।୬(ସମିସ): ମା ଛେଉଣ୍ଡ ଦୁଇ ଶିଶୁଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ ଜେଜେମା ଏବଂ ବାପା। ଖାଇବାକୁ ନଦେବା ସହ କଥା କଥାରେ ମାଡ଼ ମାରୁଥିଲେ। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଜିଜିପି କଲୋନୀରେ ଦେଖିବାକୁ ମିଳିଛି। ବୋହୂଙ୍କ ମୃତ୍ୟୁ ପରେ ଦୁଇ କୋମଳମତି ଶିଶୁଙ୍କୁ ଏଭଳି ନିର୍ଯାତନା ଦେଇଛନ୍ତି। ଏପରିକି ଜେଜେମା ଏବଂ ବାପା ମାଡ଼ ମାରି ଦୁଇ ଶିଶୁଙ୍କୁ ଅଚେତ କରି

**■ ଉଦ୍ଧାର କଲା ଚାଇଲ୍ଡ ଲାଇନ୍**
**■ ମା'ପୁଅଙ୍କୁ ଗିରଫ କଲା ପୁଲିସ**

ପକାଇଥିଲେ। ସ୍ଥାନୀୟ ଲୋକ ଏହା ଦେଖି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ୍ ସଦସ୍ୟ ଏବଂ ପୁଲିସ ଆସି ୨ଶିଶୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଚାଇଲ୍ଡ ଲାଇନ୍ ସଦସ୍ୟମଙ୍କ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବାପା ଶରତ ପାତ୍ର ଏବଂ ଜୋସ୍ନାରାଣୀ ପାତ୍ରଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ସଂଗୀନ ଦଫା ଲଗାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ମାସକ ତଳେ ଦୁଇ ଶିଶୁଙ୍କ ମା'ର ମୃତ୍ୟୁ ପରେ ସବୁ କଥା ବାପା ଏବଂ ଜେଜେମାଆ ବୁଝୁଥିଲେ। ହେଲେ ମା' ମରିବା ପରେ ସେମାନଙ୍କର ଆରମ୍ଭ ହୋଇଥିଲା ନିର୍ଯାତନା। ଖାଇବାକୁ ନଦେଇ କାମ କରିବାକୁ କୁହନ୍ତି। ସେମାନେ ମନା କଲେ ମାଡ଼ ମାରୁଥିଲେ। ପଡ଼ୋଶୀ ଲୋକ ଶିଶୁ କାନ୍ଦିବାର ଶୁଣୁଥିଲେ ମଧ୍ୟ ଆକଟ କରାଯାଉଥିବା ଭାବି କିଛି କୁହନ୍ତି ନାହିଁ। ଆଜି ସେମାନଙ୍କୁ ମାଡ଼ ମରାଯାଉଥିବା ବେଳେ ସ୍ଥାନୀୟ ଲୋକ ଦେଖି ଚାଇଲ୍ଡ ଲାଇନ୍ ଏବଂ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦୁଇ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଦୁହେଁ ଭାଇ-ଭଉଣୀ ହୋଇଥିବା ବେଳେ ପିଲା ଦୁହିଁଙ୍କ ଦେହସାରା ଦେଖିବାକୁ ମିଳିଛି କ୍ଷତ ଦାଗ। ମାଆ ଚାଲିଗଲା ପରେ ନୃଶଂସ ଜେଜେମାଆ ଦୁହିଁଙ୍କୁ ଅକଥନୀୟ ନିର୍ଯାତନା ଦେଇ ଏଭଳି ଅବସ୍ଥା କରିଛନ୍ତି ବୋଲି ଶିଶୁ କହିଛନ୍ତି। ୫ ଦିନ ହେଲା ଖାଇବାକୁ ନଦେବା ସହ ନିଷ୍ଠୁର ଭାବେ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଶିଶୁଙ୍କୁ ଉଦ୍ଧାର କରାଯିବା ପରେ ହସ୍ପିଟାଲରେ ଚିକିତ୍ସା କରାଯାଇ ଚାଇଲ୍ଡ ଲାଇନ୍ ନିଜ ପାଖରେ ରଖିଛି।

ମାସେ ତଳେ ୨ ଶିଶୁଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମାନସିକ ସ୍ଥିତି ହରାଇ ବସିଥିଲେ। ଫଳରେ ଜେଜେମା କୁନି କୁନି ପିଲାଙ୍କୁ ମାଡ଼ ମାରିବା ସହ ଘରେ ବନ୍ଦ କରି ରଖିଥିଲେ। ଏପରିକି ୫ ଦିନରୁ ଅଧିକ ହେବ ଖାଇବାକୁ ଦେଇ ନଥିଲେ। ସ୍ଥାନୀୟ ଲୋକେ କହିଛନ୍ତି ଯେ ଭଉଣୀ ସମ୍ପତ୍ତି ପାଇଁ ଭାଇକୁ ନିଜ ଇଙ୍ଗିତରେ ନଚାଉଥିଲେ।

# ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଶିକ୍ଷକ ନିଲମ୍ବିତ

କପ୍ତିପଦା, ୨୧।୬(ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ଶିକ୍ଷକ ଭବାନନ୍ଦ ନାଏକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଭବାନନ୍ଦ କପ୍ତିପଦା ବ୍ଲକ୍ ଅଧୀନ ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଅତିରିକ୍ତ ତହସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ, ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଖଣ୍ଡ ପୁଲିସ ଅଧିକାରୀ ଚିଠି ଲେଖି କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଫଳସ୍ୱରୂପ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ଗତ ୧୯ ତାରିଖରେ ଶିକ୍ଷକ ଶ୍ରୀ ନାଏକଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ କପ୍ତିପଦା ପୁଲିସ୍ ବିଭିନ୍ନ ପର୍ଯ୍ୟାୟରେ ୯ ଜଣଙ୍କୁ ଗିରଫ କରିଛି।

# କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ୧୦୦ କୋଟିରୁ ଉର୍ଦ୍ଧ୍ୱ ସହାୟତା

ଭୁବନେଶ୍ୱର, ୨୧।୬ (ସମିସ): ରାଜ୍ୟର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶନିବାର ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହଶହ ସଂଖ୍ୟାରେ ଆସିଥିବା ଓଡ଼ିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ୍ ଅଧୀନରେ ପ୍ରାୟ ୯ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର। ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ଼ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ୪୧କୋଟି ୧୭ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡ଼ା, ଟୋପି, ମଶାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି। ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି। ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି। ଏସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ।

**■ ରେଳଷ୍ଟେସନରେ ଅଟକିଗଲା ଲିଫ୍ଟ**

# ଡେଇଁ ପଡିଲେ ଦିବ୍ୟାଙ୍ଗ

ଭଦ୍ରକ,୨୧।୬ (ସମିସ): ଅଧାରେ ଅଟକିଯିବାରୁ ଭିତରେ ଫସିଯିବା ଭୟରେ ଜଣେ ଦିବ୍ୟାଙ୍ଗ ଲିଫ୍ଟରୁ ଡେଇଁ ପଡ଼ି ଗୁରୁତର ହୋଇଛନ୍ତି। ଭଦ୍ରକ ରେଳଷ୍ଟେସନ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ସେ ହେଲେ, ଖଡ଼ଗପୁର ଅଞ୍ଚଳର ସୁକୁମାର ସିଂ। ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ସୁକୁମାର ଟ୍ରେନ୍‌ରେ ଭିକ୍ଷାବୃତ୍ତି କରନ୍ତି। ଆଜି ସେ ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବା ପାଇଁ ଲିଫ୍ଟରେ ଚଢ଼ିଥିଲେ। ମାତ୍ର ଲିଫ୍ଟଟି କିଛି ଉପରକୁ ଉଠିବା ପରେ ଅଟକି ଯାଇଥିଲା। ତେଣୁ ଲିଫ୍ଟରେ ଫସିଯିବା ଭୟରେ ସେ ରିପ୍ୟାରିଂ ଚାମ୍ବର୍ ଖୋଲି ଡେଇଁ ପଡ଼ିଥିଲେ। ରେଳବାଇ ତରଫରୁ ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



# ଚଳନ୍ତା ବାଇକ୍‌ରେ ବ୍ୟବସାୟୀଙ୍କୁ ଗୁଳିମାଡ଼

ଭଦ୍ରକ,୨୧।୬(ସମିସ): ଭଦ୍ରକ ସହର ଚରମ୍ପା ଛକ ନିକଟରେ ଜଣେ ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଲାମଲା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପାସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଦୁଇରାଉଣ୍ଡ ଗୁଳି ଫୁଟାଇଥିଲେ। ଫଳରେ



ବାଇକ୍‌ରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆଜି ରଥଯାତ୍ରର ସ୍ୱତନ୍ତ୍ର ସମୀକ୍ଷା ବୈଠକ

ପୁରୀ,୨୧।୬(ସମିସ): ରବିବାର ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ। ଟାଉନ ହଲ୍ ପରିସରରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ବୈଠକରେ ମନ୍ତ୍ରୀ, ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଆସନ୍ତା ୨୭ ତାରିଖ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଏଥର କିଛି ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏଥର ଅଧିକ ଶ୍ରଦ୍ଧାଳୁ ସମାଗମ ହେବା ସମ୍ଭାବନା ଅଛି। ତେଣୁ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କ'ଣ ସବୁ ପ୍ରସ୍ତୁତି କରାଯାଇଛି ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ପୂର୍ବରୁ ଅନୁଷ୍ଠିତ ଦୁଇଟି ସମନ୍ୱୟ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଠିକଣା ସମୟକୁ ସବୁ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଅଧିକାରୀମାନେ କି ପ୍ରକାର ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ସବିଶେଷ ସୂଚନା ଦେବେ। କାହାର କ'ଣ କାମ ବାକି ରହିଯାଇଛି ଏବଂ ଅଧିକ କ'ଣ କଲେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିବ ଏବଂ ଭକ୍ତମାନେ ଭଲ ଭାବେ ଦର୍ଶନ କରିବେ ତାହା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

**■ ଶ୍ରୀମନ୍ଦିରରେ ଖଳି ଲାଗି ଏକାଦଶୀ**

# ଦାରୁଦିଅଁଙ୍କୁ ଲାଗି ହେଲା ପୁଷ୍ପ, ତୁଳସୀ

ପୁରୀ, ୨୧।୬(ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ସ୍ନାନପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଥିବା ଠାକୁର ଏବେ ଅଣସର ଘରେ। ଶୀଘ୍ର ଆରୋଗ୍ୟ ପାଇଁ ଚାଲିଛି ଆର୍ୟୁବେଦିକ ପଦ୍ଧତିରେ ଉପଚାର। ଗୁପ୍ତ ସେବା କରୁଛନ୍ତି ଦଇତାପତି ସେବକ। ଇତିମଧ୍ୟରେ ବଡ଼ଓଡ଼ିଆ

**ଆଜି ରାଜପ୍ରସାଦ ବିଜେ**

ମଠରୁ ଆସିଥିବା ଫୁଲୁରି ତେଲ, ଶୁଦ୍ଧସୁଆର ସେବକ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଦାରୁଦିଅଁଙ୍କୁ ଖଳିଲାଗି ସହ ତୁଳସୀ, ସୁବାସିତ ରଙ୍ଗୀନ ପୁଷ୍ପ ମଧ୍ୟ ଲାଗି କରାଯାଇଛି। ଏଥିସହ ଦଶମୂଳ ମେହୌଷଧୀ ସେବନ କରି ସୁସ୍ଥ ହୋଇଛନ୍ତି ବିଶ୍ୱନିୟନ୍ତା। ରବିବାର ଦ୍ୱାଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି। ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଜୟବିଜୟ ଦ୍ୱାରା ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢ଼ିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ଆରମ୍ଭ ହେବା ସହ ଅଣସର ଗୃହରେ ଘଣ୍ଟ, କାହାଳୀ ବାଜି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଗୀତିଗୋବିନ୍ଦ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ, ଗୁଣା, ଝୁମ୍ପା, କରପଲ୍ଲବ, ହୃଦୟପଦକ ଏବଂ ତୁଳସୀ ଲାଗି କରାଯାଇଥିଲା। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ପ୍ରଥମ ତୁଳସୀ ଧାରଣ କରିଥିଲେ। ଏହାପରେ ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ଦାରୁବିଗ୍ରହଙ୍କୁ ଲାଗି କରାଇଥିଲେ।

## ଅବଶିଷ୍ଟାଂଶ...

### ନିବେଶକଙ୍କ ବିଶ୍ୱାସ...

୬ ଗିଗାୱାଟର ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ୟୁନିଟରେ କମ୍ପାନୀ ଇନ୍‌ଗଟ, ୱେଫର୍ସ ସେଲ୍ ଏବଂ ସୋଲାର ମଡ୍ୟୁଲ ଉତ୍ପାଦନ କରିଥାନ୍ତା। ଏହି କମ୍ପାନୀ ସ୍ଥାପନ ହୋଇଥିଲେ ପ୍ରାୟ ୧୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାନ୍ତା। ଏହି ପ୍ରକଳ୍ପ ପାଇଁ ଥରେ ନୁହେଁ ଦୁଇଥର ଶିଳାନ୍ୟାସ ହୋଇଥିଲା। ଥରେ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିବା ବେଳେ କିଛି ସପ୍ତାହ ତଳେ ଢ଼େଙ୍କାନାଳ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଦୁଇଥର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏହି କମ୍ପାନୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବ ଯୋଗୁଁ ଅନ୍ୟତ୍ର ଚାଲିଯିବାକୁ ନିଷ୍ପତ୍ତି ନେଇଛି। କାମ ବିଳମ୍ବ ହେଉଥିବାରୁ କମ୍ପାନୀର ଅଡିଟ କମିଟ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲା। ଏହ ପରାମର୍ଶ ଆଧାରରେ ଓଡ଼ିଶା ବଦଳରେ ଏହା ତାମିଲନାଡୁ ଓ ଗୁଜୁରାଟରେ ନିଜ ଶିଳ୍ପ ସ୍ଥାପନ କରିବ ବୋଲି କମ୍ପାନୀ ପକ୍ଷରୁ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ ଓ ଏନ୍‌ଏସ୍‌ଇ)କୁ ଅବଗତ କରାଯାଇଛି।

ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ପ୍ରକଳ୍ପରୁ ଓହରିଯିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଥିଲା। ଏହାକୁ ନେଇ ଆଜି ବେଶ୍ ତତ୍ପିତୋଫାନ ହେବା ପରେ କମ୍ପାନୀ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଥିବା କୁହାଯାଉଛି। ଆମେ ଓଡ଼ିଶା ଛାଡ଼ି ଯାଉନାହୁଁ। ଓଡ଼ିଶାରେ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆମେ ଆମ ପ୍ରତିଶ୍ରୁତିରେ ଦୃଢ଼ ରହିଛୁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଗୋଟିଏ ଦିନ ବ୍ୟବଧାନରେ କମ୍ପାନୀ ପକ୍ଷରୁ ଦୁଇ ଦୁଇଟି ପରସ୍ପର ବିରୋଧୀ ବିଜ୍ଞପ୍ତି ପ୍ରକାଶକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନେଇ କମ୍ପାନୀର ମତ ପରିବର୍ତ୍ତନ ପଛରେ ଚାପ ପଡ଼ିଥିବା ଶିଳ୍ପ ସମୀକ୍ଷକମାନେ ମତ ଦେଉଛନ୍ତି। ଗତକାଲି କମ୍ପାନୀ ସ୍ଥାନାନ୍ତର ସୂଚନା ଦେଇଥିବାବେଳେ ଗୋଟିଏ ଦିନ ମଧ୍ୟରେ କମ୍ପାନୀ ନିଜ ନିଷ୍ପତ୍ତିରୁ ଓହରିଯିବାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ପୂର୍ବରୁ ଆର୍ସେଲର ନିପ୍ପନ- ମିତ୍ତଲ ଓ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ସ୍ୱପ୍ନ ଧିରେ ଧିରେ ଘୁଞ୍ଚି ଘୁଞ୍ଚି ଯାଉଛି। ଏପରିକି ଆର୍ସେଲର-ମିତ୍ତଲ ପ୍ରକଳ୍ପ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ହେବା ଏକପ୍ରକାର ନିଶ୍ଚିତ କୁହାଯାଉଥିବା ବେଳେ ସେଠାରେ ଜମି ଅଧିଗ୍ରହଣ କାମ ଜାରି ରହିଛି। ସେହିପରି ଜେଏସଡବ୍ଲ୍ୟୁର ଇଭି ପ୍ରକଳ୍ପ ମଧ୍ୟ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇଥିବା ନେଇ କୁହାଯାଉଛି। ଏବେ ପୁଣି ଆଉ ଏକ ବଡ଼ ଶିଳ୍ପ ଓଡ଼ିଶାରୁ ଚାଲିଯିବା ନିମନ୍ତେ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ରାଜ୍ୟର ଶିଳ୍ପ ବାତାବରଣକୁ ପ୍ରଶ୍ନଘେରରେ ଠିଆ କରିଛି।

### ବାଲିଆପାଳରେ ସ୍ଥିତି...

ବ୍ଲକ୍‌ର ନଦୀତଟ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ମଧୁପୁରା, ବିଷ୍ଣୁପୁର, ଜାମକୁଣ୍ଡା ଆଦି ୮ଟି ପଞ୍ଚାୟତର ଅନ୍ୟୁନ ୨୦ହଜାର ଲୋକ ବନ୍ୟା ପାଣିଘେରରେ ରହିଛନ୍ତି। ସେଗୁଡ଼ିକ ମଧ୍ୟରୁ ଝଲଝଲିଆ, ଚଡ଼ପାଳପଡ଼ା, ପାଳଚମ୍ପେଇ, ଚଡ଼ ବଡ଼ାପାଳ, ମନ୍ମନଗର, ରସଲପୁର, ଇକଡ଼ପାଳ, ତାଳପଦା ଆଦି ଗାଁ ସଂପୂର୍ଣ୍ଣ ଭାବେ ପାଣିଘେରରେ ରହିଛି। ଗତକାଲି ରାତିରୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ବନ୍ୟା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକମାନଙ୍କୁ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳ ଓ ପାଖ ସ୍କୁଲକୁ ଚାଲିଯିବା ପାଇଁ କୁହାଯାଇଥିଲା। ସେହିପରି, ବନ୍ୟା ଯୋଗୁଁ ପଞ୍ଚୁରୁଖୀ ଗ୍ରାମର ଏକ ବନ୍ଧ ଭାଙ୍ଗିଯିବା ଭଳି ସ୍ଥିତି ଦେଖାଦେଇଛି। ଗ୍ରାମବାସୀ ଉକ୍ତ ବନ୍ଧକୁ ଜଗି ରହିଛନ୍ତି। ସେହିପରି ବଡ଼ାପାଳ ଗ୍ରାମର ନିଆଁଶି ଜେନା, ରତିକାନ୍ତ ଜେନା, ତାଙ୍କ ସ୍ତ୍ରୀ, ବାବୁଲି ଜେନା ପ୍ରମୁଖ ସର୍ଦ୍ଦାର ସାହି ଏକ ଟାପୁକୁ ଗାଈ ଚରାଉବାକୁ ଯାଇଥିବା ବେଳେ ବନ୍ୟାପାଣି ଘେରରେ ରହିଯାଇଥିଲେ। ଆଜି ସେମାନଙ୍କୁ ଆଜି ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛି।

ଅପରପକ୍ଷେ, ବନ୍ୟା ଯୋଗୁଁ ଭୋଗରାଇ ବ୍ଲକ୍‌ର ସମସ୍ତ ତଳିଆ ଅଞ୍ଚଳ ବୁଡ଼ିଯାଇଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ସେହିପରି ବନ୍ୟାର ପ୍ରଖର ସୁଅରେ ଆଜି ଜଣେ ଯୁବକ ଭାସି ଯାଇଛନ୍ତି। ସେ ହେଲେ, କୁମ୍ଭୀରଗଡ଼ି ପଞ୍ଚାୟତ କୁହ୍ଲା ଗ୍ରାମର ନବକୃଷ୍ଣ ପିଲାରଙ୍କ ପୁଅ ଅପୁ। ଅପୁ ଆଜି ସକାଳେ ଜାମକୁଣ୍ଡା ଲକ୍ ନିକଟକୁ ସଉଦା ଆଣିବାକୁ ଯାଉଥିବା ବେଳେ ବନ୍ୟା ପାଣିରେ ଭାସି ଯାଇଥିଲେ। ଗାଁର ଯୁବକମାନେ ଡଙ୍ଗା ନେଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ହସ୍ତକ୍ଷେପ ପରେ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା। କିନ୍ତୁ ଖବର ଲେଖା ହେବା ସୁଦ୍ଧା ତାଙ୍କର ପତ୍ତା ମିଳିପାରିନାହିଁ।

ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ସୌମ୍ୟଦୀପ ଚକ୍ରବର୍ତ୍ତୀ, ମନ୍ମଥ କୁମାର ବାରିକ ପ୍ରମୁଖ ପାଣିଘେରରେ ଥିବା ଲୋକଙ୍କୁ ଭେଟିବା ସହ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସାହାଯ୍ୟ ଓ ସହାୟତା ପାଇଁ ପ୍ରଶାସନ ଲୋକଙ୍କ ପାଖରେ ସଠିକ୍ ସମୟରେ ପହଞ୍ଚି ନ ଥିବାରୁ ବିଧାୟିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

### ନେଦାର ୨ ହଜାର...

ପାଇଁ ଓଡ୍ରାଫ ଟିମ୍, ଏନଡିଆରଏଫ ଟିମ୍ ଏବଂ ସାରସକଣା, ବାଙ୍ଗରିପୋଷି ଅଗ୍ନିଶମ ବାହିନୀ, ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ସଜାର ରହିଛନ୍ତି।

ସୂଚନାନୁଯାୟୀ, ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍ ଗେଟ୍ ଦେଇ ପ୍ରାୟ ୬ରୁ ୭ ଲକ୍ଷ କ୍ୟୁସେକ ପାଣି ନିଷ୍କାସନ ହେଉଛି। ଏଭଳି ସ୍ଥିତିରେ ଜାମଶୋଳା ଘାଟରେ ସୁବର୍ଣ୍ଣରେଖା ଏବେ ବିପଦ ସଂକେତଠାରୁ ୪ ମିଟର ଉପରେ ରହିଛି। ବନ୍ୟାକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଏବଂ ପୁଲିସକୁ ମୁତୟନ କରାଯାଇଛି। ଅନ୍ୟପକ୍ଷେ ଏହାର ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ନେତା କି ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ୨୪ରୁ ପୁଣି...

ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପ୍ରଥମେ ଓଡ଼ିଶା ଓ ପରେ ଝାଡ଼ଖଣ୍ଡରେ ଅଧିକ ବର୍ଷା କରାଇବ। ତେଣୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଶନିବାର ସୋନପୁରରେ ୨୭, କଟକରେ ୨୧ ଓ ପାରାଦୀପରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

**OFFICE OF THE PANCHAYAT SAMITI: KOLNARA**
DIST- RAYAGADA, PIN CODE-765017, ODISHA i-170
E-mail ID: ori-kolnara@nic.in

**INVITATION FOR BIDS (I.F.B)**
e-Procurement Notice
IDENTIFICATION No. PS- KOL No. 02 OF 2025-26

1. The Block Development Officer, Kolnara, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of works: **03 (Three)**
3. Cost of Tender paper: **₹6000/- (Rupees Six Thousand)** only for each work
4. Class of Contractor: **"D & C" Class**
5. Date & Time of availability in website & receipt online: **From 11:00 Hrs of 26.06.2025 to 17:00 Hrs of 08.07.2025**
6. Date of opening of Technical Bid: **11:00 Hrs of 10.07.2025**
7. The Bidders have to participate in ONLINE bidding only. Further details can be seen from the State Govt. Portal website: **https://tendersodisha.gov.in**
8. Any Corrigendum/Addendum will be displayed in the website **https://tendersodisha.gov.in** only

Sd/- Block Development Officer
Kolnara
OIPR-19053/11/0002/2526

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 20/06/2025. I, **Saraswati Sahu,** aged about 40 years, W/o- Subash Sahu, Permanent resident of At- Sukunabhata, P.O. Marlad, P.S. Titilagarh, Dist. Bolangir, (Odisha), Pincode No. 767066 now residing at the same place affirm that I have changed my minor daughter's name from **Babey Sahu** (old name) To **Beby Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Beby Sahu** (new name).
**Saraswati Sahu**

**AFFIDAVIT**
I, Gunanidhi Barik, father of Satyajiti Barik, residing at At: Balarampur Garh, PO: Balarampur Talagada, Sub-District: Dharmasala, District: Jajapur, Odisha – 755023, do hereby declare that I have changed the name of my minor son from Satyajiti Barik to Satyajit Barik. Henceforth, he shall be known as **Satyajit Barik** for all official and future purposes.

**AFFIDAVIT**
I Anju Rani Khatua, W/o- Kartik Khatua, resident of village/po , Gunaibasan Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No.2221/2025 that My son name as Manoj Khatua in his Birth Certificate, that wrongly mentioned as Monaj Khatua in Adhar. Manoj Khatua and Monaj Khatua is one & same person. Hence my son shall be known as **Manoj Khatua** for all future purpose.

**AFFIDAVIT**
By virtue of an affidavit before Executive Magistarte, Bargarh, I, Rajkishan Kuanr, S/o- Bisi Kuanr, R/o- Village- Debgarhtikra, Khandatha, Po.- Khandatha, Ps.- Sadar, Dist.- Bargarh, Odisha, declare that, my daughter will be known as & her name will be used as **Gunjan Kuanr, D/o- Rajkishan Kuanr (Father) & Rinki Kuanr (Mother)** for all purposes.

**AFFIDAVIT**
By virtue of an affidavit No. 738, dtd. 19.06.2025 before the Notary Public, Malkangiri, I, Debe Kabasi have changed my name and address from Debe Podiami, D/o- Podia Padiami, Vill- Karastaguda, Po- Thumusapalli, Ps/Dist.- Malkangiri to Debe Kabasi, W/o- Ganesh Kabasi, Vill- Nuaguda, Po/Ps.- Korukunda, Dist.- Malkangiri after my marriage. Henceforth I shall be known as Debe Kabasi, W/o- Ganesh Kabasi, resident of Vill- Nuaguda, Po/Ps- Korukunda, Dist.- Malkangiri, Odisha for all purposes.
**Sd/- Debe Kabasi**

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Priyanka Mahapatra, aged about 37 years, W/o- Niranjan Acharya, resident of Plot No-491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No- 496, dtd- 12/06/2025 that now onwards I shall be known as **PRIYANKA MOHAPATRA** for all future purposes.

**AFFIDAVIT**
I, Niranjan Nayak, aged about 40 years, H/o- Priyanka Mohapatra, resident of Plot No.491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No-498, dtd- 12/06/2025 that now onwards I shall be known as **NIRANJAN ACHARYA** for all future purposes.

**AFFIDAVIT**
I, Jaspreet Singh Wadhwa, aged about 45 years, S/o- Mahender Singh, resident of At- Plot No. TT-14, Civil Township, Po- Rourkela, Ps- Raghunathpali, Dist- Sundargarh, Odisha, Pin- 769004 declare by this affidavit No. A/19, dtd. 01/05/2025 that now onwards I shall be known as **JASPREET SINGH** for all future purposes.

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# ସୁନ୍ଦର ସ୍ୱାସ୍ଥ୍ୟ ଲାଗି ନିୟମିତ ଯୋଗ କରିବାକୁ ପରାମର୍ଶ










କାଳିପଦା,୨୧।୬(ସମିସ)

ବାଲିଆପାଳ ବ୍ଲକ୍‌ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବାଲିଆପାଳ ପଞ୍ଚାୟତ ଯୋଗ ସମିତି ପକ୍ଷରୁ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ଶିବିରରେ ଯୋଗ ଗୁରୁ ଅରବିନ୍ଦ ବେହେରା, ମନ୍ମଥ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣରେଖା ଜଗନ୍ନାଥ ଦେବ ଉଚ୍ଚ ବିଦ୍ୟାଳୟରେ ଯୋଗଗୁରୁ ଅରବିନ୍ଦ ବେହେରା, ମନ୍ମଥ କୁମାର ପାତ୍ର, ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦେଉଳା ପଞ୍ଚାୟତରେ ଗୁରୁମା ମଧୁସ୍ମିତା ରାଉତ, ମନ୍ମଥ କୁମାର ନାୟକ, ସରପଞ୍ଚ ସରୋଜ କୁମାର ପିକା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସ୍ଥାନୀୟ ସୁବର୍ଣ୍ଣରେଖା କଲେଜରେ ଯୋଗଗୁରୁ ଜଗନ୍ନାଥ ଦେ, ଅଧ୍ୟକ୍ଷ ପ୍ରାଧ୍ୟାପକ ଗୌରାଙ୍ଗ ରାଉତ, ଅଣ୍ଡିଯୋଗ କେନ୍ଦ୍ରରେ ଅନୂପ କୁମାର ରାଉତ, ସରପଞ୍ଚ ତୃପ୍ତିଲେଖା ଜେନା, ବାଲିଆପାଳ ପଞ୍ଚାୟତ ସମିତିରେ ବିଡିଓ ଶରତ ମୁଦୁଲି, ଗାମନାଥ କର, ଅଭୟ କୁମାର ସାହୁ, କୃଷି ବିଜ୍ଞାନ କେନ୍ଦ୍ରରେ ମନୋଜ କୁମାର ଜେନା, ଖପରାପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ର, ଜଲେଶ୍ୱର ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଜାମଶୂଳୀ କଲେଜ

କାଳିପଦା : ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଶିବିରକୁ ଯୋଗଗୁରୁ ଡ. ଭାଗ୍ୟଚନ୍ଦ୍ର ଜେନା ଉଦଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଦେ୍ୟନ୍ଦୁ ଗିରି ଅଧ୍ୟକ୍ଷତା କରିଥିବାବେଳେ ସଂଗ୍ରାମ କେଶରୀ ନାୟକ, ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନରେନ୍ଦ୍ର ନାଥ ପାତ୍ର, ମହିଳା ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିତାରାଣୀ ଜେନା, ଏନସିସି ଲେଫ୍ଟନାଣ୍ଟ ଅଧ୍ୟାପକ ଆଶୁତୋଷ ଯତି, ଯୁବରେଡକ୍ରସ ଅଫିସର ଅଧ୍ୟାପକ ବାଙ୍କିମ ଚନ୍ଦ୍ର ମେକାପ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାପସ ତନୟ ନନ୍ଦ, ଅଜିତ କୁମାର ଭୂୟାଁ, ପ୍ରଭାତ ରଞ୍ଜନ ଦାସ, ମୟୂଖ ମଣ୍ଡଳ, ପର୍ଣ୍ଣାଗାର ଗିରି, ଅଧ୍ୟାପିକା ତନୁଶ୍ରୀ ନାୟକ, ସ୍ୱାଗତିକା ଜେନା, ମାଶାଙ୍କ ଟୁଡୁ, ଶ୍ରୀକାନ୍ତ ମହାପାତ୍ର, ଦେବେନ୍ଦ୍ର ଘୋଷ, ଶଶିକାନ୍ତ ଜେନା, ସଂଘମିତ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ବାଙ୍କିମ ଚନ୍ଦ୍ର ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗ ଦିବସ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

ଜଳେଶ୍ୱର ବ୍ଲକ୍: ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ଓ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଯୋଗରେ ନନ୍ଦିକା ସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଓ ବରିଷ୍ଠ ନାଗରିକଙ୍କର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ଥାୟୀ ସଭାପତି ବିଷ୍ଣୁପଦ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ ପ୍ରତିଭା ବେହେରା ଉଦ୍‌ଘାଟନ କରିଥିଲେ। ତତ୍ ସହିତ ବରିଷ୍ଠ ନାଗରିକ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଓଡ଼ିଶା ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀ ମାନଙ୍କୁ ଅବଗତ କରାଇବା ସହିତ ଆଗାମୀ ଦିନରେ ବରିଷ୍ଠ ନାଗରିକମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦିବସକେନ୍ଦ୍ର କେନ୍ଦ୍ର ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଲୋକକ ଭାବରେ ଶିରିଶ ଚନ୍ଦ୍ର ଦାସ ବରିଷ୍ଠ ନାଗରିକମାନଙ୍କର ବହୁବିଧ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଡ. ଆଶୁତୋଷ ପ୍ରଧାନ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ନିରାକରଣର ସମ୍ପର୍କରେ ପରାମର୍ଶ ଦେଇଥିଲେ। ଯୁଗଳ କିଶୋର ପ୍ରଧାନ ଯୋଗ ଦିବସ ଏବଂ କର୍ମଶାଳାର ତାତ୍ପର୍ଯ୍ୟ ଆଗାମୀ ଦିନରେ ବରିଷ୍ଠ ମାନେ ସୁସ୍ଥ ଭାବରେ ନିରୋଗ ଏବଂ ମାନସିକ ଭାରାକ୍ରାନ୍ତ ନ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଡ. ରମାକାନ୍ତ ବରିଷ୍ଠ ନାଗରିକ ମାନଙ୍କର ଖାଦ୍ୟ ସୂଚୀ ଏବଂ ଜୀବନ ପରିଚର୍ଯ୍ୟା, ଶୃଙ୍ଖଳିତ କରିବାକୁ ପରାମର୍ଶ ଦେଇଥିଲେ। ଲଳିତ ରଞ୍ଜନ ସେନାପତି, କମଳ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

ବସ୍ତା ବ୍ଲକ୍: ବସ୍ତା ବ୍ଲକ୍ ରୋଡରେ ଅବସ୍ଥିତ ସେଣ୍ଟ ଜାଭିଅର୍ସ ଇଂଲିଶ ମିଡିଅମ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଶନିବାର ସକାଳେ ସ୍କୁଲରେ ଛୋଟ ଛୋଟ ପିଲାମାନଙ୍କୁ ସ୍କୁଲର ଅଧ୍ୟକ୍ଷ ତଥା ଯୋଗାଚାର୍ଯ୍ୟ ବଳରାମ ବିଶ୍ୱାଳ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସସ୍ମିତା ଘୋଷ, ଡ଼ାଲୀନା ବେହେରା, ବୈରାଗୀ ଚରଣ ରାଉଳ, ଶିଳା ରାଣୀ ବେହେରା, ମଧୁସ୍ମିତା ସାନ୍ତ୍ରା, ଚିନ୍ମୟୀ ମହାନ୍ତି, ମଧୁସ୍ମିତା ପଣ୍ଡା, ହରପ୍ରିୟା ମହାନ୍ତି ଓ ଜାଇ ଭୋଳ ପ୍ରମୁଖ ପରିଚାଳନା କରିଥିଲେ।

## ଜଗାଇ ମହାବିଦ୍ୟାଳୟ

ବାଲିଆପାଳ : କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଶିବିର ପାଳିତ ହୋଇଯାଇଛି। ବାଲିଆପାଳ ଶାଖାର ଯୋଗପ୍ରଭାରୀ ଜଗନ୍ନାଥ ଦେ ଓ ମିଡିଆ ପ୍ରଭାରୀ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବାରମାଧବ ଦାସ ପିଲାମାନଙ୍କୁ ବିଭିନ୍ନ ଯୋଗ ଅଭ୍ୟାସ କରାଇଥିଲେ। ଉକ୍ତ ବୈଠକକୁ ଡ. ମାନସୀ ସାହୁ ପରିଚାଳନା କରିଥିଲେ। ଅଧ୍ୟାପିକା ସୁପ୍ରସିନୀ ବେହେରା, ଅଧ୍ୟାପକ ଆଶିଷ କୁମାର ଓଝା, ମୁଖ୍ୟ ସଂଯୋଜକ ଅଧ୍ୟାପକ ସୁଶାନ୍ତ ରାଜ ନିଜ ନିଜର ମତ ରଖିଥିଲେ। ଶାନ୍ତିଲତା ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍

ସିମୁଳିଆ : ବ୍ଲକ୍ ପ୍ରଶାସନ ପକ୍ଷରୁ ଯୋଗ ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ସକାଳ ୭ଟାରେ ବ୍ଲକ କର୍ମଚାରୀଙ୍କ ସମେତ ବିଭିନ୍ନ ମହିଳା ସଂଗଠନ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇ ଥିଲେ। ଯୋଗ ଗୁରୁ ଅଶୋକ କୁମାର ପାଢ଼ୀ ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିବା ବେଳେ ଅତିଥି ଭାବେ ସିମୁଳିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖା ଖା ନିୟମିତ ଅଭ୍ୟାସ କରିବା ଦରକାର, ଯୋଗ ଶରୀରକୁ ସୁସ୍ଥ ରଖିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ବ୍ଲକ ଗୋଷ୍ଠୀ ସହକାରୀ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡାଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

ଭୋଗରାଇ : ଭୋଗରାଇ ବ୍ଲକ୍ ଗୋପୀନାଥପୁରସ୍ଥିତ ସରକାରୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରପକ୍ଷରୁ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡାକ୍ତର ରାଜୀବ କୁମାର ମାଝୀ ଯୋଗ ଦେଇ ଥିଲେ। ମୁଖ୍ୟ ବ୍ୟକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସ ଯୋଗ ଦେଇ ନିରୋଗ ରହିବା ପାଇଁ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଯୋଗଶିକ୍ଷକ ଭାବେ ସସ୍ମିତା ନାୟକ, ସୁଶାନ୍ତ କୁମାର ସାମଲ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ଯୋଗଭ୍ୟାସ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ କରାଯାଇଥିଲା।

ନୀଳଗିର : ନୀଳଗିରି ବ୍ଲକ୍ ଓ ଏନ୍ଏସି ତରଫରୁ ନୀଳଗିରି ଇନଡୋର ଷ୍ଟାଡିୟମଠାରେ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଏନଏସି ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା, ବିଡିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ବିଭିନ୍ନ ବିଭାଗର ପଦାଧିକାରୀ, କର୍ମଚାରୀଙ୍କ ସମେତ ଅଞ୍ଚଳବାସୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ବିଧାୟକ ଶ୍ରୀଯୁକ୍ତ ଖଟୁଆ ପ୍ରତ୍ୟେହ ଯୋଗାଭ୍ୟାସ କଲେ ଦେହ ମନ ସୁସ୍ଥ ରହିଥାଏ ବୋଲି ସୂଚନା ଦେଇଥିଲେ।

ଚନ୍ଦନେଶ୍ୱର: ଭୋଗରାଇର କାଣ୍ଠଭଉଁରୀ ଓ ଶ୍ରଦ୍ଧାପୁର ପଞ୍ଚାୟତ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। କାନ୍ଠଥଭଉଁରୀ ପଞ୍ଚାୟତର ସରପଞ୍ଚ କିରଣ ବାଲା ଜେନା, ସଦସ୍ୟ ପ୍ରଦୀପ କୁମାର ଦାସ, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ସମାଜସେବୀ ଶ୍ରୀହରି ଜେନା, ଶ୍ରଦ୍ଧାପୁର ସେବା ସମବାୟ ସମିତିର ସଭାପତି ଗୁଣାକର ମାଝୀ, କାନ୍ଠଥଭଉଁରୀ ଅନାଦି ଏକାଡେମୀର ସହକାରୀ ଶିକ୍ଷକ ତଥା ଯୋଗଗୁରୁ କାର୍ତ୍ତିକଚନ୍ଦ୍ର ପାତ୍ର, ବିଚିତ୍ରପୁର ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଧିକାରୀ ବିନୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚ ପ୍ରତ୍ୟାଶା ପାତ୍ର, ସମାଜସେବୀ ଚନ୍ଦନ କୁମାର ପାତ୍ର, ସଦସ୍ୟା ପ୍ରତିନିଧି ଗୌରହରି ମଣ୍ଡଳ, କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଜଲ ବାସ୍କେ, ନାଏବ ସରପଞ୍ଚ ନୀଳକଣ୍ଠ ପାତ୍ର, କାନ୍ଠଥ ଭଉଁରୀ ଅନାଦି ଏକାଡେମୀର ସହକାରୀ ଶିକ୍ଷକ ତଥା ଯୋଗ ଗୁରୁ କାର୍ତ୍ତିକ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ବିକାଶ ବିଦ୍ୟାମନ୍ଦିର

ବାଲେଶ୍ୱର : ବାଲେଶ୍ୱର ପୌରପାଳିକା ଅଧୀନ ସହଦେବଖୁଣ୍ଟା ଚାନ୍ଦମାରୀପଡିଆ ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ସାହୁ ଯୋଗଦେଇ ବିଦ୍ୟାଳୟର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି। ମୁଖ୍ୟବକ୍ତା ଭାବେ ଶିଶୁ ବିକାଶ ବିଦ୍ୟାମନ୍ଦିରର ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ ଯୋଗର ବିଶେଷତ୍ୱ ଓ ମହତ୍ୱ ବିଷୟରେ ପିଲା ମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ବୁଝାଇଛନ୍ତି। ତାପସ କୁମାର ଜେନା ଯୋଗ କାର୍ଯ୍ୟ ପରିଚାଳନା କରିଥିଲା ବେଳେ ଆଚାର୍ଯ୍ୟ ପୂର୍ଣ୍ଣିମା ପ୍ରଧାନ ତାଙ୍କୁ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଶ୍ମୀକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗୁରୁମା ଗାୟତ୍ରୀ ପ୍ରହରାଜ, ଶିବାନୀ ଆଚାର୍ଯ୍ୟ, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ମଲ୍ଲିକ, ଗୁରୁଜୀ ଚନ୍ଦନ ଦାସ, ତାପସ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଟିପିଏନଓଡିଏଲ ପକ୍ଷରୁ ଯୋଗ ଦିବସ

ବାଲେଶ୍ୱର: ଟିପିଏନଓଡିଏଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଟିପିଏନଓଡିଏଲ କର୍ପୋରେଟ୍ କାର୍ଯ୍ୟାଳୟରେ ଇଞ୍ଜିନିୟର-ଇନ-ଚିଫ୍ ଶରତ ଚନ୍ଦ୍ର ମହାଳିକଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିବାବେଳେ ସେ ଯୋଗ ଓ ପ୍ରାଣାୟମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଦୈନିକ ଯୋଗ କରିବା ଦ୍ୱାରା ଶାରୀରିକ ଏବଂ ମାନସିକ ରୋଗ ଦୂରରେ ରହିଥାଏ ଓ ଜୀବନଶୈଳୀରେ ଉପୁଜୁଥିବା ସମସ୍ୟାକୁ ଯୋଗ ସହିତ ଦୂର କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ବାଲେଶ୍ୱର, ଭଦ୍ରକ, ବାରିପଦା, କେନ୍ଦୁଝର ଓ ଯାଜପୁରର ସର୍କଲ ସମେତ ଅନ୍ୟ ଡିଭିଜନ ଓ ସେକ୍ସନ କାର୍ଯ୍ୟାଳୟସ୍ତରରେ କର୍ମଚାରୀମାନେ ଏକତ୍ରିତ ହୋଇ ସୁସ୍ଥ ଓ ନିରାମୟ ଜୀବନଶୈଳୀ ପାଇଁ ଯୋଗ କରିଥିଲେ।

## ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ

ଭୋଗରାଇ: ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତିର ଯୋଗ ଶିକ୍ଷକ ସୁଦାମ ଚରଣ ପ୍ରଧାନ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ଯୋଗାସନ ଅଭ୍ୟାସ କରିବା ସହିତ ଆସନ ଗୁଡିକର ଉପାଦେୟତା ସମ୍ପର୍କରେ ଧାରଣା ଦେଇଥିଲେ। ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗାୟତ୍ରୀ ହେମ୍ବ୍ରମ କାର୍ଯ୍ୟକ୍ରମ ସମ୍ପର୍କରେ ମତ ପ୍ରକାଶ କରିଥିଲାବେଳେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଯୋଗର ମହତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଚନ୍ଦନ କୁମାର ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲାବେଳେ ଛାତ୍ର ଦେବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ସୋର: ସୋର ଅଡଙ୍ଗବଜାର ସ୍ଥିତ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବବିତା ଦାସ ପ୍ରଦୀପ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଖଗେନ୍ଦ୍ର ସ୍ୱାଇଁ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ଶିକ୍ଷା ଦେବା ସହିତ ନିୟମିତ ଯୋଗ କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷକ ଅମର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରବୀର କମାର ଉପାଧ୍ୟାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭାବରେ ସୋର ବ୍ଲକ ଓ ପୌରପାଳିକା ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଯୋଗ ଦିବସ ପାଳନ କରାଯଇଥିଲା।

# ନବୀନ ପଟ୍ଟନାୟକଙ୍କ ଆଶୁ ଅରୋଗ୍ୟ କାମନାକଲେ ପୂର୍ବତନ ବିଧାୟକ

ସିମୁଳିଆ,୨୧।୬(ସମିସ): ଓଡ଼ିଶାର ଜନ ନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଅରୋଗ୍ୟ କାମନା ପାଇଁ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରହୀ ବାବା ବକ୍ରେଶ୍ୱର ଶୈବ ପୀଠରେ ଏକ ଯଜ୍ଞର ଆୟଜନ କରିଥିଲେ। ଏହାସହ ତାଙ୍କ ନେତୃତ୍ୱରେ ସିମୁଳିଆ ଓ ଖଇରାରୁ ଶହଶହ ମହିଳା, ବିଜେଡି ସରପଞ୍ଚ, ସମିତି ସଭ୍ୟସଭ୍ୟା କର୍ମୀମାନେ ୧୦୮ ଦୀପ ଜାଳି ଓଡ଼ିଶାର ଜନ ନାୟକଙ୍କ ଆଶୁ ଅରୋଗ୍ୟ କାମନା କରିଥିଲେ।

# ଫାଇଲେରିଆ ନିରାକରଣ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୧।୬(ସମିସ): ଜିଲ୍ଲାପାଳଙ୍କ ଅଡିଟୋରିୟମ ପରିସରରେ ଅତିରିକ୍ତ ଜିଲ୍ଲାପାଳ ସୁଧାକରଙ୍କ ଅଧ୍ୟକ୍ଷତାରେ ଫାଇଲେରିଆ ନିରାକଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡ.ପ୍ରଭାତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ପାଇଲେରିଆର ନିରାକରଣ ପାଇଁ ପ୍ରାରମ୍ଭିକ ଭାବରେ ପଦକ୍ଷେପ ନେଲେ ତାହା ବହୁ ପରିମାଣରେ ତାହାକୁ ପ୍ରତିହିତ କରିପାରିବ। ଏହାକୁ ବିଭିନ୍ନ ସ୍ତରରେ ସଚେତନ କରାଯାଇ ସରକାର ବିଭିନ୍ନ ମାଧ୍ୟମରେ ପ୍ରଚାର ପ୍ରସାର କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଫାଇଲେରିଆ ରୋକିବା ପାଇଁ ପ୍ରାଥମିକସ୍ତରରେ ଦୁଇ ବର୍ଷର ଶିଶୁ ଠାରୁ ଆରମ୍ଭ କରି ବୟସ୍କଙ୍କ ପାଇଁ ଆସନ୍ତା ମାସ ୧୦ରୁ୧୯ ତାରିଖ ପର୍ଯ୍ୟନ୍ତ ଔଷଧ ସେବନ କରାଯିବା ଅଭିଯାନ ଆରମ୍ଭ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। କେବଳ ଅତ୍ୟନ୍ତ ଦୂରାରୋଗ ଏପରିକି ଉଚ୍ଚ ରକ୍ତଚାପ, ମଧୁମେହ ରୋଗୀଙ୍କୁ ବାଦଦେଇ ଅନ୍ୟ ସମସ୍ତ ନିର୍ଦ୍ଦିଷ୍ଟ ଔଷଧ ଯୋଗେ ରୋଗମୁକ୍ତ ହୋଇ ପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ଜୋନାଲ ସଂଯୋଜକ ଡ.ନିଶିଥ ଦାସ, ଭିଡିଡି ପରାମର୍ଶଦାତା ସୁପ୍ରିୟା ପାଢ଼ୀଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

# ବନ୍ଧୁମିଳନ ଓ ସୁବର୍ଣ୍ଣଜୟନ୍ତୀ ଲାଗି ପ୍ରସ୍ତୁତି

ବାଲେଶ୍ୱର,୨୧।୬(ସମିସ): ହଳଦୀପଦା ସ୍ଥିତ ଅଗ୍ରୱାଲା ବିଦ୍ୟାପୀଠରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦ୍ୱିତୀୟ ବନ୍ଧୁ ମିଳନ ଓ ସୁବର୍ଣ୍ଣଜୟନ୍ତୀ ପାଳନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଶିକ୍ଷକ କୁମାରଚନ୍ଦ୍ର ମିଶ୍ର,ପୁରାତନ ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ନିଜର ଛାତ୍ର ଜୀବନର ସ୍ମୃତିକୁ ଆଦାନ ପ୍ରଦାନ କରିଥିଲେ। ଏହାଛଡା ବିଦ୍ୟାଳୟର ଉନ୍ନତି ଓ ସୁବର୍ଣ୍ଣ ଜୟନ୍ତୀ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

# ମାମୁଁ ଶଶୁରକୁ ମରଣାନ୍ତକ ଆକ୍ରମଣ କରି ଜ୍ୱାଇଁ ଗିରଫ

ସୋର,୨୧।୬( ସମିସ): ସୋର ଥାନା ଅଞ୍ଜି ଗ୍ରାମରେ ମାମୁଁ ଶଶୁରକୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଜ୍ୱାଇଁକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି।ଅଭିଯୋଗ ଅନୁସାରେ ବାହାନଗା ବ୍ଲକ ଅଠିଳାବାଜ ଗ୍ରାମର ଦୀନବନ୍ଧୁ ଗିରି (୩୭) ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ମରାପିଟା କରିବା ସହିତ ଅକଥନୀୟ ଅତ୍ୟାଚାର କରନ୍ତି। ଏ ବାବଦରେ ତାଙ୍କ ସ୍ତ୍ରୀ ମାମୁଁ ଅଞ୍ଜି ଗ୍ରାମର ରାଜେନ୍ଦ୍ର ନାୟକଙ୍କୁ ଜଣାଇବା ପରେ ରାଜେନ୍ଦ୍ର ତାଙ୍କୁ ଘରକୁ ନେଇ ଆସିଥିଲେ। ଫଳରେ ଗତକାଲି ରାତିରେ ଦିନବନ୍ଧୁ ଅଞ୍ଜି ଛକରେ ପହଞ୍ଚି ରାଜେନ୍ଦ୍ରଙ୍କ ସହିତ ଝଗଡା କରିବା ସହିତ ଗଣ୍ଡଗୋଳ କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ବୁଝାସୁଝା କରିବା ପରେ ଦୀନବନ୍ଧୁ ସେଠାରୁ ଚାଲି ଯାଇଥିଲା। ପରେ ପୁଣି ଭୁଜାଲି ଏବଂ ଖଣ୍ଡା ଧରି ରାଜେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରାଜେନ୍ଦ୍ର ଗୁରୁତର ଆହତ ହୋଇଥିଲେ।ସ୍ଥାନୀୟ ଲୋକେ ଦୀନବନ୍ଧୁଙ୍କୁ ଅଟକ ରଖି ସୋର ପୁଲିସ କୁ ହସ୍ତାନ୍ତର କରିଥିଲେ।ମେଡିକାଲରୁ ଚିକିତ୍ସିତ ହୋଇ ରାଜେନ୍ଦ୍ର ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଦୀନବନ୍ଧୁକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ପୁଲିସ ତା ନିକଟରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଏବଂ ଭୁଜାଲିକୁ ଜବତ କରିଛି।

# ଆତଙ୍କିଙ୍କ ଦ୍ୱାରା ନିହତ ପ୍ରଶାନ୍ତ ଶତପଥୀଙ୍କ ପତ୍ନୀଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର,୨୧।୬(ସମିସ): ବାଲେଶ୍ୱର ଜିଲ୍ଲାପାଳ ସଦ୍‌ଭାବନା ଗୃହରେ ଶନିବାର ସାମାଜିକ ତଥା ସଂସ୍କୃତିକ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ତରଫରୁ ବାଲେଶ୍ୱରର ପେହେଲଗାଁ ମାଟିରେ ଆତଙ୍କୀ ଦ୍ୱାରା ନିହତ ପ୍ରଶାନ୍ତ ଶତପଥୀଙ୍କ ସହଧର୍ମିନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳଙ୍କ ତରଫରୁ ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ଓ ବିଶିଷ୍ଟ ଶିଳ୍ପପତି ସଂଗ୍ରାମ ଦାସ, ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବାବେଳେ କବି କାଳିପଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବ ଆଲୋକ କୁମାର ପଣ୍ଡା ଓ ମାନସ ଚନ୍ଦ୍ର ରଥଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂର୍ଯ୍ୟକାନ୍ତ କର, ଅର୍ବାନ କୋପାରେଟିଭ ବ୍ୟାଙ୍କ ସଭାପତି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିବା ପୂର୍ବକ ପୁଷ୍ପଗୁଚ୍ଛ ଦେଇ ଆମନ୍ତ୍ରଣ କରିଥିଲେ। ସର୍ବଶେଷରେ ବିଜୟ କୁମାର ଦାଶ ଅଧିକାରୀ ସମସ୍ତ ଅତିଥି ଏବଂ ଉପସ୍ଥିତ ପୋଲିସ, ଏୟାର ଫୋର୍ସ, ନେଭିର ଅବସରପ୍ରାପ୍ତ ସୈନିକ,ମାରୱାଡି ଯୁବମୋର୍ଚ୍ଚା, ବାଲେଶ୍ୱର କ୍ରିକେଟ ଆସୋସିଏସନ, ଜିଲ୍ଲା ମହିଳା ମୋର୍ଚ୍ଚା, ସଂଖ୍ୟାଲଘୁ ସଂଗଠନ ଓ କଳାକାର ସଙ୍ଗଠନର ସଦସ୍ୟଙ୍କ ସମେତ, ଅବସରପ୍ରାପ୍ତ ମେରାଇନ ଅଫିସର ଓ ବହୁ ମାନ୍ୟଗନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଶ୍ରଦ୍ଧାପୁର ପଞ୍ଚାୟତରେ ଭ୍ରାମ୍ୟମାଣ ଅଦାଲତ

ଚନ୍ଦନେଶ୍ୱର,୨୧।୬(ସମିସ)



ଭୋଗରାଇ ବ୍ଲକ୍ ଶ୍ରଦ୍ଧାପୁର ପଞ୍ଚାୟତରେ ଗତ ଶୁକ୍ରବାର ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଏହି ଅଦାଲତରେ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟ ତଥା ଜେଏମ୍ଏଫ୍‌ସିର ନ୍ୟାୟଧିକାରିଣୀ ମଧୁସ୍ମିତା ମହାପାତ୍ର ଅଧ୍ୟକ୍ଷତା କରି ବାଦି ପ୍ରତିବାଦୀଙ୍କର ବିଚାର କରିଥିଲେ। ସରକାରୀ ଓକିଲ ମୃତ୍ୟୁଞ୍ଜୟ ପ୍ରଧାନ, ମୁଦାଲାଙ୍କ ତରଫରୁ ଓକିଲ ଜୟକୃଷ୍ଣ ମହାନ୍ତି ପେସ୍‌କାର ଅବିନାଶ ସେନାପତି, ଖାରବେଳ ପଟ୍ଟାୟତ ପ୍ରମୁଖ ଉପସ୍ଥିତ ରହି ନ୍ୟାୟଧିକାରିଣୀଙ୍କୁ ନ୍ୟାୟ ପ୍ରଦାନରେ ସହଯୋଗ କରିଥିଲେ। ଏହି ଅଦାଲତରେ ଆଜି ୭ଟି ଫୌଜଦାରୀ ମୋକଦ୍ଦମା ବିଚାର ହୋଇଥିବା ବେଳେ ତିନିଟି ମୋକଦ୍ଦମା ଫଇସଲା ହୋଇଥିଲା। ଏହି ଗ୍ରାମ୍ୟ ନ୍ୟାୟାଳୟ ଦ୍ୱାରା ଗାଁ ଗହଳିର ଦୁର୍ବଳ ଓ ସାଧାରଣ ଶ୍ରେଣୀର ଲୋକଙ୍କୁ ସେମାନଙ୍କ ଘର ପାଖରେ ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବାର ଲକ୍ଷ୍ୟ ରଖି ଉକ୍ତ କାର୍ଯ୍ୟକ୍ରମ କରାଯାଇଛି ବୋଲି ନ୍ୟାୟଧିକାରିଣୀ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ସମୟରେ ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚ ପ୍ରତ୍ୟାଶା ପାତ୍ର, ସମିତି ସଦସ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, ସମାଜସେବୀ ଚନ୍ଦନ କୁମାର ପାତ୍ର, ନାଏବ ସରପଞ୍ଚ ନୀଳକଣ୍ଠ ପାତ୍ର ପ୍ରମୁଖ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ପ୍ରେମରେ ତିକ୍ତତା; ଓଢ଼ଣୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ହାଟଡ଼ିହୀ,୨୧।୬(ସମିସ): ନନ୍ଦିପଦା ଥାନା ମରେିଗାଁ କେନାଲ ପାଖ ମଶାଣି ପଡ଼ିଆରେ ଥିବା ଏକ ଆମ୍ବ ଗଛରେ ଜଣେ ବିବାହିତା ମହିଳା ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମହିଳା ଜଣଙ୍କ ଘର ଆନନ୍ଦପୁର ଥାନା ମୋଚିନ୍ଦା ଗ୍ରାମର ଅନନ୍ତ ଯେନାଙ୍କ ଝିଅ ସୁନିତା ଜେନା(୨୬)। ୩ବର୍ଷ ପୂର୍ବରୁ ଭଦ୍ରକ ଜିଲ୍ଲା ବନ୍ତ ଥାନା ବସନ୍ତିଆ ଗ୍ରାମର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଉକ୍ତ ମହିଳାଙ୍କ ସହିତ ମରେିଗାଁ ଗ୍ରାମର ଘନଶ୍ୟାମ ମହାନ୍ତିଙ୍କ ପୁଅ ମାନସଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିବାରୁ ସେ ତାଙ୍କ ସହ ତାମିଲନାଡୁ ପଳେଇଥିଲେ। ସେଠାରେ ଉଭୟ ସ୍ୱାମୀ-ସ୍ତ୍ରୀ ଭାବେ ରହି ଆସୁଥିଲେ। କିଛିଦିନ ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ତିକ୍ତତା ଉପୁଜିବ ମରେିଗାଁ ନିକଟ କେନାଲ ନିକଟରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସେଠାରୁ ଗୋପ ଗ୍ରାମର ସରାଗ ବିଶ୍ୱାଳ ଓ ବେତୀରା ଗ୍ରାମର ଦୀପକ ପଣ୍ଡା ଉଦ୍ଧାର କରି ପୁଲିସ ଜିମା ଦେଇଥିଲେ। ପରେ ଉକ୍ତ ମହିଳାଙ୍କ ସହ ମରେିଗାଁ ଗ୍ରାମର ଚୈତନ୍ୟ ଜେନାଙ୍କ ପୁଅ ମାନସଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୁନିତା ଆଜି ଅପରାହ୍ଣରେ ନିଜ ଓଢ଼ଣୀକୁ ଏକ ଆମ୍ବ ଗଛରେ ବାନ୍ଧି ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଥାନାଧିକାରୀ ରବିନ୍ଦ୍ର ପାତ୍ର ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇବା ସହ କେସ ନଂ ୯/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ଚମ୍ପୁଆ ଗସ୍ତକଲେ ଦେବୋତ୍ତର ଅତିରିକ୍ତ କମିଶନର

ଚମ୍ପୁଆ, ୨୧।୬(ସମିସ)

ଦେବୋତ୍ତର ବିଭାଗର ଅତିରିକ୍ତ ସହକାରୀ କମିଶନର ବିକାଶ ଗୋୟେଲ ଚମ୍ପୁଆ ଗସ୍ତ କରିଛନ୍ତି। ଚନ୍ଦ୍ରଶେଖର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ନିକଟସ୍ଥ ଦେବତ୍ତୋର ବିଭାଗରେ ଯାଉଥିବା ଦଧିବାମନଜୀଉ ମନ୍ଦିର ପରିଦର୍ଶନ କରିବା ସହିତ ନିର୍ମାଣାଧୀନ ରଥ ଓ ମନ୍ଦିର ପରିବେଶର ଉନ୍ନତି, ମନ୍ଦିର ପରିଶରରେ ମଣ୍ଡପ ନିର୍ମାଣ ସହିତ ଆନୁଷଙ୍ଗିକ ଉନ୍ନତି କିପରି କରାଯାଇପାରିବ ସେନେଇ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡାଙ୍କ ସହ ଆଲୋଚନା କରିଥିଲେ। ପରେ ଶ୍ରୀ ଗୋୟେଲ ଦଧିବାମନଜୀଉଙ୍କର ପଳଶା ଗ୍ରାମରେ ଥିବା ୨୦ ଏକରରୁ ଉର୍ଦ୍ଧ୍ୱ



ଜମିର ଉନ୍ନତି କରଣ ଆଦି ବୁଲି ଦେଖିଥିଲେ। ଏପରିକି ଭବିଷ୍ୟତକୁ ଆଖି ଆଗରେ ରଖି ସ୍ଥାନୀୟ ଉପଜିଲାପାଳଙ୍କ ପ୍ରଚେଷ୍ଟାରେ ଏହି ଜମିରେ କରାଯାଇଥିବା ଆମ୍ବ ବଗିଚା ଏବଂ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିବା ସହିତ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ପଳଶା ଗ୍ରାମରେ ଶ୍ରୀ ଗୋୟେଲଙ୍କୁ ସ୍ଥାନୀୟ ଗ୍ରାମବାସୀ ସ୍ୱାଗତ କରିଥିଲେ। ସ୍ଥାନୀୟ ଅଧିବାସୀମାନେ ଉପଜିଲାପାଳଙ୍କ ପ୍ରଚେଷ୍ଟାରେ ଦଧିବାମନଜୀଉଙ୍କ ଉନ୍ନତି କରଣ ବିଷୟରେ କମିଶନରଙ୍କୁ ସୂଚନା ଦେବା ସହିତ ଏକ କୀର୍ତ୍ତନ ମଣ୍ଡପ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ଏପରିକି ଶ୍ରୀଜୀଉଙ୍କ ଜମିର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମବାସୀଙ୍କୁ ବହନ କରିବା ସହିତ ଉକ୍ତ ଜମିରେ ଥିବା ଏକ ବିରାଟ ପୋଖରୀରେ ମାଛ ଚାଷ ସହିତ ଆମ୍ବ ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଆଦି ଚାଷ କରାଯାଇ ଗ୍ରାମବାସୀଙ୍କୁ ସ୍ୱାବଲମ୍ବନ କରାଯିବ ବୋଲି ଉପଜିଲାପାଳ ଶ୍ରୀ ପରିଡା ସୂଚନା ଦେଇଥିଲେ।

## ସାତ ଦିନ ପାଇଁ ଉଠାଦୋକାନୀଙ୍କୁ ବନ୍ଦ ନିର୍ଦ୍ଦେଶ

ବଡ଼ବିଲ, ୨୧।୬(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରପାଳିକାରେ ଥିବା ଖାଦ୍ୟ ଓ ପାନୀୟ ତିଆରି କରୁଥିବା ଉଠା ଦୋକାନୀ ମାନଙ୍କୁ ସାତ ଦିନ ପାଇଁ ବନ୍ଦ କରିବାକୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଗତ କିଛି ଦିନ ଧରି ଓଡ଼ିଶାର ବିଭିନ୍ନ ଅଂଚଳରେ ହଇଜା ରେ ଶହ ଶହ ଲୋକ ଆକ୍ରାନ୍ତ ହୋଇ ଥିବାର ଦେଖିବାକୁ ମିଳୁଛି ତେଣୁ ଏହାକୁ ଦୃଷ୍ଟିରେ ରଖି ବଡ଼ବିଲ ପୌରପାଳିକାର ନିର୍ଦ୍ଦେଶକ୍ରମେ ଏହାର ନିରାକରଣ ନିମନ୍ତେ ମ୍ୟୁନିସିପାଲଟିର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏମଇ ପୂର୍ଣଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରି ବଡ଼ବିଲ ସହରରେ ଥିବା ଦୁଇଶହରୁ ଅଧିକ ଉଠା ଦୋକାନୀଙ୍କୁ କଡାକଡି ଭାବେ ବନ୍ଦ ରଖିବାକୁ କହିଛନ୍ତି।

## ରକ୍ତଦାନ ଶିବିରରୁ ୧୦୬ ୟୁନିଟ ସଂଗ୍ରହ




କେନ୍ଦୁଝର, ୨୧।୬(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ରିଜିଓନାଲ ବିଜିନେସ କାର୍ଯ୍ୟାଳୟ ପକ୍ଷରୁ ୧୭ତମ ପ୍ରତିଷ୍ଠା ଦିବସରେ ଏକ ରକ୍ତଦାନ ଶିବିର ଅଗ୍ରଣୀ ଅନୁଷ୍ଠାନ ଲାଇଫ ସେଭର୍ସ ଗ୍ରୁପ ସହଯୋଗରେ ଆୟୋଜିତ ହୋଇଯାଇଛି। ଏଥିରେ ୧୦୬ ୟୁନିଟ ରକ୍ତ ସଂଗୃହୀତ ହୋଇ ଜିଲ୍ଲା ରକ୍ତକେନ୍ଦ୍ରକୁ ପଠାଯାଇଛି। ଆଞ୍ଚଳିକ ମ୍ୟାନେଜର କମଳ ଲୋଚନ ଷଡ଼ଙ୍ଗୀ ଏହି ଶିବିରକୁ ଉଦଘାଟନ କରିଥିଲେ। ମହେଶ୍ୱର ସାହୁ ସିଏମ ଓପିଏସ, ସତ୍ୟନାରାୟଣ ମାଝୀ ସିଏମ କ୍ରେଡିଟ, ଲିପିନେକ୍ସ ନାୟକ ମ୍ୟାନେଜର ଏଚଆର, ନିତ୍ୟାନନ୍ଦ ସେଠୀ, ଆସୋସିଏଟ ଏଚଆର ଶିବିର ପରିଚାଳନା କରିଥିବା ବେଳେ ଲାଇଫ ସେଭର୍ସ ଗ୍ରୁପର ସଂଜୀବ ସାହୁ, ମନୋଜ ମାଝୀ, ଯୁଧିଷ୍ଠିର ମହାନ୍ତ, ବିଦ୍ୟାଧର ମହାନ୍ତ, ଡୋରା ମହାନ୍ତ, ରତିକାନ୍ତ ନାୟକ, ଚନ୍ଦ୍ରସେନ ମହାନ୍ତ, ଅମ୍ବିକା ସାହୁ, ସତ୍ୟନାରାୟଣ ମହାନ୍ତ, ରଘୁନାଥ ମହାନ୍ତ, ବବିତା ରାମ, ରଂଜିତା ସୋରେନ, ପ୍ରଜ୍ଞା ଆପଟ, ମଧୁସ୍ମିତା ମହାନ୍ତ, ଛବିରାଣୀ ମହାନ୍ତ, ସସ୍ମିତା ମହାନ୍ତ, ରଂଜିତା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ପ୍ରତୀକ ସାହୁ, ପିଆରଓ ଅକ୍ଷୟ ସାହୁ, କବିତା ସେଠୀ, ଗୌରୀ ମଲ୍ଲିକ, ତପନ ନାୟକ, ସିଦ୍ଧାର୍ଥ ମହାନ୍ତ, ଶଙ୍କର ନାୟକ, ଦେବାଶିଷ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

● ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ବିରୋଧ

## ସଭାସ୍ଥଳକୁ ଧସେଇ ପଶିଲେ ଜିନ୍ଦଲ ପ୍ରତିରୋଧ ମଞ୍ଚ ସଦସ୍ୟ

ତୁରୁମୁଙ୍ଗା, ୨୧।୬(ସମିସ): ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତରେ ବିକାଶ ବାହନକୁ ବିରୋଧ କରିଛି ଜିନ୍ଦଲ ପ୍ରତିରୋଧ ମଞ୍ଚ। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ପ୍ରତି ପଞ୍ଚାୟତକୁ ଯାଇ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖକୁ ପହଞ୍ଚାଉଛି। ଶନିବାର ବିଶେଇପାଟ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଆସିବା ସମୟରେ ଜିନ୍ଦଲ ପ୍ରତିରୋଧ ମଞ୍ଚ ପକ୍ଷରୁ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଲୋକ ବିରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରି ସଭାସ୍ଥଳକୁ ଧସେଇ ପଶିଥିଲେ। ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ହେଲେ ଚେମେଣା ଓ ଯମୁନାପଶି ପଞ୍ଚାୟତର ୧୨ଟି ଗ୍ରାମର ଗ୍ରାମବାସୀ




ପ୍ରସ୍ତାବିତ ହେବେ। ସରକାର ଜିନ୍ଦଲ ଓ ପୋସ୍କୋ ସହ କରିଥିବା ଏମ୍‌ଓୟୁକୁ ବାତିଲ କରିବା ସହ ଚାଷ ଜମିରେ ଷ୍ଟିଲ ପ୍ଲାଣ୍ଟ ବନ୍ଦ କରିବା ଦାବି କରିଥିଲେ। ଚାଷ ପୋଯୋଗି ମୂଲ୍ୟବାନ ଜମିକୁ ଜିନ୍ଦଲକୁ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ପାଇଁ ସରକାର ଟେକି ଦେବାକୁ ମସୁଧା କରୁଥିବା ବେଳେ ଏହା ଚାଷୀଙ୍କ ପାଇଁ ବିକାଶ ରଥ ଉପହାସ ଓ ବିନାଶ ହୋଇଥିବା ବେଳେ ବିକାଶ କେଉଁଠି ହେଲା ବୋଲି ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ପ୍ରଶ୍ନ କରିଛନ୍ତି। ଷ୍ଟିଲ ପ୍ଲାଣ୍ଟ ନିର୍ମାଣରୁ ନଓହରିଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବାର ଚେତାବନୀ ଦେଇ ବିଡ଼ିଓ ମାନସ ଦଣ୍ଡପାଟ ଓ ତହସିଲଦାର ଅଶ୍ୱିନୀ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଚମ୍ପୁଆରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ

ଚମ୍ପୁଆ, ୨୧।୬(ସମିସ): ଦୀର୍ଘ ବର୍ଷରେ ଚେଷ୍ଟା ପରେ ବହୁ ପ୍ରତିକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ ଚମ୍ପୁଆରେ ଖୋଲିବ ବୋଲି ଉପଜିଲାପାଳ ଉମାକାନ୍ତ ପରିଡ଼ା ସୂଚନା ଦେଇଛନ୍ତି। ଏହି କେନ୍ଦ୍ରୀୟ ବିଦ୍ୟାଳୟ ୧ ମାସ ମଧ୍ୟରେ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ କାର୍ଯ୍ୟକ୍ଷମ କରାଯିବ ବୋଲି ଜଣାଯାଇଛି। ସୂଚନା ଅନୁସାରେ, ୨୦୧୬ରେ ଚମ୍ପୁଆ ଏନଏସି ୧୩ ନଂ ୱାର୍ଡ ରାମଲାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଦାବି ହୋଇଆସୁଥିଲା। ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଅସ୍ଥାୟୀ ଭାବେ ବିଦ୍ୟାଳୟ କାର୍ଯ୍ୟକାରୀ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ଓ ଆନୁଷଙ୍ଗିକ ବ୍ୟବସ୍ଥା ତତ୍କାଳୀନ ଉପଜିଲ୍ଲାପାଳଙ୍କ ଦ୍ୱାରା କରାଯାଇ ରାମଲାଠାରେ ବିଦ୍ୟାଳୟ ପାଇଁ ପ୍ରାଥମିକ ସ୍ତରରେ ଜମିର କିସମ ପରିବର୍ତ୍ତନ କରାଯାଇଥିଲା। ମାତ୍ର ପର ମୁହୂର୍ତ୍ତରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାନ ଯଥେଷ୍ଟ ହେଉ ନଥିବାରୁ କେଭି ସଂଗଠନ ପକ୍ଷରୁ ଅବଗତ ପରେ ବିଦ୍ୟାଳୟ ଖୋଲିବା ନେଇ ଆଶା ମଉଳି ଯାଇଥିଲା। ଏପରିକି ଏହି ବିଦ୍ୟାଳୟ କାଳିକାପ୍ରସାଦ ସ୍ଥାନାନ୍ତରିତ ହେବାର ସମ୍ଭାବନା ରହିଥିବାରୁ ଚମ୍ପୁଆବାସୀଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟ ଚମ୍ପୁଆଠାରେ ଖୋଲାଯାଉ ଦାବି ନେଇ ଦିନିକିଆ ଚମ୍ପୁଆ ବନ୍ଦ ଡକରା ଦିଆଯାଇଥିଲା। ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକ ଜମି ଯୋଗାଇ ଦିଆଯିବା ସହିତ ଚମ୍ପୁଆ ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ହେବ ବୋଲି ଜଣାପଡିଥିବା ବେଳେ ଅସ୍ଥାୟୀ ବିଦ୍ୟାଳୟର ଆନୁଶାଙ୍ଗିକ ବ୍ୟବସ୍ଥା ସଜାଡିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ସଫେଇ

କେନ୍ଦୁଝର,୨୧।୬(ସମିସ): ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତରଙ୍କ ପରାମର୍ଶକ୍ରମେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ରଥଯାତ୍ରା ପାଇଁ ସିଦ୍ଧମଠ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଳିଆ ଆବର୍ଜନା ସଫାସୁତୁରା କରାଯାଇଥିଲା। ସମିତି ଉପସଭାପତି ସନାତନ ମହାରଣା, ସମ୍ପାଦକ ବ୍ରଜକିଶୋର ଓଝା, ଯୁଗ୍ମସମ୍ପାଦକ ସୌରେନ୍ଦ୍ରନାଥ ମହାରଣା, କୋଷାଧ୍ୟକ୍ଷ ମନୋଜ ଓଝା, ସଂଯୋଜକ କୀର୍ତ୍ତନ ବିହାରୀ ଓଝା ସମେତ ଅନ୍ୟାନ୍ୟ ସଦସ୍ୟ ସାମିଲ ହୋଇଥିଲେ। ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସମିତିର ଉପସଭାପତି ସନାତନ ମହାରଣା ପ୍ରକାଶ କରିଛନ୍ତି।

## 'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାରେ କୁସୁମିତା

### ଭିତ୍ତିପ୍ରସ୍ତର ଦେଲେ ପ୍ରଧାନମନ୍ତ୍ରୀ

କେନ୍ଦୁଝର, ୨୧।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂରଣ ଉପଲକ୍ଷେ ରାଜ୍ୟସ୍ତରୀୟ ସମାରୋହରେ ଯୋଗ ଦେଇ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଏବଂ ଯୋଜନାର ଲୋକାର୍ପଣ କରିଥିବା ବେଳେ ରାଜ୍ୟର ବରପୁତ୍ରମାନଙ୍କ ସମ୍ମାନାର୍ଥେ ସେମାନଙ୍କ ଜନ୍ମସ୍ଥଳୀର ଉନ୍ନତିକରଣ ପାଇଁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ କେନ୍ଦୁଝରର ଗର୍ବ ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥଳୀ କୁସୁମିତାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉପର କୁସୁମିତାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ, କୁସୁମିତା ଗ୍ରାମବାସୀ ଓ ଭୂୟାଁ ସାଂସ୍କୃତିକ ସଂଗଠନର କାର୍ଯ୍ୟକର୍ତ୍ତା ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଭୁବନେଶ୍ୱର କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

## ନିଆରା ରଜ ବାଟୁଆ ପରମ୍ପରା

ରାମଚନ୍ଦ୍ରପୁର,୨୧।୬(ସମିସ): ଘସିପୁରା ବ୍ଲକ ଅଳତିରେ ରଜ ଉତ୍ସବ ପାଳନର ମଜା ନିଆରା। ଚାରିଦିନ ଧରି ମହୋତ୍ସବ ପାଳନ ପରେ ରଜ ବାଟୁଆ ବା ବିଦାୟୀ ଉତ୍ସବ କରାଯାଇଥାଏ। ସନ୍ଧ୍ୟାରେ ଗାଁ ମୁଣ୍ଡରେ ବାଜା ବାଣ ସହ ବର କନିଆଁ ଲୋକଙ୍କ ମେଳରେ ବାହାରିଥାନ୍ତି। ଗାଁ ଯୁବକଙ୍କ ମଧ୍ୟରୁ ଜଣେ ବର ଆଉ ଜଣେ ବୋହୂ ବେଶରେ ସଜ୍ଜିତ ହୋଇ ସ୍ୱତନ୍ତ୍ର ପାଲିଙ୍କିରେ ବସି ବରଯାତ୍ରୀ ଓ ବନ୍ଧୁବାନ୍ଧବ ସହ ବାଜା ବାଣ ରୋଶଣୀରେ ଗ୍ରାମ ପରିକ୍ରମା କରିବା ସହ ବାରିକ, ବ୍ରାହ୍ମଣ ଜ୍ୟୋତିଷଙ୍କ ଉପସ୍ଥିତିରେ ଛକ ଛକରେ ରହି ହୋମ ଯଜ୍ଞରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଇବା ସହ ବୋହୂ ବିଦା ଭଳି ପରମ୍ପରା ବଜାୟ ରଖିଆସିଛନ୍ତି। ସେହିପରି ବଡ଼ପଦନା ଗ୍ରାମରେ ରଜ ବିଦାୟୀ ଉତ୍ସବ ପାଳନ ହୋଇଛି।

## ଶ୍ରମ ବିଭାଗ ପକ୍ଷରୁ ଚଢଉ; ୨ ଶିଶୁ ଶ୍ରମିକ ଉଦ୍ଧାର

ବୈଶିଙ୍ଗା, ୨୧।୬ (ସମିସ): ବୈଶିଙ୍ଗା ଥାନା ଅଧୀନ ବଜାର ସମେତ ଆଖପାଖ ବିଭିନ୍ନ ଗ୍ୟାରେଜ, ଜଳଖିଆ ଦୋକାନ ଓ ହୋଟେଲରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶନିବାର ଚଢଉ କରାଯାଇଥିଲା। ଚଢଉ ସମୟରେ ଦୁଇଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ପାନମଣି ସୋରେନ। ବୈଶିଙ୍ଗା ବଜାର ସ୍ଥିତ ସାହୁ ଫାଷ୍ଟ ଫୁଡରୁ ହିଁ ୨ଜଣଙ୍କୁ ଉଦ୍ଧାର କରାଯାଇଥିବା ସେ କହିଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଚଢଉରେ ଯଶିପୁରର ସହକାରୀ ଶ୍ରମ ଅଧିକାରୀ ସୌମିତ ମହାନ୍ତ ଓ ବିଏଡିସି (ବସ୍ତି ଏରିଆ ଡେଭଲପମେଣ୍ଟ କାଉନସିଲ) ଏନଜିଓର ଏକାଧିକ ମହିଳା କର୍ମଚାରୀ ଏଥିରେ ଭାଗ ନେଇଥିଲେ। ତେବେ ଦୁଇ ଜଣ ଯାକ ଉଦ୍ଧାର ଶିଶୁ ବଡ଼ସାହି ବ୍ଲକ ବଦଲିଗାଁ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ହୋଟେଲ ମାଲିକ ଅଳ୍ପ ବେତନ ଦେଇ କାମ କରାଉଥିବା ନେଇ ଅଭିଯୋଗ ହୋଇଛି। ଆଗାମୀ ଦିନରେ ଚଢଉକୁ ଜୋରଦାର କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି। କ୍ଷ ବିପଦସଂକୁଳ ସ୍ଥିତିରେ ଯଦି କୌଣସି ଶିଶୁ ଶ୍ରମିକ କାମ କରୁଛନ୍ତି ତେବେ ତୁରନ୍ତ ଜିଲ୍ଲା ଶ୍ରମ ବିଭାଗକୁ ସୂଚନା ଦେବାକୁ ସୁଶ୍ରୀ ସୋରେନ ଅନୁରୋଧ କରିଛନ୍ତି।

ସମସ୍ୟାରେ ଦୋଳିପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ

## ବିଜ୍ଞାନ ଓ ହିନ୍ଦୀ ଶିକ୍ଷକ ପଦ ଖାଲି; ପାଠପଢା ବ୍ୟାଘାତ

କପ୍ତିପଦା,୨୧।୬(ସମିସ): ଗ୍ରୀଷ୍ମ ଛୁଟିପରେ ସ୍କୁଲ ଖୋଲିଛି। ଛାତ୍ରଛାତ୍ରୀ ଏବେ ସ୍କୁଲମୁହାଁ; କିନ୍ତୁ ଶିକ୍ଷକ ଅଭାବରୁ ଠିକଭାବେ ଶିକ୍ଷାଦାନ ହୋଇପାରୁନାହିଁ। ସରକାର ସମସ୍ତଙ୍କୁ ଉଚ୍ଚ ଶିକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ଥିବା ମଧ୍ୟ ଇଂରାଜୀ ବିଦ୍ୟାଳୟ ମଧ୍ୟରୁ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ୨୦୧୨ରେ ଉଚ୍ଚ ବିଦ୍ୟାଳୟରେ ପରିଣତ କରିଛନ୍ତି; କିନ୍ତୁ ଦୀର୍ଘ ବର୍ଷ ଅତିକ୍ରମ କରିଥିଲେ ବି କେଉଁଠି ଶ୍ରେଣୀ ଗୃହ ନାହିଁ ତ ଅନ୍ୟ କେଉଁଠି ଭିତ୍ତିଭୂମିର ଅଭାବ ରହିଛି। ଆଉ କେଉଁଠି ଶିକ୍ଷକ ନାହାନ୍ତି। ସେହିଭଳି ପ୍ରଥମରୁ ଦଶମ ଶ୍ରେଣୀ ଥାଇ କିରାଣୀ କିମ୍ବା ପିଅନଟିଏ ମଧ୍ୟ ନାହାନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ରାମଚନ୍ଦ୍ରପୁର ପଞ୍ଚାୟତ ଦୋଳିପଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। ପ୍ରକାଶ ଯେ, ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ଦଶମ ଶ୍ରେଣୀଯାଏ ୨୦୧ ଛାତ୍ରଛାତ୍ରୀ ପଢୁଛନ୍ତି; ହେଲେ ୧୦ଟି ଶ୍ରେଣୀର ପିଲା ପାଇଁ ରହିଛି ମାତ୍ର ୭ଟି ଗୃହ। ସବୁଠାରୁ ବଡ଼ ସମସ୍ୟା ହେଉଛି ବିଦ୍ୟାଳୟରେ ପିସିଏମ, ସିବିଜେଡ ଓ ହିନ୍ଦୀ ଶିକ୍ଷକ ନାହାନ୍ତି। ଏ ନେଇ ଅଭିଭାବକ ବାରମ୍ବାର ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଥିଲେ ବି କୌଣସି ଫଳ ମିଳୁନାହିଁ। ଏପରିକି ଏହି ସ୍କୁଲରେ ଖେଳ ପଡିଆ ବି ନାହିଁ। ଏହିସବୁ ସମସ୍ୟା ନେଇ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିବା କହିଛନ୍ତି। ପୂର୍ବ ସରକାର ସମୟରେ ୫-ଟି ଅଧୀନରେ ବିଦ୍ୟାଳୟରେ କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ବିଦ୍ୟାଳୟରେ ୪୦ଜଣ ଆଦିବାସୀ ଛାତ୍ରଙ୍କ ପାଇଁ ଛାତ୍ରାବାସର ବ୍ୟବସ୍ଥା ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଆଉ ଏକ ହଷ୍ଟେଲ କାମ ଚାଲୁ ରହିଛି। ଅଭିଭାବକ ସଞ୍ଚିତା ଧୀର ବିଜ୍ଞାନ ଯୁଗରେ ବିନା ବିଜ୍ଞାନ ଶିକ୍ଷକରେ ପିଲା କି ପାଠ ପଢିବେ ବୋଲି ପ୍ରଶ୍ନ କରିଛନ୍ତି। ଆଦିବାସୀ ପିଲାଙ୍କ ଜୀବନ ସହିତ ସରକାର ଖେଳୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏଠାରେ ଶିକ୍ଷକ ନ ଥିବାରୁ ପିଲାମାନେ ଅନ୍ୟତ୍ର ପଳାଇ ଯାଉଛନ୍ତି। ଫଳରେ ବର୍ଷକୁ ବର୍ଷ ଉପସ୍ଥାନ କମିବାରେ ଲାଗିଛି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟାଳୟର ଏସବୁ ସମସ୍ୟା ପାଇଁ ଦୁଃଖ ପ୍ରକାଶ କରିବା ସହିତ ଆବଶ୍ୟକ ଶିକ୍ଷକ ନିଯୁକ୍ତି ହୋଇପାରି ନ ଥିବାରୁ ପାଠପଢାରେ ସମସ୍ୟା ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଆଗାମୀ ଦିନରେ ଅତିଥି ଶିକ୍ଷକ ଯୋଗାଇ ଦେବାକୁ ଉଦ୍ୟମ କରିବି।

■ ପୁଣି ଅଲୋଡା ନବଜାତ ଶିଶୁ କନ୍ୟା

## କେନାଲ ନିକଟରୁ ମିଳିଲା ମୃତଦେହ

କୁଳିଅଣା,୨୧।୬(ସମିସ): ଆଧୁନିକ ଯୁଗରେ ମଣିଷ ମାନବିକତା ଆଉ ଚିନ୍ତାଧାରା ନାହିଁ। ପୁଅ ଓ ଝିଅ ମଧ୍ୟରେ ସମାନତା ପାଇଁ ସରକାର ବିଭିନ୍ନ ପ୍ରକାରର ଯୋଜନା କରୁଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ବିବାହ ପାଇଁ ପୁଅ ପାଇଁ ଝିଅ ଟିଏ ମିଳୁନି। କିନ୍ତୁ ଏପଟେ ଶିଶୁ କନ୍ୟାକୁ ଅଲୋଡା କରି ଜନ୍ମ ହେବାମାତ୍ରେ ମାରି ଫିଙ୍ଗି ଦେଉଛନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଚାନ୍ଦୁଆ ଥାନା ଅନ୍ତର୍ଗତ ସରଗଛିଡା ପଞ୍ଚାୟତ ଚାଲୁଣିଆ ଗ୍ରାମରେ। ଏକ ନବ ଜାତକ ଶିଶୁ କନ୍ୟାର ମୃତଦେହକୁ ଗ୍ରାମବାସୀ ଦେଖିବା ପରେ ଚାନ୍ଦୁଆ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ଓ ଶିଶୁ ସୁରକ୍ଷା କମିଟି ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ସରକାରୀ ନିୟମ ଅନୁଯାୟୀ ମୃତଦେହକୁ ସଂରକ୍ଷିତ କରି ରଖାଯାଇଛି।

## ସିଭିଲ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର

ବେତନଟୀ, ୨୧।୬(ସମିସ): ବାରିପଦା ସ୍କୁଲ ଅଫ୍ ନର୍ସିଂ ଆଣ୍ଡ କଲେଜ ବେତନଟୀଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଭିଲ ସୋସାଇଟି ବେତନଟୀ ଦ୍ୱାରା ପରିଚାଳିତ ଶିବିରରେ ୧୯ଜଣ ଯୁବକ ଯୁବତୀ ରକ୍ତଦାନ କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରିଣୀ ମିନତି ବିଶ୍ୱାଳ ଶିବିରକୁ ଉଦଘାଟନ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣକୁମାର ଓତା, ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ସିଭିଲ ସୋସାଇଟିର ସଭାପତି ଚୁଡାମଣି ମହାପାତ୍ର, ସାଧାରଣ ସଂପାଦକ ସଚିଦାନନ୍ଦ ମହାନ୍ତିଙ୍କ ସହ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଯତୀନ୍ଦ୍ର ନାଥସାହୁ, ବାସୁଦେବ ନାପିତ, ରାମଚନ୍ଦ୍ର ପଣ୍ଡା, ବିଜୟ କୁମାର ଦ୍ୱିବେଦୀ, ହରେନ୍ଦ୍ର ନାଥ ବାରିକ, ରାଧାକୃଷ୍ଣ ପାତ୍ର, ସହଦେବ ଗିରି, ଦୁର୍ଯ୍ୟୋଧନ ସିଂ ଓ କମଳ ଲୋଚନ କର ପ୍ରମୁଖ ପରିଚାଳନା କରିଥିଲେ। ନର୍ସିଂ ସ୍କୁଲ ଓ କଲେଜର ପରିଚାଳନା ନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତି ଓ ଶିରିଶ ଚନ୍ଦ୍ର ବାରିକ ଏବଂ ଶିକ୍ଷକ, କର୍ମଚାରୀଙ୍କ ସହଯୋଗରେ ଶିବିର ପରିଚାଳନା ହୋଇଥିଲା। ନାରୀନେତ୍ରୀ ମାଧବୀ ସେନାପତି, ସଠିଲୋ ପଞ୍ଚାୟତ ସମିତି ସଭ୍ୟ କିଶୋର କୁମାର ନାୟକ, ବାରିପଦାର ଅମର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରାର ଶେଷ ପ୍ରସ୍ତୁତି ବୈଠକ

# ଶାନ୍ତିଶୃଙ୍ଖଳା ଓ ସଂକ୍ରମଣ ମୁକାବିଲାକୁ ଗୁରୁତ୍ୱ

ବାରିପଦା, ୨୧।୬(ସମିସ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ରଥଯାତ୍ରା ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଭକ୍ତଙ୍କ ସୁରକ୍ଷା ସହିତ ସଂକ୍ରମଣ ରୋକିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପରିଷ୍କାର ପରିଚ୍ଛନ୍ନ ପ୍ରତି ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ଏବଂ ଆଡପ ମଣ୍ଡପ ଦର୍ଶନ ନୀତିକାନ୍ତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବାକୁ ପ୍ରସ୍ତୁତି କରାଯାଇଛି। ରଥଯାତ୍ରାକୁ ସଫଳ କରିବା ନେଇ ବ୍ୟାପକ ପ୍ରସ୍ତୁତି ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ୱାଟକୋ, ପୌର ପରିଷଦ ଓ ସ୍ୱାସ୍ଥ୍ୟ ବିଭାଗକୁ ଗୁରୁ ଦାୟିତ୍ୱ ଦିଆଯାଇଛି। ମେଲେରିଆ, ଡେଙ୍ଗୁ, ହଇଜା ଓ କାମଳ (ଜଣ୍ଡିସ) ରୋଗ ପ୍ରତି ସତର୍କତା ଅବଲମ୍ବନ କରିବାକୁ ମନ୍ତ୍ରୀ ଡା.ମହାପାତ୍ର



ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସହରକୁ ୨୪ ଘଣ୍ଟିଆ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ନାଳନର୍ଦ୍ଦମାଗୁଡିକ ସଫେଇ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଚୋରି ଛିନତାଇ ଭଳି ଅଘଟଣକୁ ରୋକିବା ପାଇଁ ଆବଶ୍ୟକ ସିସି କ୍ୟାମେରା ବ୍ୟବସ୍ଥା କରିବା ସହିତ ରଥଯାତ୍ରାରେ ଶାନ୍ତି ଶୃଙ୍ଖଳା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ବଡ଼ଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା, ରାଥଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା, ହେଟେଲ ଓ ଜଳଖିଆ ଦୋକାନୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ପରୀକ୍ଷା ଓ ଯାଂଚ ବ୍ୟବସ୍ଥା, ବଡ଼ଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରୟ ଉପରେ ନିଷେଧ, ରଥଟଣା ସମୟରେ ସିସିଟିଭି ବ୍ୟବସ୍ଥା ଉପରେ ସବିଶେଷ ଆଲୋଚନା କରିଛନ୍ତି। ଏହାବ୍ୟତୀତ ବଡଦାଣ୍ଡରେ ଜଗନ୍ନାଥ ସଂସ୍କୃତି ଉପରେ ଧାରା ବିବରଣୀ, ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ସୋସିଆଲ ମିଡିଆ, ଫେସବୁକ ଓ ୟୁଟ୍ୟୁବ ମାଧ୍ୟମରେ ରଥଯାତ୍ରା ସିଧା ପ୍ରସାରଣ କରାଯିବା ନେଇ ସିଦ୍ଧାନ୍ତ ଗ୍ରହଣ କରାଯାଇଛି।

ରଥଯାତ୍ରା ଭିଡକୁ ଲକ୍ଷ୍ୟରଖି ଶାନ୍ତି ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରିବାକୁ କୁହାଯାଇଛି। ମହିଳାମାନେ ସୁଭଦ୍ରା ରଥ ଟାଣିବାର ପରମ୍ପରାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଛି। ପର୍ଯ୍ୟାପ୍ତ ପରିମାଣର ମହିଳା ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଛି। ରଥଦାଣ୍ଡର ମରାମତି କରିବା ସହିତ ରଥ ଗଡିବା ଉପରେ ସବିଶେଷ ଆଲୋଚନା ହୋଇଥିଲା। ସେହିପରି ଏଥର ଦୋଳି ଓ ମୀନାବଜାର ଭଳି ମନୋରଞ୍ଜନଧର୍ମୀ ବ୍ୟବସାୟକୁ ଅନୁମତି ଦିଆଯିବାର ନିଷ୍ପତି ହୋଇଛି। ଏନ୍‌ଜିଓ ଓ ସରକାରୀ ସ୍ତରରେ ପାନୀୟ ଜଳ ବ୍ୟବସ୍ଥା ସହିତ ପ୍ରଶାସନିକ ସ୍ତରରେ ଏହାର ତଦାରଖ ପୂର୍ବକ ଆବଶ୍ୟକ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ବଡ଼ଦାଣ୍ଡକୁ ମାଡି ଆସିଥିବା ଦୋକାନୀଙ୍କୁ ନୋଟିସ ଜରିଆରେ ଆଗୁଆ ସୂଚନା ପ୍ରଦାନ ପରେ ଜବରଦଖଲ ଉଚ୍ଛେଦ କରିବାକୁ କୁହାଯାଇଛି। ରଥଯାତ୍ରାକୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ପରାମର୍ଶ ଦେଇଛନ୍ତି। ଆଲୋଚନାରେ ଆକାଶବାଣୀ ବାରିପଦାର କେନ୍ଦ୍ର ନିର୍ଦ୍ଦେଶକ, ବାରିପଦା ବାର ଆସୋସିଏସନ, ଗଣମାଧ୍ୟମ, ବସମାଲିକ ସଂଘ, ସ୍ୱେଚ୍ଛାକୃତ ରକ୍ତଦାନ ସଂଘ, ସେବାୟତ ଓ ରଥ ମହାପାତ୍ର ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏସପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ବିଭୂତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର ଆଚାର୍ଯ୍ୟ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ବାରିପଦା ଉପଜିଲ୍ଲାପାଳ ତଥା ଦେବୋତର ଅଧିକାରୀ ଡ.ଦୟାସିନ୍ଧୁ ପରିଡାଙ୍କ ସହିତ ଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର ଓ ରାଧାମୋହନ ମନ୍ଦିରର ପରିଚ୍ଛା, ପୁରୋହିତ, ସମସ୍ତ ପୂଜକ, ଦେବତୋର ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମଣନ୍ଦାରେ ବାଦୀପାଲା

ବାଲିବନ୍ଧ, ୨୧।୬(ସମିସ): ଝୁମ୍ପୁରା ବ୍ଲକ ଚଉଠିଆ ପଞ୍ଚାୟତ ମଣନ୍ଦା ଗ୍ରାମର ସତ୍ୟନାରାୟଣ ପାଲା କମିଟି ଆନୁକୂଲ୍ୟରେ ୪୨ତମ ରଜ ମହୋତ୍ସବ ସହ ବାଦି ପାଲା ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମଧ୍ୟ ଭାଗରେ ବାକ୍ସ ଏବଂ ପଟା ଦୋଳିର ଆୟୋଜନ କରାଯାଇଥଲା। ଆଧାତ୍ମିକ ପରିବେଶରେ ୩ ରାତି ଧରି ବାଦିପାଲା ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର ସୁନାମଧନ୍ୟ ଗାୟକ ପରେଶଚନ୍ଦ୍ର ଗିରି ଏବଂ କେନ୍ଦୁଝର ଜିଲ୍ଲାର ସୁଫଳ କୁମାର ବେହେରା ପାଲା ପରିବେଷଣ କରିଥିଲେ। ଆନନ୍ଦମାର୍ଗର କଥାବାଚକ କାହ୍ନୁଚରଣ ବେଉରା ଏବଂ ପ୍ରମୋଦ ସାହୁଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମର ପିଲାଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ସତ୍ୟନାରାୟଣ ପାଲା ଅନୁଷ୍ଠାନର ସଭାପତି ସୁରେଶଚନ୍ଦ୍ର ବେଣ୍ଟକାର, ସମ୍ପାଦକ ହେମନ୍ତ ବେଣ୍ଟକାର, ସହସମ୍ପାଦକ ପତ୍ରବନ୍ଧୁ ବେଣ୍ଟକାର, ଉପସଭାପତି ତପନ କୁମାର ବେଣ୍ଟକାର, କୋଷାଧକ୍ଷ ଦୁଃଶାସନ ବେଣ୍ଟକାର, ରଞ୍ଜନ ବେଣ୍ଟକାର, ଜଗବନ୍ଧୁ ବେଣ୍ଟକାର, କୈଳାଶ ବେଣ୍ଟକାରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କତା

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ମୌସୁମୀ ଦ୍ରୁତଗତିରେ ଉତ୍ତର ଭାରତରେ ବ୍ୟାପୀବାରେ ଲାଗିଛି। ଶୁକ୍ରବାର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର କିଛି ସ୍ଥାନରେ ମୌସୁମୀ ପହଞ୍ଚିଛି। ସାରା ଦେଶରେ ମୌସୁମୀ ତା'ର ଏଣ୍ଟ୍ରି ମାରିସାରିଛି। ଏବେ କେବଳ ଦିଲ୍ଲୀ, ହାରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବରେ ମୌସୁମୀ ପହଞ୍ଚିବା ବାକି ରହିଛି। ରାଜସ୍ଥାନର ୫୦ ପ୍ରତିଶତ ସ୍ଥାନରେ ମୌସୁମୀ ପହଞ୍ଚି ସାରିଛି। ଦେଶର ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଅଗାମୀ ଗୋଟିଏ ଦିନ ମଧ୍ୟରେ ହିମାଚଳ, ଉତ୍ତରାଖଣ୍ଡ, ଗୁଜରାଟ, ବିହାର, ଆସାମ, ମେଘାଳୟ, ହାରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କୋଙ୍କଣ- ଗୋଆରେ ବର୍ଷା ହେବାର ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜସ୍ଥାନ, ପଞ୍ଜାବ, ତେଲଙ୍ଗାନା, ଝାଡଖଣ୍ଡ, ଛତିଶଗଡ଼, ଓଡ଼ିଶା, କର୍ଣ୍ଣାଟକ ଉପକୂଳବର୍ତ୍ତୀ ସ୍ଥାନ, ବେଙ୍ଗଲ, ସିକିମ, କେରଳ ଓ ମଧ୍ୟ ପ୍ରଦେଶ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କହିଛି।

## ଶାହରୁଖଙ୍କ ବାସଭବନରେ ଫରେଷ୍ଟ ବିଭାଗର ଯାଞ୍ଚ୍

ମୁମ୍ବାଇ, ୨୧।୬(ଏଜେନ୍ସି): ସ୍ଥାନୀୟ ବାନ୍ଦ୍ରାର ବ୍ୟାଣ୍ଡଷ୍ଟାଣ୍ଡ ଅଞ୍ଚଳରେ ଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ବଙ୍ଗଳା 'ମନ୍ନତ'ରେ ବ୍ରିହାନମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ (ବିଏମ୍‌ସି) ଓ ଫରେଷ୍ଟ ବିଭାଗ ଯାଞ୍ଚ୍ କରିଛି। କୋଷ୍ଟାଲ ରେଗୁଲେସନ ଜୋନ (ସିଆରଜେଡ୍) ନିୟମର ଉଲ୍ଲଂଘନ ହୋଇଥିବା ନେଇ ଶୁକ୍ରବାର ଏହି ଯାଞ୍ଚ୍ ହୋଇଛି। ବିନା ଅନୁମତିରେ ଏହି ବଙ୍ଗଳାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇଛି କି ନା ସେ ନେଇ ଯାଞ୍ଚ କରାଯାଇଥିଲା ବୋଲି ବିଏମ୍‌ସି ଓ ଫରେଷ୍ଟ ବିଭାଗରେ ଅଧିକରୀମାନେ କହିଛନ୍ତି। ୨୭, ୦୦୦ ବର୍ଗଫୁଟ୍ ଏରିଆରେ ଥିବା ଏହି ବଙ୍ଗଳାରେ ପୁନର୍ଗଠନ କାର୍ଯ୍ୟ ଚାଲୁ ରହିଛି। ୬ ମହଲା ବିଶିଷ୍ଟ ଏହି ବଙ୍ଗଳାରେ ଦୁଇ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିରେ ଆଉ ଦୁଇଟି ମହଲା ସାମିଲ କରାଯିବାର ଯୋଜନା ରହିଛି। ଏଥିପାଇଁ ଶାହାରୁଖଙ୍କ ସମେତ ପତ୍ନୀ ଗୌରୀ ଓ ୩ ସନ୍ତାନ ଆର୍ଯ୍ୟନ, ସୁହାନା, ଅବରାମ ଅସ୍ଥାୟୀ ଭାବେ ମନ୍ନତଠାରୁ ୧୦ ମିନିଟ ଦୂର ଖାରରେ ଏକ ଡୁପ୍ଲେକ୍ସରେ ରହୁଛନ୍ତି। ଶାହରୁଖ ଏହି ବଙ୍ଗଳାକୁ ୨୦୦୧ରେ କ୍ରୟ କରିଥିଲେ। ତେବେ ୧୯୧୪ରୁ ମନ୍ନତର ଏକ ଐତିହାସିକ ପରମ୍ପରା ରହିଆସିଛି।

## ଚଳନ୍ତା ଟ୍ରେନ୍‌ରେ ଯୁବକଙ୍କୁ ପିଟିପିଟି ହତ୍ୟା

ବାଗପତ, ୨୧।୬(ଏଜେନ୍ସି): ୟୁପିରେ ବାଗପତରେ ଚଳନ୍ତା ଟ୍ରେନ୍‌ରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ସାହରାନପୁର- ଦିଲ୍ଲୀ ପାସେଞ୍ଜର ଟ୍ରେନ୍‌ରେ ବାଗପତ ଆସୁଥିଲେ। ଫଖରପୁର ଷ୍ଟେସନ ନିକଟରେ ସିଟ୍‌ରେ ବସିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ୧୫ରୁ ୨୦ଜଣ ଲୋକ ସାଥି ହୋଇ ଯୁବକଙ୍କୁ ଗୋଇଠା, ମୁଥ ମାରିବା ସହ ବେଲ୍ଟରେ ପିଟିଥିଲେ। ବାଗପତଠାରୁ ୧୦ କିମି ଦୂରରେ ଥିବା ଖେକଡ଼ା ଷ୍ଟେସନରେ ଟ୍ରେନ ରହିବା ପରେ ଅଭିଯୁକ୍ତମାନେ ଓହ୍ଲାଇ ପଳାଇଯାଇଥିଲେ। ଟ୍ରେନ୍‌ରେ ଯାଉଥିବା ଯୁବକଙ୍କ ଜଣେ ବନ୍ଧୁ ଜିଆରିପି ଓ ତାଙ୍କ ପରିବାରକୁ ସୂଚନା ଦେଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ନାମ ହେଉଛି ଦୀପକ ଓ ସେ ଦିଲ୍ଲୀରେ ଚାକିରି କରୁଥିଲେ। ସେ ଦିଲ୍ଲୀ ବାଗପତସ୍ଥିତ ନିଜ ଘରକୁ ଯାଉଥିଲେ। ଶୁକ୍ରବାର ଏହି ଘଟଣା ଘଟିଥିଲେ ମଧ୍ୟ ଶନିବାର ଏହାର ଭିଡିଓ ସାମ୍ନାକୁ ଆସିଛି।

## ବେଲୁନ୍ ଦୁର୍ଘଟଣାରେ ୮ ମୃତ

ସାଓପାଓଲୋ, ୨୧।୬(ଏଜେନ୍ସି): ବ୍ରାଜିଲ୍‌ରେ ହଟ୍ ଏୟାର ବେଲୁନ୍ ଦୁର୍ଘଟଣାରେ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଆକାଶରେ ଉଡୁଥିବା ବେଳେ ଏହି ବେଲୁନ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ବେଲୁନରେ ସେତେବେଳେ ୨୧ଜଣ ଲୋକ ଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣ ମୃତ୍ୟୁବରଣ କରିଛନ୍ତି। ନିଆଁ ଲାଗିବା ପରେ ବେଲୁଟି ସିଧା ତଳକୁ ଖସି ମାଟିରେ ପଡ଼ିଯାଇଥିଲା।

# ଇରାନରେ ଭୂକମ୍ପ ନା ବିସ୍ଫୋରଣ?

■ ଇରାନ ପରମାଣୁ ପରୀକ୍ଷା କରିଥିବା ନେଇ ଚର୍ଚ୍ଚା ବଢ଼ିଲା

■ ତିନି ଉତ୍ତରାଧିକାରୀଙ୍କୁ ମନୋନୀତ କଲେ ଖାମନେଇ

ତେଲ ଆଭିଭ, ୨୧।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତିର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଯୁଦ୍ଧ ବନ୍ଦ ପାଇଁ ଜେନେଭାରେ ୟୁରୋପୀୟ ଦେଶଗୁଡିକ କରିଥିବା ବୈଠକରେ କୌଣସି ଠୋସ୍ ଫଳାଫଳ ବାହାରି ପାରି ନ ଥିବାବେଳେ ଦୁଇ ରାଷ୍ଟ୍ର ପରସ୍ପର ବିରୋଧରେ ଆକ୍ରମଣକୁ ଜୋରଦାର କରିଛନ୍ତି। ଏପରି ସମୟରେ ଇରାନରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଦ୍ୱାରା ଏହି ଭୂକମ୍ପ ଆସିଛି ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବୃଦ୍ଧି ପାଇଛି ବୋଲି କୁହାଯାଉଛି।

ଯୁଦ୍ଧର ନବମ ଦିନରେ ତେଲ ଆଭିଭ ସମେତ ଅନେକ ସହର ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ବର୍ଷା କରିଥିବାବେଳେ ଇସ୍ରାଏଲ ସେନା (ଆଇଡିଏଫ) ଏହାର ଜବାବରେ ପରମାଣୁ ଠିକଣାକୁ ନିଶାଣ କରିଛି। ଆଜି ସକାଳେ ଆଇଡିଏଫ୍‌ର ୫୦ରୁ ଅଧିକ ଲଢୁଆ ବିମାନ ଇରାନର ଇସ୍‌ଫାହନ ପରମାଣୁ ପ୍ରତିଷ୍ଠାନରେ ବୋମା ମାଡ଼ କରିଛି। ତେବେ ଏହି ଆକ୍ରମଣ ପରେ କୌଣସି ରାସାୟନିକ ଲିକ୍ କିମ୍ବା ବିକିରଣ ହୋଇଥିବାର ସୂଚନା ମିଳିନାହିଁ। ଇରାନର ପରମାଣୁ କାର୍ଯ୍ୟକ୍ରମରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଠାରେ ୟୁରାନିୟମ ଠୁଳ କରି ରଖାଯାଉଛି। ନ୍ୟୁକ୍ଲିୟର ଫୁଏଲ ଫାବ୍ରିକେସନ ପ୍ଲାଣ୍ଟ ମଧ୍ୟ ରହିଛି। ପରମାଣୁ ଠିକଣାରେ ଆକ୍ରମଣ ସହିତ ଇରାନର ଆଉ ଜଣେ ପରମାଣୁ ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କରିଛି। ଶୁକ୍ରବାର ତେହରାନର ଏକ ଆପାର୍ଟମେଣ୍ଟକୁ ନିଶାଣ କରି ଆଇଡିଏଫ ସୁଇସାଇଡ ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ବୈଜ୍ଞାନିକ ଇସାର ତବାତବାଇ-କମସେହ ଏବଂ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଏପର୍ଯ୍ୟନ୍ତ ଇରାନର ୧୧ ପରମାଣୁ ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କଲାଣି। ସେହିପରି ଆଜି ଇରାନ ସେନାର ୩ କମାଣ୍ଡର ଏବଂ ୪ ଯବାନଙ୍କୁ ହତ୍ୟା କରିଥିବା ଇସ୍ରାଏଲ ଦାବି କରିଛି।

ଆକ୍ରମଣ ଦ୍ୱାରା ଇରାନର ପରମାଣୁ କାର୍ଯ୍ୟକ୍ରମ ୩ ବର୍ଷ ପଛକୁ ପଳାଇଛି ବୋଲି ଇସ୍ରାଏଲ ଦାବି କରୁଛି। ମାତ୍ର ଏପରି ସମୟରେ ଇରାନର ସେମନାନ୍ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଶୁକ୍ରବାର ରାତିରେ ହୋଇଥିବା ୫.୧ ତୀବ୍ରତାର ଏହି ଭୂକମ୍ପର କେନ୍ଦ୍ର ୧୦ କିମି ଗଭୀରତାରେ ଥିଲା ବୋଲି କୁହାଯାଉଛି। ଇରାନ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାରୁ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା ବୋଲି ଚର୍ଚ୍ଚା ହେଉଛି। କାରଣ ଇରାନର ସେମନାନ ସ୍ପେସ୍ ସେଣ୍ଟର ଏବଂ ସେମନାନ ମିସାଇଲ କମ୍ପ୍ଲେକ୍ସ ଥିବା ସହର ନିକଟରେ ଏହି ଭୂକମ୍ପ ହୋଇଛି। ଇରାନ



ସେନା ଦ୍ୱାରା ଏହା ପରିଚାଳିତ ହେଉଛି। ଏହାକୁ ଲାଗି ଫରଦୋ ଏବଂ ନତାଞ୍ଜ ପରମାଣୁ କେନ୍ଦ୍ର ମଧ୍ୟ ରହିଛି। ୟୁରୋପ ଶାନ୍ତି ଆଲୋଚନା ପ୍ରୟାସ ଜାରି ରଖିଥିବାବେଳେ ପରମାଣୁ କାର୍ଯ୍ୟକ୍ରମ ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏପରି ସମୟରେ ହୋଇଥିବା ଭୂକମ୍ପକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢ଼ିବ ବୋଲି କୁହାଯାଉଛି। କିଛି ବିଶେଷଜ୍ଞ ମଧ୍ୟ ପରମାଣୁ ପରୀକ୍ଷଣ ଆଶଙ୍କା କରିଛନ୍ତି। ଭୂତଳରେ ପରମାଣୁ ଅସ୍ତ୍ରର ବିସ୍ଫୋରଣ ଯୋଗୁଁ ସୃଷ୍ଟି ହୋଇଥିବା 'ଟେକ୍‌ଟୋନିକ ଷ୍ଟ୍ରେସ୍' ପାଇଁ ଭୂକମ୍ପ ଆସିଥିବ ବୋଲି ବିଶେଷଜ୍ଞ କହୁଛନ୍ତି। ଆଉ କିଛି ରିପୋର୍ଟରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଭୂକମ୍ପ ଆସିଥିଲା ବୋଲି କୁହାଯାଉଛି। ଏହା ମଧ୍ୟରେ ଆମେରିକାର ୬ଟି ବି-୨ ଷ୍ଟିଲ୍‌ଥ ବମ୍ବର ମିସୋରିର ନୌସେନା ଘାଟୀରୁ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଥିବା ମାଇକ୍ରୋନେସିଆ ଦ୍ୱୀପର ଗୁଆମକୁ ଉଡ଼ାଣ ଭରିଛି। ଏହି ଲଢୁଆ ବିମାନ ବଙ୍କର ବଷ୍ଟର ବୋମା ନେଇ ଯାଉଥିବା କୁହାଯାଉଛି। ପୂର୍ବରୁ ଏହି ବୋମା ଇସ୍ରାଏଲ ମାଗିଥିଲା। ତେଣୁ ଏହା ଇସ୍ରାଏଲକୁ ଦିଆଯାଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିଜ ଉତ୍ତରାଧିକାରୀ ପାଇଁ ୩ ଜଣଙ୍କୁ ମନୋନୀତ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଖାମନେଇଙ୍କ ପୁଅ ମୋଜତବାର ନାମ ନାହିଁ। ପୂର୍ବରୁ ଖାମନେଇଙ୍କ ପୁଅ ହିଁ ତାଙ୍କ ଉତ୍ତରାଧିକାରୀ ହେ।ବେ ବୋଲି କୁହାଯାଉଥିଲା।

## ଇରାନ୍‌ରୁ ଫେରିଲେଣି ୮୨୭ ଭାରତୀୟ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଭାରତ ସରକାରଙ୍କ ଅପରେସନ ସିନ୍ଧୁ ଜରିଆରେ ମୋଟ ଉପରେ ୮୨୭ ଜଣ ଭାରତ ଫେରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୨୯୦ ଜଣ ଭାରତୀୟ ନାଗରିକ ସ୍ୱଦେଶ ଫେରିଛନ୍ତି। ସେହିପରି ଶନିବାର ସଂଧ୍ୟା ୪ଟା ୩୦ରେ ଆଉ ୩୧୦ ଜଣ ଭାରତୀୟ ନାଗରିକ ଦିଲ୍ଲୀରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କଶ୍ମୀରର ଛାତ୍ର। ଏହାକୁ ବାଦ୍ ଦେଲେ ଆଉକିଛି ନାଗରିକ ଦିଲ୍ଲୀ, ହାରିୟାଣା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ମୋଟ୍ ୮୨୭ଜଣ ଭାରତୀୟ ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଶୁକ୍ରବାର ରାତିରେ ଦୁଇଟି ପର୍ଯ୍ୟାୟରେ ୪୦୭ ଭାରତୀୟ ଫେରିଛନ୍ତି। ରାତି ୧୦.୩୦ରେ ୧୯୦ ଜଣ କଶ୍ମୀର ଛାତ୍ର ସମେତ ୨୯୦ ନାଗରିକ ଫେରିଥିଲେ। ସେହିପରି ରାତି ୩ଟା ଆସି ପହଞ୍ଚିଥିବା ବିମାନରେ ୧୧୭ ଜଣ ଭାରତ ଫେରିଥିଲେ। ଏହାପୂର୍ବରୁ ଜୁନ୍ ୧୯ ରେ ୧୧୦ ଜଣ ଛାତ୍ର ଆର୍ମେନିଆ ଓ ଦୋହା ବାଟ ଦେଇ ଭାରତ ପହଞ୍ଚିଥିଲେ। ଶନିବାର ସନ୍ଧ୍ୟାରେ ଆଉଏକ ବିମାନ କିଛି ଭାରତୀୟଙ୍କୁ ଆଣିବାର କାର୍ଯ୍ୟକ୍ରମ ରହିଛି। ଇରାନରୁ ଦିଲ୍ଲୀ ପହଞ୍ଚିବା ପରେ ଏହି ଯାତ୍ରୀମାନେ 'ବନ୍ଦେ ମାତରମ' ଓ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇଥିଲେ ଓ କିଛି ଲୋକ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ସେମାନଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଆଉ କେତେକ ଲୋକ ମାଟିକୁ ମୁଣ୍ଡିଆ ମାରିଥିଲେ। ଭାରତରେ ପହଞ୍ଚିବା ପରେ ଆମକୁ ଶାନ୍ତି ମିଳିଛି ବୋଲି ଏମାନେ ଏଠାରେ ପହଞ୍ଚିବା ପରେ କହିଛନ୍ତି।

## ଇସ୍ରାଏଲ୍ ଆକ୍ରମଣକୁ ଭାରତ ନିନ୍ଦା କରୁ: ସୋନିଆ



ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଏଥିରେ ଭାରତର ଭୂମିକା ନେଇ ମୁହଁ ଖୋଲିଛନ୍ତି। ଏହି ଯୁଦ୍ଧ ଶନିବାର ୯ମ ଦିନରେ ପହଞ୍ଚିଛି। ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସେ ଖୋଲାଖୋଲି ଭାବେ ନିନ୍ଦା କରିଛନ୍ତି। ଏକ ଦୈନିକ ଖବରକାଗଜରେ ସ୍ତମ୍ଭ ଲେଖି ସେ ଏ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଇସ୍ରାଏଲ ନିଜେ ଏକ ପରମାଣୁ ଶକ୍ତି ଭାବେ ପ୍ରତିଷ୍ଠା ହାସଲ କରିଛି। କିନ୍ତୁ ପରମାଣୁ ଅସ୍ତ୍ର ତିଆରି କରିବା ଅଭିଯୋଗରେ ଇରାନ୍ ଉପରେ ଅନ୍ୟାୟ ଭାବେ ଆକ୍ରମଣ କରାଯାଉଛି। ଏହା ଇସ୍ରାଏଲ୍ ଦୋ ମୁହାଁ ନୀତିକୁ ସୂଚାଉଛି ବୋଲି ସେ କହିଛନ୍ତି। ପୁଣି ଇରାନ ଭାରତର ପୁରୁଣା ବନ୍ଧୁ। ଏବେ ଯୁଦ୍ଧ ଚାଲିଥିବା ବେଳେ ଭାରତର ନୀରବତା ଚିନ୍ତା ସୃଷ୍ଟି କରୁଛି। ଗାଜାରେ ଚାଲିଥିବା ଧ୍ୱଂସ ଓ ଇରାନ୍‌ରେ ହେଉଥିବା ଆକ୍ରମଣ ନେଇ ଭାରତ ତା'ର ଅଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ଏବେ ମଧ୍ୟ ବହୁତ ବିଳମ୍ବ ହୋଇନାହିଁ ଓ ଯଥେଷ୍ଟ ସମୟ ରହିଛି। ଭାରତ ଏ ନେଇ ଦୃଢ଼ ଭାବେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିବା ଉଚିତ। ଇରାନ ଏକାଧିକବାର ଭାରତକୁ ବିଭିନ୍ନ କ୍ଷେତ୍ରରେ ସମର୍ଥନ କରିଆସିଛି। ଗାଜାରେ ଏବେ ୫୫, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇସାରିଛନ୍ତି। ଏବେ ସେଠାରେ ଭୋକରେ ଲୋକ ମରିବା ଆରମ୍ଭ କଲେଣି। ତେଣୁ ଇରାନ ସମର୍ଥନରେ ଭାରତକୁ ଏବେ ଖୋଲାଖୋଲ ମନ୍ତବ୍ୟ ଦେବା ଉଚିତ ବୋଲି ସୋନିଆ ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି।

ଇସ୍ରାଏଲ ଇରାନ ଉପରେ ଏକତରଫା ଓ ନିର୍ମମ ଭାବେ ଆକ୍ରମଣ କରିଛି। ଇସ୍ରାଏଲ ଇରାନର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରିଛି। ଏହା ବେଆଇନ ଓ ଆଞ୍ଚଳିକ ଶାନ୍ତିପ୍ରତି ବିପଦ ସୃଷ୍ଟି କରିଛି। ଇରାନ ଉପରେ ଚାଲିଥିବା ଆକ୍ରମଣକୁ କଂଗ୍ରେସ ଦୃଢ଼ ଭାବେ ନିନ୍ଦା କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱରେ ଇସ୍ରାଏଲ୍ କେବଳ ଆତଙ୍କ, ଅଶାନ୍ତି ବୃଦ୍ଧି କରିଛି ଓ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠା ନେଇ ତାଙ୍କ ପ୍ରତିବଦ୍ଧତାରୁ ଓହରିଯାଇଛନ୍ତି। ଏପରି ସ୍ଥଳେ ପଶ୍ଚିମ ଏସିଆରେ କିପରି ଶାନ୍ତି ପ୍ରତିଷ୍ଠା ହେବ ସେ ନେଇ କୁଟନୈତିକ ପ୍ରୟାସ ଭାରତ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି।

## ପୁଣି ନିର୍ବାଚନ କମିସନ-ରାହୁଲ ମୁହାଁମୁହିଁ



■ ମତଦାନ କେନ୍ଦ୍ରର ଫୁଟେଜ ସାର୍ବଜନୀନ କରିହେବନି: ନିର୍ବାଚନ କମିସନର

■ ଯିଏ ଜବାବ ଦେବା କଥା ସିଏ ପ୍ରମାଣ ନଷ୍ଟ କରୁଛନ୍ତି : ରାହୁଲ

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ମତଦାନ କେନ୍ଦ୍ରରେ ହେଉଥିବା ୱେବକାଷ୍ଟିଂର ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯିବ ନାହିଁ ବୋଲି ଭାରତର ନିର୍ବାଚନ କମିସନ (ଇସିଆଇ) ସ୍ପଷ୍ଟ କରିଦେଇଛନ୍ତି। ଏହାକୁ ସାର୍ବଜନୀନ କଲେ ଭୋଟରଙ୍କ ପ୍ରତି ବିପଦ ସୃଷ୍ଟି ହେବ। ଏହାଦ୍ୱାରା ଭୋଟର ଏବଂ ଗୋଷ୍ଠୀଙ୍କୁ ଚିହ୍ନଟ କରିବା ସହଜ ହୋଇଯିବ। ଭୋଟ ଦେଉଥିବା ଏବଂ ନ ଦେଉଥିବା ବ୍ୟକ୍ତି ଉଭୟେ ଅସାମାଜିକଙ୍କ ଚାପ, ଭେଦଭାବ ଏବଂ ଧମକର ଶିକାର ହୋଇପାରନ୍ତି। ଏହା ସହିତ ସିସିଟିଭି ଫୁଟେଜ ସାର୍ବଜନୀନ କଲେ ଜନପ୍ରତିନିଧି ନିୟମରେ ଥିବା ବ୍ୟବସ୍ଥା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମଧ୍ୟ ଉଲ୍ଲଙ୍ଘନ ହେବ। ତେବେ ଏହି ସବୁ ଭିଡିଓ ଅନ୍ତରୀଣ ପର୍ଯ୍ୟବେକ୍ଷଣ ପାଇଁ ଉଦ୍ଦିଷ୍ଟ ଥାଏ। କିନ୍ତୁ ନିର୍ବାଚନ ସମ୍ବନ୍ଧିତ ଶୁଣାଣି ସମୟରେ ଯଦି କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ଏହାକୁ ସେୟାର କରାଯିବ ବୋଲି ଇସିଆଇଙ୍କ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜାଲିଆତି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଜବାବ ଦିଆଯାଇଛି।

ଉଦାହରଣ ଦେଇ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଯଦି କୌଣସି ରାଜନୈତିକ ଦଳକୁ ଏକ ବୁଥ୍‌ରେ କମ୍ ଭୋଟ ମିଳେ ତେବେ ସେହି ଦଳ ସିସିଟିଭି ଫୁଟେଜ ଆଧାରରେ କିଏ ଭୋଟ ଦେଇଛି ଏବଂ କିଏ ଦେଇନି ତାହା ସହଜରେ ଚିହ୍ନଟ କରିଦେବ। ଏହା ପରେ ଭୋଟ ଦେଇ ନ ଥିବା ଲୋକଙ୍କୁ ସମସ୍ୟାରେ ପକାଯାଇପାରେ। ଏହା ପୂର୍ବରୁ ଗତ ମାସରେ ନିର୍ବାଚନ ପ୍ରକ୍ରିୟାରେ ୪୫ ଦିନ ପରେ ୱେବକାଷ୍ଟିଂ ଏବଂ ଭିଡିଓ ଫୁଟେଜକୁ ନଷ୍ଟ କରିବା ପାଇଁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହି ଅବଧି ଭିତରେ କେହି ଫଳାଫଳକୁ କୋର୍ଟରେ ବିରୋଧ କରିନାହାନ୍ତି ତେବେ ତାହାକୁ ନଷ୍ଟ କରିବାକୁ କହିଥିଲେ।

ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଭୋଟର ତାଲିକା ମାଗିଲେ ମେସିନ-ରିଡାବୁଲ ଫର୍ମାଟ ଦେବନାହିଁ ବୋଲି କହୁଛନ୍ତି। ଆଇନ ବଦଳାଇ ସିସିଟିଭି ଫୁଟେଜକୁ ଛପାଇ ଦେଇଛନ୍ତି। ଏବେ ନିର୍ବାଚନର ଫଟୋ ଏବଂ ଭିଡିଓକୁ ବର୍ଷେ ନୁହେଁ, ବରଂ ୪୫ ଦିନରେ ନଷ୍ଟ କରିଦେବେ। ଯାହାଠାରୁ ଜବାବ ଚାହୁଁଥିଲୁ ସେ ପ୍ରମାଣ ନଷ୍ଟ କରୁଛନ୍ତି। ମ୍ୟାଚ୍ ଫିକ୍ସ ହୋଇଯାଇଛି ବୋଲି ସ୍ପଷ୍ଟ ଦେଖାଯାଉଛି। ଫିକ୍ସ ହୋଇଥିବା ନିର୍ବାଚନ ଗଣତନ୍ତ୍ର ପାଇଁ ବିପଦ। ଏହା ପରେ ନିର୍ବାଚନ କମିଶନଙ୍କ ଜବାବ ଆସିଥିଲା। ଏହାକୁ ଉତ୍ତର ଦେଇ ରାହୁଲ କହିଥିଲେ ଯେ ସାମ୍ବିଧାନିକ ସଂସ୍ଥା ଭାବେ ଗୁରୁତର ପ୍ରଶ୍ନର ଉତ୍ତର ଏଭଳି ଭାବେ ଦିଆଯାଏ ନାହିଁ। ଯଦି କିଛି ଲୁଚାଇବାକୁ ନାହିଁ ତେବେ ମୋ ପ୍ରଶ୍ନର ଉତ୍ତର ଦେଇ ପ୍ରମାଣ ରଖନ୍ତୁ ବୋଲି ରାହୁଲ କହିଥିଲେ।

## ଅଘଟଣରୁ ବର୍ତ୍ତିଲା ଆଉ ଏକ ଯାତ୍ରୀ ବିମାନ





■ ସରିଗଲା ଇନ୍ଧନ, ପାଇଲଟ୍‌ଙ୍କ ମେଡେ କଲ୍

■ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପାଖାପାଖି ଗୋଟିଏ ସପ୍ତାହ ପରେ ଆଉଏକ ବିମାନର ପାଇଲଟ୍ ମେଡେ କଲ୍ କରିଛନ୍ତି। ଗୌହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନର ପାଇଲଟ୍ ଏହି ଇମର୍ଜେନ୍ସି କଲ୍ କରିଥିଲେ। ଜୁନ୍ ୧୯ରେ ଏହି ଘଟଣା ଘଟିଛି। ବିମାନରେ ଇନ୍ଧନ କମ୍ ଥିବା ଜାଣିପାରି ପାଇଲଟ ଏୟାର ଟ୍ରାଫ୍ କଣ୍ଟ୍ରୋଲ (ଏଟିସି)କୁ କଲ୍ କରିଥିଲେ। ବିମାନରେ ପାଇଲଟଙ୍କ ଜରୁରୀକାଳୀନ କଲ୍‌କୁ ମେଡେ କୁହାଯାଇଥାଏ। ଫଳରେ ଏହି ବିମାନକୁ ତୁରନ୍ତ ବେଙ୍ଗାଲୁରୁ ଏୟାରପୋର୍ଟରେ ଅବତରଣ କରାଯାଇଥିଲା। ଗୌହାଟୀରୁ ଟେକ୍‌ଅଫ୍ କରିବା ପରେ ଏହି ବିମାନରେ ଇନ୍ଧନ ପର୍ଯ୍ୟାପ୍ତ ପରିମାଣର ନଥିଲା ବୋଲି ପାଇଲଟ୍ ଜାଣିବାକୁ ପାଇଥିଲେ। ଫଳରେ ବିମାନକୁ ଚେନ୍ନାଇ ବଦଳରେ ବେଙ୍ଗାଲୁରୁ ଯାଇଥିଲା। ଏହି ବିମାନରେ ୧୬୮ ଜଣ ଯାତ୍ରୀ ଥିଲେ। ବେଙ୍ଗାଲୁରୁ ବିମାନ ବନ୍ଦରରେ ଇନ୍ଧନ ଭରିବା ପରେ ଏହି ବିମାନ ଚେନ୍ନାଇ ଯାତ୍ରା କରିଥିଲା। ଏହି ପାଇଲଟ୍‌ଙ୍କୁ ବର୍ତ୍ତମାନ ପାଇଁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଉଲ୍ଲେଖଥାଉ କି, ମେଡେ ହେଉଛି ଏକ ଫ୍ରେଞ୍ଚ୍ ଶବ୍ଦ। ଏହାର ଅର୍ଥ ମୋତେ ବଞ୍ଚାଅ ବା ରକ୍ଷାକର।

## ଅହମଦାବାଦ୍ ଦୁର୍ଘଟଣା : ତିନି ଅଧିକାରୀଙ୍କୁ ହଟାଇଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏକ କଡ଼ା ପଦକ୍ଷେପ ନେଇଛି। ଡିଜିସିଏ ଏୟାର ଇଣ୍ଡିଆର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଛି। ଡିଜିସିଏ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୂଡା ସିଂ, କ୍ରୁ ଶେଡଲିଂ କରୁଥିବା ଚିଫ୍ ମ୍ୟାନେଜର ପିଙ୍କି ମିତ୍ତଲ ଓ କ୍ରୁ ଶେଡ୍‌ଲିଂ ପ୍ଲାନିଂ କରୁଥିବା ପାୟଲ ଆରୋଡାଙ୍କୁ ଦାୟିତ୍ୱରୁ ହଟାଇଛି। ଆଭିଏସନ ସେଫ୍ଟି ପ୍ରୋଟୋକଲର ଗମ୍ଭୀର ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ଡିଜିସିଏର ନିର୍ଦ୍ଦେଶକୁ ଯଥାଶୀଘ୍ର ଲାଗୁ କରାଯାଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏବେ କମ୍ପାନୀର ଚିଫ୍ ଅପରେସନାଲ ଅଧିକାରୀ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଇଣ୍ଟିଗ୍ରେଟେଡ ଅପରେସନ କଣ୍ଟ୍ରୋଲ ସେଣ୍ଟରର ଦାୟିତ୍ୱରେ ରହିବେ ବୋଲି କୁହାଯାଇଛି। ଶୁକ୍ରବାର ଏହି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ଜୁନ୍ ୧୨ରେ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଅହମଦାବାଦ୍‌ରୁ ଲଣ୍ଡନ ଯାଉଥିବା ଏଆଇ-୧୭୧ ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଫଳରେ ବିମାନ ଏକ ମେଡିକାଲ କଲେଜ ହଷ୍ଟେଲ୍ ଛାତରେ ମାଡ଼ ହୋଇଥିଲା। ଏଥିରେ ମୋଟ୍ ଉପରେ ୨୭୦ଜଣ ଲୋକ ପ୍ରାଣ ହରାଇଥିଲେ।

# ଟ୍ରମ୍ପଙ୍କୁ ନୋବେଲ ପାଇଁ ପାକ୍ ଯୁକ୍ତି ପଛର ରହସ୍ୟ

ଇସଲାମାବାଦ, ୨୧।୬: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚଳିତ ବର୍ଷ ଲାଗି ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ଦାବି କରିଛି ପାକିସ୍ତାନ। ପାକିସ୍ତାନ ଏଭଳି ଦାବି କରୁଥିବାରୁ ଏହାର ସେନା ଅଧ୍ୟକ୍ଷ ଜେନେରାଲ ଅସିମ ମୁନିରଙ୍କୁ ହ୍ୱାଇଟ୍ ହାଉସ୍ ଡାକି ଟ୍ରମ୍ପ ମଧ୍ୟାହ୍ନ ଭୋଜନର ଆୟୋଜନ କରିବା ମଧ୍ୟ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମେ ଟ୍ରମ୍ପଙ୍କ ସପକ୍ଷରେ ଏଭଳି ଯୁକ୍ତି ରଖିଥିଲେ ଜେନେରାଲ ମୁନିର। ଏହାପରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଯୁକ୍ତି କରିଛନ୍ତି। ଆଜି ପାକିସ୍ତାନ ସରକାର ଆଉ ଗୋଟିଏ ପାଦ ଆଗକୁ ଯାଇ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଦିଆଯାଉ ବୋଲି ସୁପାରିସ କରିଛନ୍ତି।

ଏହାକୁ ନେଇ ପାକିସ୍ତାନ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାକିସ୍ତାନର ଅନେକ ପୂର୍ବତନ କୁଟନୀତିଜ୍ଞ ଏବଂ ସାମାଜିକ କର୍ମୀ ସରକାରଙ୍କର ଏଭଳି ଆଭିମୁଖ୍ୟର ତୀବ୍ର ସମାଲୋଚନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଗାଜାରେ ଇସ୍ରାଏଲ ଗଣହତ୍ୟା ଚଳାଇଛି ଏବଂ ଏହାକୁ ଟ୍ରମ୍ପ ଖୋଲାଖୋଲି ସମର୍ଥନ କରୁଛନ୍ତି। ପୂର୍ବରୁ ଗାଜା ନରସଂହାରକୁ ନିନ୍ଦା କରିଥିବା ପାକିସ୍ତାନ କିଭଳି ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୁକ୍ତି କରୁଛି। ପୁଣି ଇରାନ ଉପରେ ଇସ୍ରାଏଲର ଆକ୍ରମଣକୁ ମଧ୍ୟ ଟ୍ରମ୍ପ କେବଳ ସମର୍ଥନ କରୁନାହାନ୍ତି, ଇରାନ ଉପରେ ଆମେରିକା ଆକ୍ରମଣ କରିବ ବୋଲି କହୁଛନ୍ତି। ହିଂସା ଓ ନରସଂହାରରେ ବିଶ୍ୱାସ କରୁଥିବା ଜଣେ ରାଷ୍ଟ୍ର ନେତାଙ୍କୁ ନୋବେଲ ପୁରସ୍କାର ପାଇଁ ପାକିସ୍ତାନ ପ୍ରସ୍ତାବ ଦେବା ନିନ୍ଦନୀୟ ବୋଲି ସେମାନେ କହିଛନ୍ତି। ପୂର୍ବତନ କୂଟନୀତିଜ୍ଞ ତଥା ସାମାଜିକ କର୍ମୀ ମଲିହା ଲୋଧି ଏବଂ ସିନେଟର ଅଲ୍ଲମା ରଜା ନସିରଙ୍କ ସମେତ ଅନେକ ସାମାଜିକ କର୍ମୀ ଏଭଳି ମତ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱ ବିଦେଶ ନୀତି ବିଶେଷଜ୍ଞ



ଡେରେକ୍ ଗ୍ରସମ୍ୟାନ୍ କହିଛନ୍ତି ଯେ ବିଶ୍ୱ ଦରବାରରେ ପାକିସ୍ତାନର ଯାହା କିଛି ସମ୍ମାନ ଥିଲା, ତାହା ଏଭଳି ନୋବେଲ ଦାବି ଯୋଗୁଁ କ୍ଷୁଣ୍ଣ ହୋଇଛି।

ଅନ୍ୟପକ୍ଷରେ ପାକିସ୍ତାନ ସରକାରଙ୍କର ଯୁକ୍ତି ହେଉଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ମିଳିବା ଉଚିତ। ଟ୍ରମ୍ପ ମଧ୍ୟ ବାରମ୍ବାର କହି ଆସୁଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସେ ଅସ୍ତ୍ରବିରତି କରାଇଥିଲେ। କିନ୍ତୁ ସେ ଶ୍ରେୟ ନେବାକୁ ଚାହାନ୍ତି। ଅନ୍ୟପକ୍ଷରେ ଭାରତ ସରକାର କହିଆସୁଛନ୍ତି ଯେ ଅସ୍ତ୍ରବିରତିରେ ତାଙ୍କର କୌଣସି ଭୂମିକା ନାହିଁ। ପାକିସ୍ତାନୀ ସେନା ଅନୁରୋଧ କରିବାରୁ ଭାରତ ଅପେରସନ ସିନ୍ଦୂରକୁ ଅଟକାଇଛି। ତଥାପି ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଶ୍ରେୟ ନିଜ ଉପରକୁ ନେବା ଏବଂ ତାଙ୍କୁ ପାକିସ୍ତାନ ପ୍ରଶଂସା କରିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ କୁଟନୈତିକମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଅନେକ ବିଦେଶ ନୀତି ବିଶାରଦଙ୍କ ମତେରେ ପାକିସ୍ତାନର ଏଭଳି ଟ୍ରମ୍ପ ପ୍ରଶଂସା ପଛରେ ଭିନ୍ନ ଉଦ୍ଦେଶ୍ୟ ରହିଛି ଏବଂ ତାହା ହେଉଛି କଶ୍ମୀର ପ୍ରସଙ୍ଗ। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ପରେ ଟ୍ରମ୍ପ କହିଥିଲେ ଯେ କଶ୍ମୀର ବିବାଦର ସମାଧାନ କ୍ଷେତ୍ରରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛନ୍ତି। ଟ୍ରମ୍ପଙ୍କ ଏହି ପ୍ରସ୍ତାବ କଶ୍ମୀର ବିବାଦକୁ ବିଶ୍ୱ ସ୍ତରକୁ ନେବାରେ ପାକିସ୍ତାନକୁ ଖୋରାକ ଯୋଗାଇଛି। ତେଣୁ ଭାରତକୁ ଅଡୁଆରେ ପକାଇବା ଲାଗି ପାକିସ୍ତାନ ଏହାକୁ ସୁବର୍ଣ୍ଣ ସୁଯୋଗ ବୋଲି ଧରିନେଇଛି। କେବଳ କଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖିବା ଲାଗି ଟ୍ରମ୍ପଙ୍କୁ ନୋବେଲ ପାଇଁ ସୁପାରିସ କରିବା ପଛରେ ଏହା ହେଉଛି ପାକିସ୍ତାନର ଅସଲି ଚାଲ ବୋଲି ସେମାନେ ମତ ଦେଇଛନ୍ତି।

## ନଡ଼ିଆ ଷଢ଼େଇର କାରିଗର ଉଦ୍ୟୋଗୀ ମାରିଆ

ନଡ଼ିଆକୁ ଶୁଭ ଫଳ ବୋଲି କୁହାଯାଏ । ଏହାର ପ୍ରତ୍ୟେକ ଅଂଶର ଗୁରୁତ୍ୱ ରହିଛି । ସେହିପରି ନଡ଼ିଆ କତାରୁ ପାପୋଛ, ଘର ସାଜଉପକରଣ ଆଦି ପ୍ରସ୍ତୁତ କରାଯାଏ । ହେଲେ ଅଧିକାଂଶ ଲୋକେ ନଡ଼ିଆକୁ ବ୍ୟବହାର କରି ସାରିବା ପରେ ଏହାର ଷଢ଼େଇକୁ ଆବର୍ଜନା ତଥା ଅଦରକାରୀ କହି ଏଣେତେଣେ ଫୋପାଡ଼ି ଦିଅନ୍ତି, କିନ୍ତୁ ଏହି ଅଦରକାରୀ ଷଢ଼େଇକୁ ସଂଗ୍ରହ କରି ସେଥିରୁ ଭଳିକି ଭଳି ଘରକରଣା ଜିନିଷ ପ୍ରସ୍ତୁତ କରି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି, କେରଳର ମାରିଆ କୁରିୟାକୋସ । ସେ ଏହାଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାର ଦେଇଛନ୍ତି ।






### ବ୍ୟବସାୟ ପ୍ରତି ଆଗ୍ରହ

ମାରିଆ କୁରିଆକୋସ କେରଳ ତ୍ରିଶୂରରେ ରୁହନ୍ତି । ସେ ୨୦୧୬ ମସିହାରେ ଅର୍ଥଶାସ୍ତ୍ରରେ ସ୍ନାତକ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ । ପାଠପଢ଼ା ପରେ ସେ ଏକ କର୍ପୋରେଟ୍ କମ୍ପାନୀରେ ଚାକିରି କରୁଥିଲେ; କିନ୍ତୁ ଚାକିରିରେ ତାଙ୍କୁ ସନ୍ତୋଷ୍ଟି ମିଳି ନ ଥିଲା । ସେ କିଛି ଭିନ୍ନ ତଥା ନୂଆ କରିବାକୁ ଚାହୁଁଥିଲେ । ଏଥିପାଇଁ ୨୦୧୯ ମସିହାରେ ଚାକିରି ଛାଡ଼ି ସେ ବ୍ୟବସାୟ କରିବାକୁ ଭାବିଥିଲେ । ଏ ନେଇ ବହୁ ଗବେଷଣା କରିଥିଲେ । ତ୍ରିଶୂରରେ ନଡ଼ିଆ ତେଲ ପ୍ରସ୍ତୁତ ହେଉଥିବା ମିଲ୍‌କୁ ସେ ବୁଲିବାକୁ ଯାଇଥିଲେ । ସେଠାରେ ନଡ଼ିଆରୁ ତେଲ ପ୍ରସ୍ତୁତ ପରେ ପଡ଼ି ରହୁଥିବା ଷଢ଼େଇକୁ ସେ ଦେଖିଥିଲେ । ସେହି ଷଢ଼େଇକୁ ଉପଯୋଗ କରି ସେଥିରୁ ଘରକରଣା ସହ ଘରସଜା ଉପକରଣ ତିଆରି କରିବାକୁ ସ୍ଥିର କରିଥିଲେ ।

### ୨୦୧୯ ରେ ଆରମ୍ଭ 'ଥେଙ୍ଗା କୋକୋ'

ମଲୟାଲମରେ ଥେଙ୍ଗା ଶବ୍ଦର ଅର୍ଥ ନଡ଼ିଆ । ମାରିଆ କୁରିଆକୋସ ୨୦୧୯ ମସିହାରେ 'ଥେଙ୍ଗା କୋକୋ' ନାମରେ ଏକ ବ୍ୟବସାୟ ଆରମ୍ଭ କରିଥିଲେ । ଏଥିରେ ସେ ନଡ଼ିଆ ଷଢ଼େଇକୁ ବ୍ୟବହାର କରି ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲେ । ପରବର୍ତ୍ତୀ ସମୟରେ ବହୁ ପରୀକ୍ଷା ନିରୀକ୍ଷା କରି ସେ ଷଢ଼େଇକୁ ଉପଯୋଗ କରି ରୋଷେଇ ସମାଗ୍ରୀ ଯଥା - କପ୍, ପିଠାଖଡ଼ିକା, ଡଙ୍କି, ଗିନା, ଥାଳି ଆଦି ପ୍ରସ୍ତୁତ କରିଥିଲେ । ଏଥିସହ ଗୃହ ସାଜପୋକରଣ ଫୁଲଦାନି, ଧୂପକାଠି ଦାନୀ, କଳସ, ମହମବତୀ, ଝୁମର୍ ଆଦି ଭଳିକି ଭଳି ଜିନିଷ ତିଆରି କରିଥିଲେ । ଏହା ପରିବେଶ ଅନୁକୂଳ ହୋଇଥିବାରୁ ଏହି ଜିନିଷର ଚାହିଦା ବୃଦ୍ଧି ପାଇଥିଲା । ପରବର୍ତ୍ତୀ ସମୟରେ ସେ ଅନ୍ୟ ମହିଳାଙ୍କୁ ନିୟୋଜିତ କରି ସାମଗ୍ରୀ ପ୍ରସ୍ତୁତ କରିଥିଲେ ।

### ପ୍ରାକୃତିକ ଜିନିଷରେ ତିଆରି

ମାରିଆ ନଡ଼ିଆ ଷଢ଼େଇରୁ ନିର୍ମିତ ଉତ୍ପାଦଗୁଡ଼ିକରେ କୌଣସି ରାସାୟନିକ ଜିନିଷ ବ୍ୟବହାର କରୁ ନ ଥିଲେ । ସେ କେବଳ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ଏହି ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଷଢ଼େଇ ନିର୍ମିତ ଜିନିଷରେ ଚମକ ଆଣିବା ପାଇଁ ସେ ନଡ଼ିଆ ତେଲ ବ୍ୟବହାର କରିଥାନ୍ତି । ଏହାଦ୍ୱାରା ଜିନିଷ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦିଶିଥାଏ । ସେ ପ୍ରଥମେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରିବା ଆରମ୍ଭ କରିଥିଲେ । ଦେଖୁ ଦେଖୁ ବ୍ୟବସାୟ ବୃଦ୍ଧି ହେଲା । ଏବେ ଥେଙ୍ଗା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ପାଲଟିଛି ।

### ବିଦେଶରେ ରହିଛି ଚାହିଦା

ନଡ଼ିଆ ଷଢ଼େଇରୁ ନିର୍ମିତ ଜିନିଷ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏହି ସାମଗ୍ରୀର ବେଶ୍ ଚାହିଦା ରହିଛି । ସ୍ପେନ୍, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ବ୍ରିଟେନ୍ ଭଳି ଦେଶରେ ଏହି ବ୍ୟବସାୟ ଲୋକପ୍ରିୟ ହୋଇଛି । ଏବେ ଏହି କମ୍ପାନୀରେ ୪୦ରୁ ଅଧିକ ମହିଳା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି ।

## ଚଷମା ପିନ୍ଧୁଥିଲେ, ଏପରି କରନ୍ତୁ ମେକ୍‌ଅପ୍

ଅନେକ ମହିଳା ଆଖିକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ତଥା ଷ୍ଟାଇଲ୍ ପାଇଁ ଚଷମା ପିନ୍ଧିଥାନ୍ତି । ଅବଶ୍ୟ ଏହା ବ୍ୟକ୍ତିତ୍ୱକୁ ସୁନ୍ଦର କରିଥାଏ । ତେବେ ଚଷମା ପିନ୍ଧୁଥିବା ମହିଳାମାନେ ମେକ୍‌ଅପ୍ କରିବା ସମୟରେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।



### ଭ୍ରୂଲତା ପ୍ରତି ଧ୍ୟାନ ଦିଅନ୍ତୁ

ଭ୍ରୂଲତାରେ ପେନ୍‌ସିଲ୍ କିମ୍ବା ପାଉଡର୍ ଲଗାଇ ଏକ ଆକାର ଦିଅନ୍ତୁ । ଏହା ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆଖିକୁ ଆକର୍ଷଣୀୟ କରିଥାଏ ।

### ମ୍ୟାଟ୍ ଫାଉଣ୍ଡେସନ୍

ସାଧାରଣତଃ ଚଷମା ଲଗାଇଲେ ଏହା ନାକ ପାଖରେ ଅଟକି ଥାଏ । ଏହାଦ୍ୱାରା ଫାଉଣ୍ଡେସନ୍, କନ୍‌ସିଲର୍ ବାହାରି ଯିବାର ଆଶଙ୍କା ଥାଏ । ତେଣୁ ଏହାକୁ ରୋକିବା ପାଇଁ ହାଲୁକା ମ୍ୟାଟ୍ ଫାଉଣ୍ଡେସନ୍ ଲଗାଇପାରିବେ ।

### ଆଖି ହାଇଲାଇଟ୍

ସେହିପରି ଚଷମା ଫ୍ରେମ୍ ଅନୁଯାୟୀ ଆଖି ମେକ୍‌ଅପ୍ କରିବା ଭଲ । ଫ୍ରେମ୍ ପତଳା ଥିଲେ ପତଳା ସେପ୍‌ରେ ଆଇ ଲାଇନର୍ ଲଗାନ୍ତୁ । ସେହିପରି ମୋଟା ଫ୍ରେମ୍ ଥିଲେ, ମୋଟା ଆଇଲାଇନର୍ ଲଗାଇପାରିବେ । ଏହା ଦ୍ୱାରା ଆଖି ବଡ଼ ଓ ସୁନ୍ଦର ଦିଶିଥାଏ ।

### ବୋଲ୍ଡ ଲିପ୍‌ଷ୍ଟିକ୍

ଆଖି ମେକ୍‌ଅପ୍ କରିବାକୁ ଚାହୁଁ ନ ଥିଲେ, ଓଠରେ ବୋଲ୍ଡ ଲିପ୍‌ଷ୍ଟିକ୍ ଲଗାଇପାରିବେ । ଏହା ଦ୍ୱାରା ଲୁକ୍ ବାଲାନ୍ସ ହୋଇଥାଏ ।

### ପ୍ରାଇମର୍ ସେଟିଙ୍ଗ ସ୍ପ୍ରେ

ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ପାଇଁ ଆଖି ପ୍ରାଇମର୍ ତଥା ସେଟିଙ୍ଗ ସ୍ପ୍ରେ ବ୍ୟବହାର କରିପାରିବେ ।

## କକ୍‌ଟେଲ୍ ରିଙ୍ଗ୍

ମହିଳାମାନେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି । ସମୟନୁସାରେ ଏଥିରେ ଭିନ୍ନତା ଦେଖିବାକୁ ମିଳିଥାଏ । ସେହିପରି ଏବେ ଟ୍ରେଣ୍ଡରେ ରହିଛି କକ୍‌ଟେଲ୍ ରିଙ୍ଗ୍ । ଏଥିରେ ଉଭୟ ଆଧୁନିକ ଓ ପାରମ୍ପରିକ ଟଚ୍ ରହିଛି । ଏବର ମହିଳାଙ୍କ ମଧ୍ୟରେ ଏହି ରିଙ୍ଗର ଖୁବ୍ ଚାହିଦା ରହିଛି । ଜାଣିବା ସେ ବିଷୟରେ...



- ବର୍ତ୍ତମାନ ସମୟରେ କକ୍‌ଟେଲ୍ ରିଙ୍ଗ୍ ମହିଳାଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହା ବଜେଟ୍ ଅନୁସାରେ ଭିନ୍ନ ଡିଜାଇନର ମିଳିଥାଏ । ନିଜ ଲୁକ୍‌ରେ ସାମାନ୍ୟ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ, ଏହି ରିଙ୍ଗ୍ ପିନ୍ଧିପାରିବେ ।
- ସେହିପରି ରୟାଲ୍ କକ୍‌ଟେଲ୍ ରିଙ୍ଗ୍ ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ମାନିଥାଏ । ସେହିପରି କାଜୁଆଲ୍ ଆଉଟ୍‌ଫିଟ୍‌ରେ ଏହାକୁ କ୍ୟାରି କଲେ ଏକ ବୋଲ୍ଡ ଲୁକ୍ ମିଳିଥାଏ ।
- ଟ୍ରାଇବାଲ୍ କକ୍‌ଟେଲ୍ ରିଙ୍ଗ୍‌କୁ ସମସ୍ତେ ପିନ୍ଧିପାରିବେ । କାଜୁଆଲ୍ ଲୁକ୍‌କୁ ଏହି ଡିଜାଇନ୍ ଭଲ ମାନିଥାଏ । ଅଫିସିଆଲ୍ ଲୁକ୍‌ରେ ନିଜକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ ଏହା ପିନ୍ଧିପାରିବେ ।

## ଶୁଷ୍କ ତ୍ୱଚାର ଘରୋଇ ଉପଚାର

ସାଧାରଣତଃ ଶୁଷ୍କ ତଥା ରୁକ୍ଷ ତ୍ୱଚାକୁ ସତେଜ କରିବା ପାଇଁ ମହିଳାମାନେ ଟୋନର୍ ଲଗାଇଥାନ୍ତି । କିନ୍ତୁ ବଜାରରେ ମିଳୁଥିବା ଟୋନର୍‌ରେ ବହୁ ରସାୟନିକ ଉପାଦାନ ରହିଥାଏ । ଏହା ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ଚାହିଁଲେ ଘରେ ଥିବା ପ୍ରାକୃତିକ ଜିନିଷକୁ ଉପଯୋଗ କରି ଟୋନର୍ ପ୍ରସ୍ତୁତ କରିପାରିବେ । ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିବା ସହ ଚମକ ଆଣିଥାଏ । ଜାଣିବା ସେ ବିଷୟରେ...

### ଗୋଲାପ ଜଳ ଓ ଗ୍ଲିସେରିନ୍

ଗୋଲାପଜଳ ତ୍ୱଚାକୁ ଥଣ୍ଡା ରଖୁଥିବା ବେଳେ, ଗ୍ଲିସେରିନ୍ ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ । ତେଣୁ ଏହାକୁ ମିଶାଇ ଟୋନର୍ ପ୍ରସ୍ତୁତ କରିପାରିବେ । ଏଥିପାଇଁ ଗୋଟିଏ ପାତ୍ରରେ ତିନିଚାମଚ ଗୋଲାପଜଳ ଓ ଏକ ଚାମଚ ଗ୍ଲିସେରିନ୍ ମିଶାଇ ଏକ ବୋତଲରେ ରଖନ୍ତୁ । ଏହାକୁ ମୁହଁ ଧୋଇବା ପରେ ଲଗାନ୍ତୁ ।

### କାକୁଡ଼ି – ଆଲୋଭେରା

କାକୁଡ଼ି, ଆଲୋଭେରା ତ୍ୱଚାକୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହି ଟୋନର ପ୍ରସ୍ତୁତ କରିବା ପାଇଁ ଫାଳେ କାକୁଡ଼ିକୁ ଗ୍ରେଟେଡ୍ କରି ସେଥିରେ ଦୁଇଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ତ୍ୱଚାରେ ଲଗାନ୍ତୁ ।




### ଗ୍ରୀନ୍-ଟି ଓ ନିମ୍ବ ପତ୍ର

ଗ୍ରୀନ୍- ଟିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ । ସେହିପରି ନିମ୍ବରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଥାଏ । ତେଣୁ ଗୋଟିଏ ପାତ୍ରରେ ପାଣି ଦେଇ ସେଥିରେ ଗ୍ରୀନ୍ ଟି ଓ ନିମ୍ବପତ୍ର ପକାଇ ଫୁଟାନ୍ତୁ । ଥଣ୍ଡା ହୋଇଯିବା ପରେ ଗୋଟିଏ ବୋତଲକୁ ଢାଳି ଦିଅନ୍ତୁ । ଏହାକୁ ପ୍ରତିଦିନ ତ୍ୱଚାରେ ଲଗାନ୍ତୁ ।



## ଝାଳ ଦୁର୍ଗନ୍ଧ ଦୂରେଇବେ...

ବର୍ଷାଦିନେ ଆର୍ଦ୍ରତା ଯୋଗୁଁ ଝାଳ ଅଧିକ ବୋହିଥାଏ । ଫଳରେ ଦେହରୁ ଦୁର୍ଗନ୍ଧ ବାହାରେ । ତେବେ ଏହି ଝାଳ ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ କେତେକ ଘରୋଇ ଉପାୟକୁ ଆପଣାଇପାରିବେ ।



- ଶରୀର ଦୁର୍ଗନ୍ଧ ଦୂର କରିବାର ସୁବଠୁ ଭଲ ଉପାୟ ହେଉଛି, ଗୋଲାପ ଜଳ । ଗୋଧାଇବା ପାଣିରେ ଗୋଲାପ ଜଳ ମିଶାନ୍ତୁ । ଏହା ଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହେବ ।
- ଶରୀରର ଯେଉଁ ଅଂଶରୁ ଦୁର୍ଗନ୍ଧ ଆସୁଛି, ସେହି ସ୍ଥାନରେ ଆଳୁକୁ ବ୍ୟବହାର କରିପାରିବେ । ଆଳୁକୁ କାଟି ଶରୀର ଦୁର୍ଗନ୍ଧ ହେଉଥିବା ସ୍ଥାନରେ ଘଷିଲେ ସମସ୍ୟା ଦୂର ହୁଏ ।
- ଗାଧୋଇବା ପାଣିରେ ଫିଟିକିରି ମିଶାଇପାରିବେ । ଏଥିରେ କିଛି ପୋଦିନା ପତ୍ର ମଧ୍ୟ ବାଟି ପକାଇପାରିବେ ।
- ଗୋଲାପ ଜଳରେ ଟି-ଟ୍ରି ଅଏଲ୍ ମିଶାଇ କାଖରେ ଲଗାଇଲେ ଦୁର୍ଗନ୍ଧ ବାହାରି ନ ଥାଏ ।
- ସେହିପରି ବେକିଂ ସୋଡାରେ ପାଣି ମିଶାଇ ସେଥିରେ ଲେମ୍ବୁ ରସ ମିଶାନ୍ତୁ । ଦଶ ମିନିଟ୍ ପର୍ଯ୍ୟନ୍ତ କାଖରେ ଲଗାଇ ଧୋଇ ଦିଅନ୍ତୁ । ଝାଳ ଦୁର୍ଗନ୍ଧ ଦୂର ହେବ ।

## ଅର୍ଗାନିକ ହେୟାର୍ କଲର୍‌ର ଫାଇଦା



ଅଧିକାଂଶ ମହିଳା ବଜାରର ମିଳୁଥିବା ରଙ୍ଗକୁ ବ୍ୟବହାର କରି ହେୟାର୍ କଲର୍ କରିଥାନ୍ତି । ହେଲେ ଏଥିରେ ଅଧିକ ମାତ୍ରାରେ ଆମୋନିଆ, ପେରକ୍ସାଇଡ୍ ଭଳି ରସାୟନ ରହିଥାଏ । ଯାହା କେଶକୁ ଦୁର୍ବଳ ଓ ରୁକ୍ଷ କରିଥାଏ ; କିନ୍ତୁ ପ୍ରାକୃତିକ ରଙ୍ଗରେ କୌଣସି ପ୍ରକାର ରସାୟନ ନଥାଏ । ଏହା କେଶକୁ ମଜଭୂତ କରି କେଶଝଡ଼ା ରୋକିଥାଏ ।

- ପ୍ରାକୃତିକ ରଙ୍ଗରେ ଅଁଳା, ମେହେନ୍ଦୀ ଭଳି ତତ୍ତ୍ୱ ରହିଥାଏ । ଏହା କେଶକୁ ରଙ୍ଗିନ୍ କରିବା ସହ ପୋଷଣ ଦେଇଥାଏ । ଏହା ଦ୍ୱାରା କେଶ ମଜଭୂତ ରହିଥାଏ ।
- ରସାୟନିକ ରଙ୍ଗ ଦ୍ୱାରା ଅନେକ ସମୟରେ କେଶମୂଳ କୁଣ୍ଡାଇ ହୋଇଥାଏ; କିନ୍ତୁ ପ୍ରାକୃତିକ ରଙ୍ଗ ନରମ ହୋଇଥାଏ । ଏହା କେଶମୂଳକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।
- ଏହା କହରା କେଶରେ ପ୍ରାକୃତିକ ଚମକ ଆଣିଥାଏ । ଏହା କେଶକୁ ଘନକଳା ଓ ମଜଭୂତ କରିଥାଏ ।
- ପ୍ରାକୃତିକ ରଙ୍ଗ ସର୍ବଦା ପରିବେଶ ଅନୁକୂଳ ହୋଇଥାଏ । ତେଣୁ ଏହା କେଶକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

ମୋ ହାଣ୍ଡିଶାଳରୁ...

## ଅଣ୍ଡା କୋର୍‌ମା

### ଆବଶ୍ୟକ ସାମଗ୍ରୀ

ସିଝା ଅଣ୍ଡା - ଚାରୋଟି, କଟା ପିଆଜ - ଏକ କପ୍, ଅଦାରସୁଣ ପେଷ୍ଟ -ଏକ ଚାମଚ, କାଜୁ - ଚାରି, ପାଞ୍ଚଟି, ଦହି - ଅଧା କପ୍, ହଳଦୀ ଗୁଣ୍ଡ - ଏକ ଚାମଚ, ଲଙ୍କା ଗୁଣ୍ଡ - ଏକ ଚାମଚ, ଜିରା ଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ- ଏକ ଚମଚା, ଗରମମସଲା- ଏକ ଚାମଚ, ଡାଲଚିନି - ଛୋଟ ଖଣ୍ଡେ, ଜିରା - ଅଳ୍ପ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଏହାପରେ କଟା ପିଆଜ ଦେଇ ଭାଜନ୍ତୁ । ପିଆଜ ନାଲି ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଥଣ୍ଡା ହୋଇଗଲେ ଜାର୍‌ରେ ପିଆଜ, କାଜୁ, କଞ୍ଚାଲଙ୍କା, ଦହି ଦେଇ ବାଟନ୍ତୁ । ଏହାପରେ ଚୁଲାରେ କଡ଼େଇ ବସେଇ ତେଲ ଦେଇ ହଳଦୀ, ଲଙ୍କା ଗୁଣ୍ଡ ପକାଇ ସିଝାଅଣ୍ଡା ଭାଜନ୍ତୁ । ଭାଜି ହୋଇଯିବା ପରେ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ସେହି କଡ଼େଇରେ ଅଳ୍ପ ତେଲ ଦେଇ ଡାଲଚିନି, ଜିରା, ଅଦାରସୁଣ ପେଷ୍ଟ ପକାଇ ଲଙ୍କା, ହଳଦୀ, ଜିରା ଗୁଣ୍ଡ ପକାନ୍ତୁ । ଏହାପରେ ବାଟି ରଖିଥିବା ମସଲା ଦେଇ କଷନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଆବଶ୍ୟକ ଅନୁସାରେ ଲୁଣ ମିଶାଇ କିଛି ସମୟ ଘୋଡ଼ାଇ ଦିଅନ୍ତୁ । ଏହାପରେ ଭଜା ଅଣ୍ଡା ଦେଇ ଅଳ୍ପ ସମୟ ଘୋଡ଼େଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଅଣ୍ଡା କୋର୍‌ମା' ।



■ ଏଫ୍ଆଇଏଚ୍ ପ୍ରୋ ଲିଗ୍

# ୟୁରୋପ୍ ଲେଗ୍‌ରେ ଭାରତୀୟ ମହିଳା ଦଳର ୫ମ ପରାଜୟ

ଅନ୍ତୱେର୍ପ, ୨୧।୬ (ଏଜେନ୍ସି): ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ୟୁରୋପ୍ ଲେଗ୍‌ରେ ତଥାପି ବିଜୟ ହାସଲ କରିପାରି ନାହିଁ। ଶନିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୧-୫ ଗୋଲ୍‌ରେ ଶକ୍ତିଶାଳୀ ବେଲ୍‌ଜିୟମ ମହିଳା ହକି ଦଳ ନିକଟରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଦୀପିକା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ସେହିଭଳି ବେଲ୍‌ଜିୟମ ପାଇଁ ହେଲେନ ବ୍ରାଜେଅର୍ ୨ଟି ଏବଂ ଲୁସି ବ୍ରେନି, ଆମ୍ବ୍ରି ବାଲେଙ୍ଗଇନ ଓ ଚାର୍ଲୋଟେ ଏଙ୍ଗଲବେର୍ଟ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏହି ମ୍ୟାଚରେ ଭାରତ ୧୭ଟି ପେନାଲ୍ଟି କର୍ଣ୍ଣର ସୁଯୋଗ ବେଲ୍‌ଜିୟମକୁ ଦେଇଥିଲା। ଯାହାର ଫାଇଦା ଉଠାଇ ବେଲ୍‌ଜିୟମ ସହଜରେ ବିଜୟୀ ହୋଇଥିଲା। ଚଳିତ ୟୁରୋପ ଲେଗ୍‌ରେ ଭାରତୀୟ ମହିଳା ଦଳର ଏହା କ୍ରମାଗତ ୫ମ ପରଜାୟ। ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ନିକଟରୁ ଦୁଇଥର ଲେଖାଏ ପରାସ୍ତ ହୋଇଥିଲା। ରବିବାର ଭାରତ ପୁଣିଥରେ ବେଲ୍‌ଜିୟମ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅପରପକ୍ଷରେ ଶନିବାର ଭାରତୀୟ ପୁରୁଷ ହକି ଦଳ ମଧ୍ୟ ସମାନ ବେଲ୍‌ଜିୟମ ନିକଟରୁ ପରାସ୍ତ ହୋଇଛି। ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ବେଲ୍‌ଜିୟମ ପୁରୁଷ ଦଳ ୫-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ଚଳିତ ପ୍ରୋ ଲିଗ୍‌ରେ ଭାରତର ଏହା ୧୫ତମ ମ୍ୟାଚରୁ ୧୦ମ ପରାଜୟ ଥିଲା।

■ ଫିଡେ ଲାଇଭ ରେଟିଂ

# ଗୁକେଶଙ୍କୁ ପଛରେ ପକାଇ ଶ୍ରେଷ୍ଠ-୫ରେ ପ୍ରଜ୍ଞାନନ୍ଦ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଚେସ୍ ଗ୍ରାଣ୍ଡମାଷ୍ଟର ରମେଶ ବାବୁ ପ୍ରଜ୍ଞାନନ୍ଦ ଫିଡେ ଲାଇଭ ଚେସ୍ ରେଟିଂରେ ଶ୍ରେଷ୍ଠ-୫ରେ ପ୍ରବେଶ କରିଛନ୍ତି। ସେ ଏହି କ୍ରମରେ ବିଶ୍ୱ ଚାମ୍ପିଅନ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଡି ଗୁକେଶଙ୍କୁ ପଛରେ ପକାଇଛନ୍ତି। ଗୁକେଶ ଷଷ୍ଠ ସ୍ଥାନରେ ରହିଛନ୍ତି। ପ୍ରଜ୍ଞାନନ୍ଦଙ୍କ ଲାଇଭ ଚେସ୍ ରେଟିଂ ୨୭୭୭.୨ରେ ପହଞ୍ଚିଛି। ସେହିପରି ଗୁକେଶ ୨୭୭୬.୬ ପଏଣ୍ଟ ସହ ସାମାନ୍ୟ ପଛରେ ରହିଛନ୍ତି। ୧୯ ବର୍ଷୀୟ ପ୍ରଜ୍ଞାନନ୍ଦ ଏବେ ଉଜବେକିସ୍ତାନର ତାସକେଣ୍ଟରେ ଚାଲିଥିବା ଉଜଚେସ୍ କପ୍ ମାଷ୍ଟର୍ସରେ ଅଂଶଗ୍ରହଣ କରିଛନ୍ତି। ଫିଡେ ଲାଇଭ ଚେସ୍ ରେଟିଂର ଶ୍ରେଷ୍ଠ ୧୦ରେ ୩ ଜଣ ଭାରତୀୟ ସ୍ଥାନୀତ ହୋଇଛନ୍ତି। ପ୍ରଜ୍ଞାନନ୍ଦ ଓ ଗୁକେଶଙ୍କୁ ବାଦ୍ ଦେଲେ ୨୧ ବର୍ଷୀୟ ଭାରତର ଅର୍ଜୁନ ଏରିଗାଇସି ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହାପୂର୍ବରୁ ଗତଥର ପ୍ରକାଶିତ ରେଟିଂରେ ଶ୍ରେଷ୍ଠ-୧୦ରେ ୪ ଜଣ ଭାରତୀୟ ସାମିଲ ରହିଥିଲେ। ଅର୍ଜୁନ, ପ୍ରଜ୍ଞାନନ୍ଦ, ଗୁକେଶଙ୍କୁ ବାଦ୍ ଦେଲେ ଅରବିନ୍ଦ ଚିଦାମ୍ବରମ ଟପ୍-୧୦ରେ ସାମିଲ ଥିଲେ। ଏବେ ଅରବିନ୍ଦ ଟପ୍-୧୦ରୁ ବାଦ୍ ପଡି ୧୫ତମ ସ୍ଥାନକୁ ଖସିଛନ୍ତି।

# କିଟ୍‌ରେ ଯୋଗଦିବସ ପାଳିତ



ଭୁବନେଶ୍ୱର, ୨୧।୬ (ସମିସ): ଏଗାରତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଯୋଗର ଉପକାରିତା ଉପରେ ମତ ରଖିଥିଲେ। ଏଥିସହ ନିରନ୍ତର ଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍‌ର ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ଯୋଗିକ ସାଇନ୍ସର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସରଣଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

ଲିଡ୍ସ ଟେଷ୍ଟ ୨ୟ ଦିନ

# ପନ୍ତଙ୍କ ଶତକ ସତ୍ତ୍ୱେ ଭାରତ ୪୭୧ରେ ସୀମିତ

ଲିଡ୍ସ, ୨୧।୬ (ଏଜେନ୍ସି):

ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦ୍ୱିତୀୟ ଦିବସରେ ୱିକେଟ୍‌କିପର ଋଷଭ ପନ୍ତ ଦମ୍‌ଦାର ଶତକୀୟ ପାଳି ଖେଳିବାରୁ ଭାରତର ସ୍କୋର ୪୫୦ ରନ ଅତିକ୍ରମ କରିଥିଲା। ଭାରତୀୟ ପାଳିରେ ଏହା ୩ୟ ଶତକ ଥିଲା। ପୂର୍ବରୁ ପ୍ରଥମ ଦିବସରେ ଅଧିନାୟକ ଶୁବମନ ଗିଲ୍ ୧୪୭ ଓ ଓପନର୍ ଯଶସ୍ୱୀ ଜୟସ୍ୱାଲ ୧୦୧ ରନର ଶତକୀୟ ପାଳି ଖେଳିଥିଲେ।

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଶେଷ ଖବର ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୮୯ ରନ ସଂଗ୍ରହ କରିଛି। ବେନ୍ ଡକେଟ୍ ୪୫ ଓ ଓଲି ପୋପ୍ ୩୯ ରନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ପାଳିର ପ୍ରଥମ ଓଭରରେ ଓପନର୍ ଜାକ୍ କ୍ରାଉଲୀ ୪ ରନ କରିଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ବଲରେ ସ୍ଲିପ୍ ଅଞ୍ଚଳରେ କରୁନ ନାୟାରଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଡକେଟ୍ ଓ ପୋପ୍‌ଙ୍କ ମଧ୍ୟରେ ଅସମାପ୍ତ ଦ୍ୱିତୀୟ ୱିକେଟ୍‌ରେ ୮୫ ରନ ଭାଗୀଦାରି ହୋଇଛି।

## ୪୧ ରନରେ ଶେଷ ୭ ୱିକେଟ୍

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୯/୩ରୁ ଶନିବାର ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟକ ଗିଲ୍ ୧୨୭ ଓ ପନ୍ତ ୬୫ ରନରୁ ଆଜି ସକାଳେ ସତର୍କତାର ସହ ବ୍ୟାଟିଂ କରିଥିଲେ। ତେବେ ଅଧିନାୟକ ଗିଲ୍ ନିଜ ସ୍କୋରରେ ଆଉ ୨୦ ରନ ଯୋଡ଼ି ସ୍ପିନର ସୋଏବ ବସିରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ୧୪୭ ରନର ପାଳିରେ ସେ ୧୯ ଚୌକା ଓ ଗୋଟିଏ ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ପନ୍ତଙ୍କ ସହ ୪ର୍ଥ ୱିକେଟ୍‌ରେ ଗିଲ୍ ୨୦୯ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା କରୁନ ନାୟାର ସମ୍ପୂର୍ଣ୍ଣ ନିରାଶ କରିଥିଲେ। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଟେଷ୍ଟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା କରୁନ ଖାତା ଖୋଲିବା ପୂର୍ବରୁ ବେନ୍ ଷ୍ଟୋକ୍‌ଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ପରେ ପରେ ପନ୍ତ ମଧ୍ୟ ୧୩୪ ରନ କରି ଦ୍ରୁତ ବୋଲର ଜୋଶ ଟଙ୍ଗ୍‌ଙ୍କ ପ୍ରଥମ ଶିକାର ବନିଥିଲେ। ପନ୍ତ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ୬ ଛକା ମାରିଥିଲେ। ଏହାପରେ ଭାରତୀୟ ନିମ୍ନକ୍ରମର ବ୍ୟାଟିଂ ବିଫଳତା ଯୋଗୁ ଦଳ ୪୭୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୧୧, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୧ ରନ ଲେଖାଏ କରିଥିବାବେଳେ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଷ୍ଟୋକ୍ ଓ ଟଙ୍ଗ ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏକଦା ୪୩୦ ରନରେ ୩ ୱିକେଟ୍ ହରାଇଥିବା ଭାରତ ପରବର୍ତ୍ତୀ ୪୧ ରନରେ ଶେଷ ୭ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇଥିଲା। ଫଳରେ ୫୦୦ ରନ ଅତିକ୍ରମ କରିବାର ସୁଯୋଗକୁ ଦଳ ହରାଇଥିଲା। ସେହିଭଳି ଟେଷ୍ଟ ମ୍ୟାଚର ଗୋଟିଏ ପାଳିରେ ୩ଟି ଶତକ ସହ ସର୍ବନିମ୍ନ ଦଳୀୟ ସ୍କୋର କରିବାରେ ଏହା ଏକ ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୩ଜଣ ବ୍ୟାଟର୍‌ଙ୍କ ଶତକ ସତ୍ତ୍ୱେ ୪୭୫ ରନରେ ସୀମିତ ରହିଥିଲା।



ଚାରୋଟି ଲେଖାଏଁ ୱିକେଟ୍ ନେଇଥିବା ଇଂଲଣ୍ଡର ଜୋଶ ଟଙ୍ଗ୍ ଓ ବେନ୍ ଷ୍ଟୋକ୍

### ୧୪୮ ବର୍ଷ ଟେଷ୍ଟ ଇତିହାସରେ ପ୍ରଥମ

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଭାରତୀୟ ପାଳିରେ ୩ଟି ଶତକ ଦେଖିବାକୁ ମିଳିଥିଲା। ଅଧିନାୟକ ଗିଲ୍ ସର୍ବାଧିକ ୧୪୭ ରନ କରିଥିବାବେଳେ ଉପ-ଅଧିନାୟକ ଋଷଭ ପନ୍ତ ୧୩୪ ରନର ପାଳି ଖେଳିଥିଲେ। ସେହିଭଳି ଓପନର୍ ଯଶସ୍ୱୀ ଜୟସ୍ୱାଲ ମଧ୍ୟ ୧୦୧ ରନ କରିଥିଲେ। ତେବେ ଟେଷ୍ଟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଲାଗି ଏକବିରଳ ଘଟଣା ଦେଖିବାକୁ ମିଳିଛି। ଟେଷ୍ଟ କ୍ରିକେଟ୍‌ରେ ପ୍ରଥମଥର ଲାଗି ଅଧିନାୟକ ଓ ଉପ-ଅଧିନାୟକ ଭାବେ ପଦାର୍ପଣ କରି ପ୍ରଥମ ପାଳିରେ ଶତକ ହାସଲ କରିବାରେ ଉଭୟ ପ୍ରଥମ ଅଧିନାୟକ ଓ ଉପ-ଅଧିନାୟକ ଯୋଡ଼ି ହୋଇଛନ୍ତି। ଗିଲ୍ ଓ ପନ୍ତ ପ୍ରଥମଥର ଲାଗି ଯଥାକ୍ରମେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଓ ଉପ-ଅଧିନାୟକ ଭାର ଏହି ଟେଷ୍ଟରେ ସମ୍ଭାଳିଛନ୍ତି।

## ଶତକରେ ଧୋନିଙ୍କୁ ଟପିଲେ ଋଷଭ



ଶତକୀୟ ପାଳି ଅବସରରେ ଭାରତୀୟ ୱିକେଟ୍‌କିପର ଋଷଭ ପନ୍ତ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ପନ୍ତଙ୍କ ଏହା ୭ମ ଶତକ ଥିଲା। ଏଥିସହ ଭାରତୀୟ ୱିକେଟ୍‌କିପର ଭାବେ ଟେଷ୍ଟରେ ସର୍ବାଧିକ ଶତକ ଅର୍ଜନ କରିବାର ପନ୍ତ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ପଛରେ ପକାଇଦେଇଛନ୍ତି। ଧୋନି ୯୦ ଟେଷ୍ଟ ଖେଳି ୬ ଶତକ ଓ ୩୩ ଅର୍ଦ୍ଧଶତକ ହାସଲ କରିଥିଲେ। ପନ୍ତ କିନ୍ତୁ ନିଜର ୪୪ତମ ଟେଷ୍ଟ ମ୍ୟାଚରେ ୭ମ ଶତକ ଅର୍ଜନ କରିଛନ୍ତି। ଏଥିସହ ସେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ଭାରତୀୟ ୱିକେଟ୍‌କିପର ହୋଇଛନ୍ତି। ଏହି ତାଲିକାରେ ପନ୍ତ ଓ ଧୋନିଙ୍କ ପଛକୁ ରିଦ୍ଧିମାନ ଶାହ (୩ଟି ଶତକ) ୩ୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ଟେଷ୍ଟରେ ସର୍ବାଧିକ ଶତକ ହାସଲକରିଥିବା ୱିକେଟ୍‌କିପର ଭାବେ ଅଷ୍ଟ୍ରେଲିଆର ଆଦାମ ଗିଲ୍‌ଖ୍ରୀଷ୍ଟ ଶୀର୍ଷରେ ରହିଛନ୍ତି। ସେ ୧୭ଟି ଟେଷ୍ଟ ଶତକ ହାସଲ କରିଥିଲେ। ଆଣ୍ଡି ଫ୍ଲାୱାର (୧୨), ଲିସ୍ ଆମିସ୍ (୮), ଏବି ଡି ଭିଲର୍ସ (୭), ମ୍ୟାଟ୍ ପ୍ରାୟର (୭), କୁମାର ସାଙ୍ଗାକାରା (୭), ବିଜେ ୱାଟଲିଂ (୭) ଓ ପନ୍ତ (୭) ତାଲିକାରେ ପଛକୁ ସ୍ଥାନ ପାଇଛନ୍ତି।

# ଜୁନ ୨୩ରେ ଆଇଓସି ପାଳନ କରିବ 'ଲେଟ୍ସ ମୁଭ୍'

ଭୁବନେଶ୍ୱର, ୨୧।୬ (ସମିସ): ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ରିଲାଏନ୍ସ ଫାଉଣ୍ଡେସନ ସହ ସହଭାଗୀତାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ବିଶ୍ୱସ୍ତରୀୟ ଅଭିଯାନ 'ଲେଟ୍ସ ମୁଭ' ଜୁନ ୨୩ରେ ଭାରତରେ ପାଳିତ ହେବ। ଏହି ଦିନ ଅଲିମ୍ପିକ ଦିବସ ପଡୁଥିବାବେଳେ ଲେଟ୍ସ ମୁଭର ନୂତନ ସଂସ୍କରଣ 'ଲେଟ୍ସ ମୁଭ +୧' ସାରା ଦେଶରେ ପାଳନ କରାଯିବ। ସାରା ଦେଶର ଲୋକମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବୃଦ୍ଧି ପାଇଁ କ୍ରୀଡ଼ାର ଶକ୍ତିକୁ ଅନୁଭବ କରିବା ଏବର୍ଷର ବିଷୟବସ୍ତୁ ରହିଛି। ଅଲିମ୍ପିକ ମୂଲ୍ୟବୋଧର ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି)ର ଅଂଶ ଭାବରେ ସାରା ଦେଶର ସ୍କୁଲଗୁଡ଼ିକୁ ଏହି ଆନ୍ଦୋଳନରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି। ୧୪୫୦ ସ୍କୁଲର ପିଲା ଏଥିରେ ଭାଗନେଇ ଅଲିମ୍ପିଆନ ତଥା ପ୍ରସିଦ୍ଧ ତୀରନ୍ଦାଜ ଅତନୁ ଦାସ ଓ ଦୀପିକା କୁମାରୀଙ୍କ ସହ ଭାବବିନିମୟ କରିବାର ସୁଯୋଗ ପାଇବେ। ସେହିଭଳି ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ରହିଥିବା ଓଡ଼ିଶା, ଆସାମ, ଚଣ୍ଡିଗଡ଼ରେ ଏଥର ୧୨ ନିୟୁତରୁ ଊର୍ଦ୍ଧ୍ୱ ସ୍କୁଲ ପିଲା ଭାଗନେବେ ବୋଲି ଆଶା କରାଯାଉଛି। ଏହି ଅବସରରେ ୨୦୦୮ ବେଜିଂ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା କହିଛନ୍ତି, 'ଚଣ୍ଡିଗଡ଼, ଓଡ଼ିଶା ଓ ଆସାମରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଭାରତରେ ପ୍ରଥମଥର 'ଲେଟ୍ସ ମୁଭ' ଅଭିଯାନ ମାଧ୍ୟମରେ ଆମେ ଲକ୍ଷ୍ୟ ରଖିଛୁ କ୍ରୀଡ଼ା ଜରିଆରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା, ଉନ୍ନତି ଓ ସଶକ୍ତକରିପାରିବୁ।




# ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ନୀରଜଙ୍କ ବାଜିମାତ୍

### ୮୮.୧୬ମିଟର ସହ ବର୍ଷର ପ୍ରଥମ ମେଜର୍ ଟାଇଟଲ୍

ପ୍ୟାରିସ୍,୨୧।୬(ଏଜେନ୍ସି): ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ବାଜି ମାରିଛନ୍ତି। ୨୭ ବର୍ଷୀୟ ନୀରଜ ପ୍ରଥମ ରାଉଣ୍ଡରେ ୮୮.୧୬ ମିଟର ଜାଭେଲିନ୍ ଫିଙ୍ଗି ବିଜୟ ସୁନିଶ୍ଚିତ କରିଥିଲେ। ସେ ଜର୍ମାନୀର ଜିଲିଆନ ୱେବେରଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ୱେବେର ୮୭.୮୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ବ୍ରାଜିଲର ଲୁଇଜ୍ ମୌରିସିଓ ଡି ସଲ୍‌ଭା ୮୬.୬୨ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ମେ ୧୬ରେ ଅନୁଷ୍ଠିତ ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟରରେ ପ୍ରଥମଥର ପାଇଁ ୯୦ମି ପାର କରିଥିଲେ। ଏଥିରେ ସେ ୯୦.୨୩ ମିଟର ଥ୍ରୋ କରିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୱେବେର ୯୧.୦୬ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ଏବେ ପ୍ୟାରିସରେ ୱେବେରଙ୍କଠାରୁ ନୀରଜ ମଧୁର ପ୍ରତିଶୋଧ ନେଇଛନ୍ତି। ଏଥିସହ ସେ ଚଳିତ ବର୍ଷ ପ୍ରଥମଥର ପାଇଁ କୌଣସି ମେଜର ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ପୁଣି ଗତ ଦୁଇବର୍ଷ ମଧ୍ୟରେ ନୀରଜ ପ୍ରଥମଥର ପାଇଁ ଡାଇମଣ୍ଡ ଲିଗ୍‌ରେ ବିଜୟ ହାସଲ କରିଛନ୍ତି।




### ୩ଟି ପ୍ରୟାସ ଫାଉଲ ଥିଲା

ପ୍ୟାରିସ୍‌ରେ ୬ଟି ଥ୍ରୋରୁ ନୀରଜଙ୍କ ୩ଟି ଫାଉଲ୍ ଥିଲା। ସେ ପ୍ରଥମ ଥ୍ରୋରେ ହିଁ ୮୮.୧୬ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ୮୫.୧୦ ମିଟର ଥ୍ରୋ କରିଥିଲେ। ଏହାପରେ ତୃତୀୟ, ଚତୁର୍ଥ ଓ ୫ମ ରାଉଣ୍ଡ ଥ୍ରୋ ଫାଉଲ ଥିଲା। ଅନ୍ତିମ ତଥା ଷଷ୍ଠ ପ୍ରୟାସରେ ସେ ୮୨.୮୯ ମିଟର ଥ୍ରୋ କରିଥିଲେ। ଡାଇମଣ୍ଡ ଲିଗ୍‌ରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ୨୦୦୨ରେ ସେ ସ୍ୱର୍ଣ୍ଣ, ୨୦୨୩ ଓ ୨୦୨୪ରେ ରୌପ୍ୟ ପଦକ ହାସଲ କରିଥିଲେ। ବେଙ୍ଗାଲୁରୁରେ ଜୁଲାଇ ୫ରେ ଆୟୋଜନ ହୋବାକୁ ଯାଉଥିବା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ସେ ଅଂଶଗ୍ରହଣ କରିବେ।

ଗଲ୍‌ରେ ସାଣ୍ଟୋଙ୍କ ଦ୍ୱିତୀୟ ଶତକ

# ମାଥ୍ୟୁସଙ୍କ ବିଦାୟୀ ଟେଷ୍ଟ ଅମୀମାଂସିତ

ଗଲ,୨୧।୬(ଏଜେନ୍ସି):

ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ରହିଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୫୩. ୪ ଓଭରରେ ୪୯୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୩୧.୨ ଓଭରରେ ୪୮୫ ରନକରି ଆଉଟ ହୋଇ ୧୦ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ପଞ୍ଚମ ଦିବସରେ ୮୭ ଓଭରରେ ୬ ୱିକେଟ ହରାଇ ୨୮୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୨୯୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ମ୍ୟାଚ୍ ଶେଷ ହେବା ବେଳକୁ ୩୨ ଓଭରରେ ୪ ୱିକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। କାମିନ୍ଦୁ ମେଣ୍ଡିସ୍ ଓ ଅଧିନାୟକ ଧନଞ୍ଜୟ ଡିସିଲ୍‌ଭା ୧୨ ଲେଖାଏ ରନ୍ କରି ଅପରାଜିତ ରହିଥିଲେ। ଓପନର ପ୍ରଥମ ନିଶାଙ୍କା ୨୪ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବାଂଲାଦେଶର ତାଇଜୁଲ ଇସ୍‌ଲାମ ୩ ୱିକେଟ ନେଇଥିଲେ। ବର୍ଷା ଯୋଗୁ ୫ମ ଦିବସର ଖେଳ ବାଧାପ୍ରାପ୍ତ ହୋଇଥଲା। ପ୍ରଥମ ଇନିଂସରେ ୧୪୮ ଓ ଦ୍ୱିତୀୟରେ ଅପରାଜିତ ୧୨୫ ରନର ଶତକୀୟ ପାଳି ଖେଳିଥିବା ବାଂଲାଦେଶ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସିରିଜ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୨୫ ତାରିଖରୁ କଲମ୍ବୋରେ ଆରମ୍ଭ ହେବ। ଏହାପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ଟି-୨୦ ସିରିଜ ଖେଳାଯିବ।






ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଏହି ମ୍ୟାଚ୍ ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ହେବ ବୋଲି ୩୮ ବର୍ଷୀୟ ମାଥ୍ୟୁସ ପୂର୍ବରୁ ଘୋଷଣା କରିଥିଲେ। ଶନିବାର ସେ ଶ୍ରୀଲଙ୍କାର ୨ୟ ପାଳିରେ ୪୫ ବଲ୍ ସାମ୍ନା କରି ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ବିଦାୟୀ ପାଳିରେ ନିରାଶ କରିଥିଲେ ମଧ୍ୟ ମାଥ୍ୟୁସ ପ୍ୟାଭିଲିୟନ ଫେରିବାବେଳେ ଘରୋଇ ଦର୍ଶକଙ୍କ ସାମ୍ନାରେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ସମୟରେ ଫିଲ୍ଡରେ ଥିବା ବାଂଲାଦେଶ ଖେଳାଳିମାନେ ମାଥ୍ୟୁସଙ୍କ ନିକଟରୁ ଆସି ତାଙ୍କ ସହ ହାତ ମିଳାଇ ବିଦାୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗଲ୍ ଷ୍ଟାଡିୟମରେ ହିଁ ୨୦୦୯ରେ ପାକିସ୍ତାନ ବିପକ୍ଷରେ ଖେଳି ମାଥ୍ୟୁସ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ୧୧୮ ଟେଷ୍ଟ ମ୍ୟାଚ୍ ଖେଳି ସେ ୪୪.୪୦ ହାରରେ ୮୨୧୪ ରନ କରିଛନ୍ତି। ଯେଉଁଥିରେ ୧୬ ଶତକ ଓ ୪୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ମଧ୍ୟ ୩୩ ୱିକେଟ୍ ନେଇଛନ୍ତି।

■ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଭୁବନେଶ୍ୱର-ଏ ଓ କଟକ-ଏ ଫାଇନାଲ ଆଜି

କଟକ,୨୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱର-ଏ ଓ କଟକ-ଏ ପ୍ରବେଶ କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ରବିବାର ଫାଇନାଲ ମୁକାବିଲା ହେବ। ଶନିବାର ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ଼ ମଧ୍ୟରେ ମୁକାବିଲା ହୋଇଥିଲା। ଭୁବନେଶ୍ୱର-ଏ ୬ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଦଳ ୧୨୧ ରନରେ ଅଲଆଉଟ ହୋଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ସର୍ବାଧିକ ୩୫ ରନ କରିଥିଲେ। ସୁନ୍ଦରଗଡ଼ର ଓମ ବେହେରାଙ୍କୁ ୬ଟି ୱିକେଟ ମିଳିଥିଲା। ତେବେ ୧୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ସୁନ୍ଦରଗଡ଼ ୨୨.୨ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ ବିନିମୟରେ ୬୫ ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ଖେଳ ଆରମ୍ଭ ହୋଇ ନପାରିବା ଯୋଗୁଁ ଡିଏଲଏସ୍ ପଦ୍ଧତିରେ ଭୁବନେଶ୍ୱର-ଏକୁ ବିଜୟୀ ଘୋଷିତ କରାଯାଇଛି। ୧୫ ରନ ବ୍ୟୟ କରି ୩ ୱିକେଟ ସଫଳତା ପାଇଥିବା ବିଜୟୀ ଦଳର ପ୍ରଜ୍ଞା କୁମାର ପତ୍ରିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରେଭେନ୍ସା ଗ୍ରାଉଣ୍ଡରେ କଟକ-ଏ ଓ ଭୁବନେଶ୍ୱର-ବି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ନକଆଉଟ ପର୍ଯ୍ୟାୟ ପଏଣ୍ଟ ଆଧାରରେ କଟକ-ଏ'କୁ ବିଜୟୀ ଘୋଷିତ କରାଯାଇଛି।



ଓମ ବେହେରା



ପ୍ରଜ୍ଞା କୁମାର ପତ୍ରି

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS